


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୫ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 15 JULY 2021
Vol.No. 32 ■ No. 179 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କେଉଁ ଆଧାରରେ ବୋଲବମକୁ ଅନୁମତି ?

# ୟୁପି ଓ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ





ନୂଆଦିଲ୍ଲୀ,୧୪/୦୭: ଶ୍ରାବଣରେ ବୋଲବମ ଯାତ୍ରା ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ଅନୁମତି ଓ ଉତ୍ତରାଖଣ୍ଡ ସରକାରଙ୍କ ବାରଣ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । ମହାପ୍ରଭୁ ଶିବଙ୍କୁ କାଉଡିଆମାନେ ଜଳଲାଗି କରିବା ପାଇଁ ଯିବେ ନା ନାହିଁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଯିବାପରେ ଏହି ପ୍ରସଙ୍ଗରେ ନିଜଆଡୁ ହସ୍ତକ୍ଷେପ କରିଛନ୍ତି ସୁପ୍ରିମକୋର୍ଟ । ବିଚାରପତି ଜଷ୍ଟିସ ଆର ଏଫ ନରିମନ୍ ଓ ଜଷ୍ଟିସ ବି ଆର ଗଭାଇଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ସରକାରଙ୍କୁ ନୋଟିସ କରିଛନ୍ତି । ସେହିପରି କେନ୍ଦ୍ର ସରକାରଙ୍କୁ ମଧ୍ୟ ନିଜ ପକ୍ଷ ରଖିବା ପାଇଁ ନୋଟିସ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଗଣମାଧ୍ୟମରେ ପ୍ରକାଶ ପାଇଥିବା କିଛି ରିପୋର୍ଟ ଆଧାରରେ କୋର୍ଟ ଏହି ନୋଟିସ କରିବା ସହ ଆଗାମୀ ଶୁକ୍ରବାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । କୋର୍ଟ କହିଛନ୍ତି, ଦେଶରୁ କରୋନା ସଂକ୍ରମଣ କମିନାହିଁ । ସମ୍ଭାବ୍ୟ ତୃତୀୟ ଲହରକୁ ଏଡାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ବିଶେଷଜ୍ଞମାନେ ଭିଡ ନକରିବାକୁ ପରାମର୍ଶ ଦେଉଛନ୍ତି । ତେଣୁ କାଉଡିଆଙ୍କ ବୋଲବମ ଯାତ୍ରାକୁ ଅନୁମତି ଦେବା କିମ୍ବା କଟକଣା ଲଗାଇବା ପଛରେ ସଂପୃକ୍ତ ସରକାରଙ୍କ ମତ କଣ, ତାହା ଜାଣିବାକୁ ଚାହିଁଛନ୍ତି କୋର୍ଟ । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ଭାରତୀୟ ଡାକ୍ତର ସଂଘର ଚିଠି ପରେ ବୋଲବମ୍ ଯାତ୍ରାକୁ ବାରଣ କରିଛନ୍ତି ଉତ୍ତରାଖଣ୍ଡ ସରକାର । ହେଲେ ଆଗାମୀ ସପ୍ତାହରୁ ରାଜ୍ୟରେ ବୋଲବମ୍ ଯାତ୍ରାକୁ ଅନୁମତି ଦେଇଛନ୍ତି ଉତ୍ତରପ୍ରଦେଶ ସରକାର । ଆମ ରାଜ୍ୟରେ ମଧ୍ୟ ବୋଲବମ ଯାତ୍ରା ହୋଇପାରିବ ନାହିଁ ବୋଲି ସରକାରଙ୍କ କଡା ନିର୍ଦ୍ଦେଶ ରହିଛି । ଏବେ ମାମଲା ସୁପ୍ରିମକୋର୍ଟରେ ଥିବାରୁ କୋର୍ଟଙ୍କ ରାୟ ଉପରେ ନିର୍ଭର କରୁଛି ବୋଲବମ ଯାତ୍ରାକୁ ନେଇ କଣ ହେବ ନିଷ୍ପତ୍ତି ।

## ଜମ୍ମୁ କାଶ୍ମୀରରେ ସେନାକୁ ବଡ ସଫଳତା

# ଏନକାଉଣ୍ଟର କରି ନିପାତ କଲା ୩ ଆତଙ୍କୀ



ଜମ୍ମୁ-କାଶ୍ମୀର,୧୪/୦୭ (ନି.ପ୍ର): ଜମ୍ମୁ-କାଶ୍ମୀର ପୁଲଓ୍ୱାମା ସେକ୍ଟରରେ ସେନାକୁ ମିଳିଛି ବଡ ସଫଳତା । ମଙ୍ଗଳବାର ବିଳମ୍ବିତ ରାତିରେ ଏନକାଉଣ୍ଟର କରି ୩ ଆତଙ୍କୀଙ୍କୁ ନିପାତ କରିଛି କାଶ୍ମୀର ସୁରକ୍ଷାବଳ । ଏହି ୩ ଆତଙ୍କବାଦୀଙ୍କ ମଧ୍ୟରେ ପାକିସ୍ତାନର ଆତଙ୍କବାଦୀ ଅନୁଷ୍ଠାନ ଲସ୍କର-ଇ-ତୋଇବାର କମାଣ୍ଡର ଐଜାଜ୍ ଆଲିଆସ ଅବୁ ହୁରୈରା ମଧ୍ୟ ନିପାତ ହୋଇଛି । ଐଜାଜ୍ କିଛି ଦିନ ଆଗରୁ ଲୁଚିକି ସୀମା ଆରପାରିରୁ ଆସି କାଶ୍ମୀରର ପୁଲଓ୍ୱାମା ସେକ୍ଟରରେ ଲୁଚି ରହିଥିଲା । ଆଉ ଏଠାରେ ଆତଙ୍କରାଜ ଖେଳାଇବା ପାଇଁ ଷଡଯନ୍ତ୍ର ରଚୁଥିଲା । ତେବେ ସେନାର ଏନକାଉଣ୍ଟର ବେଳେ ଐଜାଜର ମୃତ୍ୟୁ ହୋଇଛି । ମଙ୍ଗଳବାର ପୁଲଓ୍ୱାମା ସେକ୍ଟରରେ କିଛି ଆତଙ୍କବାଦୀ ଲୁଚି ରହିଥିବା ସ୍ଥାନୀୟ ପୋଲିସକୁ ସୂଚନା ମିଳିଥିଲା । ସ୍ଥାନୀୟ ପୁଲିସ ସେନାର ସହାୟତାରେ ସେଠାରେ ଆରମ୍ଭ କରିଥିଲା ସର୍ଚ୍ଚ ଅପରେସନ୍ । ଅପରେସନ୍ ବେଳେ ଆତଙ୍କବାଦୀମାନେ ପ୍ରଥମେ ସୁରକ୍ଷାକର୍ମୀଙ୍କ ଉପରକୁ ଫାୟାରିଂ କରିଥିଲେ । ଜବାବରେ ସେନା ତରଫରୁ ମଧ୍ୟ ଗୁଳି ଚାଳନା ହୋଇଥିଲା । ଅନେକ ସମୟ ଧରି ଉଭୟ ପଟୁ ଗୁଳିବିନିମୟ ପରେ ୩ଜଣ ଆତଙ୍କବାଦୀ ନିପାତ ହୋଇଥିବା ସୂଚନା ମିଳିଛି । ମୃତକଙ୍କ ମଧ୍ୟରେ ୨ଜଣ ଅଜ୍ଞାତ ଆତଙ୍କବାଦୀ ରହିଛନ୍ତି । ଘାଟିରୁ ଆତଙ୍କବାଦର ମୂଳପୋଛ ପାଇଁ ସେନାର ଅପରେସନ୍ ଜାରି ରହିଛି । ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ସ୍ଥାନରେ ସେନା ତରଫରୁ ଚଢାଉ କରାଯାଉଛି । ଯେଉଁଥିରେ ଅନେକ ଆତଙ୍କୀ ନିପାତ ହେଉଛନ୍ତି ଆଉ ଅନେକ ପୋଲିସ ନିକଟରେ ଆତ୍ମ ସମର୍ପଣ କରୁଛନ୍ତି ।

## ଗୁରୁବାର ଠାରୁ ଖରିଫ ଧାନସଂଗ୍ରହ ପାଇଁ ପଂଜୀକରଣ


ଭୁବନେଶ୍ୱର,୧୪/୦୭ (ନି.ପ୍ର): ଚଳିତ ଖରିଫରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନସଂଗ୍ରହ ନିମନ୍ତେ ଅନ୍ଲାଇନ୍ ମାଧ୍ୟମରେ ଚାଷୀମାନଙ୍କର ନାମ ପଂଜୀକରଣ କାର୍ଯ୍ୟ ଜୁଲାଇ ୧୫ ତାରିଖରୁ ଆରମ୍ଭ ହେବ । ଏହା ଅଗଷ୍ଟ ମାସ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଖରିଫ ଧାନ ବିକ୍ରି ନିମନ୍ତେ ଇଚ୍ଛୁକ ସମସ୍ତ ଚାଷୀଙ୍କୁ ସାନି ନାମ ପଂଜୀକରଣ କରିବାକୁ ପଡ଼ିବ । ପୂର୍ବ ପଂଜୀକରଣ ନବୀକରଣ ହେବ ନାହିଁ । ଚାଷୀମାନଙ୍କୁ ସେମାନଙ୍କର ଜମିଜମା, ବ୍ୟାଙ୍କ ଆକାଉଂଟ, ଆଧାର କାର୍ଡ, ମୋବାଇଲ୍ ନମ୍ବର ଆଦି ସମସ୍ତ ତଥ୍ୟ ଦାଖଲ କରବାକୁ ପଡ଼ିବ । ଯେଉଁ ଚାଷୀମାନେ ଚଳିତ ଖରିଫରେ ସେମାନଙ୍କର ବଳକା ଧାନ ସରକାରଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିବାକୁ ଇଚ୍ଛୁକ ସେମାନଙ୍କୁ ନିକଟବର୍ତୀ ସୋସାଇଟିରେ ନାମ ପଂଜୀକରଣ କରିବାକୁ ପଡ଼ିବ ।

## ମୁକ୍ତ ହେଲା କୁନିଝିଅକୁ କାମୁଡ଼ିଥିବା ନାଗସାପ

ଭୁବନେଶ୍ୱର,୧୪/୦୭(ନି.ପ୍ର): ବନ୍ଦୀରୁ ମୁକ୍ତ ହେଲା ନାଗସାପ । ନବରଙ୍ଗପୁରରେ କୁନି ଝିଅକୁ କାମୁଡିଥିବା ସାପ ଶେଷରେ ମୁକ୍ତ ହୋଇଛି । ଖବର ପ୍ରସାରଣ ପରେ ବନ ବିଭାଗ ସାପଟିକୁ ଉଦ୍ଧାର କରି ପାଖ ଜଙ୍ଗଲରେ ଛାଡି ଦେଇଛି । ତେବେ ସାପଟିକୁ ଚିକିତ୍ସା ପାଇଁ ନେଇଯାଉଥିବାବେଳେ ଅଧବାଟରେ ଛାଡି ଦେଇଥିବା ଜଣାପଡିଛି । ସେପଟେ କୁନି ଝିଅର ଯନ୍ତ୍ରଣା ଖବର ପ୍ରସାରଣ ପରେ ତତ୍ପରତା ଦେଖାଇଥିଲା ନବରଙ୍ଗପୁର ଜିଲ୍ଲା ପ୍ରଶାସନ । ବିଷଧର ସାପ କାମୁଡିବା ପରେ ଝିଅଟିର ଡାହାଣ ହାତ ପଚି ନଷ୍ଟ ହେବାକୁ ବସିଛି । ହେଲେ, ପରିବାରର ଆର୍ଥିକ ସ୍ଥିତି ଝିଅର ଚିକିତ୍ସା ପାଇଁ ବାଧକ ସାଜିଥିବା ଓ ଭାଗ୍ୟକୁ ▶▶ପୃଷ୍ଠା ୭

# ୨୦୩୦ ସୁଦ୍ଧା ଓଡିଶାକୁ ଦେଶର ଇସ୍ପାତ ହବ୍ କରାଯିବ : ମୁଖ୍ୟମନ୍ତ୍ରୀ

## ଢେଙ୍କାନାଳର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୩୦୦ ଶଯ୍ୟା ବିଶିଷ୍ଟ କରାଯିବ



ଭୁବନେଶ୍ୱର,୧୪/୦୭ (ନି.ପ୍ର): ୨୦୩୦ ସୁଦ୍ଧା ରାଜ୍ୟରେ ଇସ୍ପାତ ଉତ୍ପାଦନ ୧୦୦ ମିଲିଅନ ଟନ୍‌ରେ ପହଂଚିବ। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି, ଯାହାଦ୍ୱାରା କି ରାଜ୍ୟରେ ପୁଞ୍ଜି ବିନିଯୋଗ ବଢ଼ିଛି । କୋଭିଡ ସତ୍ତ୍ୱେ, ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ପୁଞ୍ଜି ବିନିଯୋଗ ୪.୪୧ ଲକ୍ଷକୁ ବୃଦ୍ଧି ପାଇଛି । ନିକଟରେ ରାଜ୍ୟ ସରକାର ଓଡିଶାରେ ୧ ଲକ୍ଷ ୪୭ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗକୁ ଅନୁମୋଦନ କରିଛନ୍ତି । ଏଥିରେ ମୁଖ୍ୟତଃ ଇସ୍ପାତ ଶିଳ୍ପ ହିଁ ରହିଛି । ଏହି ପ୍ରକଳ୍ପ ମଧ୍ୟରେ ୧୧ ହଜାର କୋଟି ଟଙ୍କାର ଢେଙ୍କାନାଳ ରୁଙ୍ଗଟା ମାଇନ୍‌ସ ଲିମିଟେଡର ସମନ୍ୱିତ ଇସ୍ପାତ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପରୁ ବର୍ତମାନ ୩ ମିଲିଅନ ଟନ୍ ଇସ୍ପାତ ଉତ୍ପାଦନ ହେଉଥିବା ବେଳେ, ବର୍ତମାନ ଏଥିରୁ ୭.୫୫ ମିଲିଅନ ଟନ୍ ଇସ୍ପାତ ଉତ୍ପାଦିତ ହେବ । ଏହି ସଂପ୍ରସାରିତ ପ୍ରକଳ୍ପ ଢେଙ୍କାନାଳ ଜିଲ୍ଲାରେ ଖୁସି ଆଣିଛି । ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ଲୋକପ୍ରତିନିଧି ମାନଙ୍କୁ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଢେଙ୍କାନାଳ ଜିଲ୍ଲାବାସୀଙ୍କ ଧନ୍ୟବାଦର ଉତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଢେଙ୍କାନାଳ ଜିଲ୍ଲା ପ୍ରଭୁ ଚନ୍ଦ୍ରଶେଖରଙ୍କ ପୀଠ ତଥା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପାଇଁ ପ୍ରସିଦ୍ଧ । ଢେଙ୍କାନାଳର ଖଣିଜ ସଂପଦର ବିନିଯୋଗ କରି ଏହାକୁ ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବରେ ଗଢିତୋଳିବା ତାଙ୍କର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏ ଦିଗରେ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

# ପଞ୍ଚାୟତ ନିର୍ବାଚନ ପାଇଁ ଭିତିରିଆ ଚାଲିଛି ପ୍ରସ୍ତୁତି

## ସୀମା ପୁନଃ ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ଉପରେ ପଞ୍ଚାୟତିରାଜ ବିଭାଗ ନେଉଛି ପଦକ୍ଷେପ

ଭୁବନେଶ୍ୱର,୧୪/୦୭(ନି.ପ୍ର): ରାଜନୈତିକ ପାଣିପାଗକୁ ଦେଖି ଅନୁମାନ କରାଯାଉଛି ୨୦୨୨ ଆରମ୍ଭରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇପାରେ । କାହିଁକି ନା, ୨ ଦିନ ହେଲା ବିଜେଡି ସୁପ୍ରିମୋ ଦଳର ବିଧାୟକ ଓ ବରିଷ୍ଠ ନେତା ଓ ମନ୍ତ୍ରୀଙ୍କୁ ନେଇ ମାରାଥନ ବୈଠକ କରୁଛନ୍ତି । ଆଉ ସୂଚନା ଅନୁସାରେ ନେତାଙ୍କୁ ତୃଣମୂଳ ସ୍ତରରେ ପ୍ରସ୍ତୁତ ହେବା ପାଇଁ କହିଛନ୍ତି ସୁପ୍ରିମୋ । ତେବେ ପଞ୍ଚାୟତ ନିର୍ବାଚନକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା । କାରଣ, ଆସନ ସଂରକ୍ଷଣ ଓ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାକୁ ପଞ୍ଚାୟତିରାଜ ବିଭାଗ ଆଗକୁ ବଢାଇନଥିଲା । ଏନେଇ ରାଜ୍ୟ ନିର୍ବାଚନ କମିଶନ, ବିଭାଗକୁ ୩ ଥର ମଧ୍ୟ ଚିଠି ଲେଖିଥିଲେ ବି, କୌଣସି ଜବାବ ମିଳୁନଥିଲା । ହେଲେ ଦୁଇ ଦିନ ତଳେ ହଠାତ୍ ସକ୍ରିୟ ହୋଇ ଏହି ଚିଠିର ଜବାବ ରଖିଛି ପଞ୍ଚାୟତିରାଜ ବିଭାଗ । ଫେବୃଆରୀ ମାସ ୨୦୨୨ରେ ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟକାଳ ସରୁଛି । ଅନ୍ୟପଟେ ପଞ୍ଚାୟତ ନିର୍ବାଚନ ନେଇ ବିଜେଡି ଆଗୁଆ ପ୍ରସ୍ତୁତି କରୁଥିବା ଚର୍ଚ୍ଚା ହେଉଛି । ପ୍ରଥମେ ଜିଲ୍ଲା ସ୍ତରରେ ପର୍ଯ୍ୟବେକ୍ଷକ ବଦଳିଲେ, ନୂଆ କାର୍ଯ୍ୟାଳୟ ପାଇଁ ଭିତିପ୍ରସ୍ତର ସ୍ଥାପନ ସହ ନେତା, ମନ୍ତ୍ରୀ, ବିଧାୟକଙ୍କ ସହ ନବୀନଙ୍କ ଆଲୋଚନା ଏସବୁର ଏକ ସଂକେତ ଦେଉଛି । କୁହାଯାଉଛି, ବିଜେଡି ଭିତରେ ଭିତରେ ତାର ପ୍ରସ୍ତୁତି ଚଲାଇଛି, ଆଉ ଉପରକୁ ବାର୍ତ୍ତା ଦିଆଯାଉଛି, ଯେ କରୋନା ସମୟ ଥିବାରୁ ନିର୍ବାଚନକୁ ଗୁରୁତ୍ୱ ଦିଆଯାଉ ନାହିଁ । ଆଉ ସଠିକ ସମୟରେ କାର୍ଡ ଖୋଲି ବିରୋଧୀଙ୍କୁ ଚେକ୍ ଦେବାକୁ ରଣନୀତି କରୁଛି ଦଳ । ପୂର୍ବରୁ ଅର୍ବାନ ଇଲେକ୍ସନ କରିବା ପାଇଁ ଆଗ୍ରହ ନଦେଖାଇବା କାରଣରୁ ▶▶ପୃଷ୍ଠା ୭

# ବ୍ରାଉନସୁଗାର ଜାଲରେ ଛନ୍ଦି ହୋଇଗଲାଣି ଭୁବନେଶ୍ୱର

## ୩୫ ଲକ୍ଷ ଟଙ୍କା ନଗଦ ଓ ୫୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କଲା କମିଶନରେଟ ପୁଲିସ



ଭୁବନେଶ୍ୱର,୧୪/୦୭(ନି.ପ୍ର): ଭୁବନେଶ୍ୱର କେଶୁରା ଅଞ୍ଚଳର ଜଣେ ମହିଳାଙ୍କ ଘର ଭିତରୁ ୫୫୦ ଗ୍ରାମର ବ୍ରାଉନସୁଗାର ଓ ନଗର ୩୪ ଲକ୍ଷ ୮୦ ହଜାର ଟଙ୍କା ଜବତ ଘଟଣା ପୁଣି ପ୍ରମାଣିତ କରିଛି ରାଜଧାନୀରେ ବେଧଡକ ଭାବେ ବଢିଚାଲିଛି ନିଶା କାରବାର । କାହାକୁ ଯେମିତି କୌଣସି ସୁରାକ ନ ମିଳେ ତାକୁ ଆଧାର କରି ଏକ ଭଡାଘରେ ଚାଲିଥିଲା ଧଳାଜହର କାରବାର । ତେବେ ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫୫ ଲକ୍ଷ ଟଙ୍କା ହେବ ଏବଂ ଏହି ଘଟଣାରେ ପାଖାପାଖି କୋଟିଏ ଟଙ୍କାର କାରବାରର ପର୍ଦ୍ଦାଫାସ କରାଯାଇଛି । ଧଳାଜହର କାରବାରରେ ଜଣେ ମହିଳାଙ୍କ ସମେତ ୨ ବ୍ରାଉନ ସୁଗାର ବେପାରୀ ଗିରଫ ହୋଇଛନ୍ତି ଓ ଅନ୍ୟଜଣେ ଫେରାର ହୋଇଯାଇଛି । ଘଟଣାରେ ଗୋଟିଏ କାର, ୨ଟି ବାଇକ ଜବତ ▶▶ପୃଷ୍ଠା ୭

## କଟକ ଫ୍ୟାମିଲି କୋର୍ଟରେ ହାଜର ହେଲେ ବର୍ଷା ଓ ଅନୁଭବ

ଭୁବନେଶ୍ୱର,୧୪/୦୭(ନି.ପ୍ର): ପୁଣି କୋର୍ଟରେ ହାଜର ହେଲେ ଉଭୟ ବର୍ଷା ଓ ଅନୁଭବ । ପାରିବାରିକ ବିବାଦ ଓ ବିବାହ ବିଚ୍ଛେଦ ମାମଲା ନେଇ ଉଭୟ କୋର୍ଟଙ୍କ ଆଶ୍ରୟ ନେଇଛନ୍ତି । ଆଜି ଉଭୟଙ୍କୁ ବିବାଦର ବୁଝାମଣା ପାଇଁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଥିଲା । ଆଗରୁ ଉଭୟ କୋର୍ଟରେ ହାଜର ହୋଇଥିଲେ ସୁଦ୍ଧା ଏଯାଏଁ ବିବାଦର ସମାଧାନ ବାହାରିପାରିନାହିଁ ।

# ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ଅନୁଷ୍ଠିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ,୧୪/୦୭ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ଅନୁଷ୍ଠିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଛନ୍ତି । ସେ ଏହି ଅବସରରେ ପାର୍ଟୀ କାର୍ଯକର୍ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକୁ ଜନଜାଗରଣରେ ପରିଣତ କରିବାକୁ ଆହ୍ୱାନ ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ଅନୁଷ୍ଠିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ କାର୍ଯ୍ୟକର୍ତା ମାନଙ୍କୁ ବୁଥ ସ୍ତରର ସମିତିକୁ'ନରେନ୍ଦ୍ର ମୋଦି ମିତ୍ର ମଣ୍ଡଳି' ନାଁରେ ନାମିତ କରି ଏହାକୁ ▶▶ପୃଷ୍ଠା ୭

# ରାଜ୍ୟରେ ୪ ଜିଲ୍ଲାକୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୪/୦୭(ନି.ପ୍ର): ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ୪ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଆଦି ରହିଛି। ଏସବୁ ଜିଲ୍ଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, କଟକ ଓ ଯାଜପୁର ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। କାଳବୈଶାଖୀ ପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ବି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୫ରୁ ୧୭ ତାରିଖ ମଧ୍ୟରେ କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବା ବେଳେ ୧୭ରୁ ୧୯ ତାରିଖ ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଯାବତ ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୩୪.୪ଡିଗ୍ରି ସେଲସିୟସ ଥିବା ବେଳେ ଫୁଲବାଣୀରେ ୧୭.୫ଡିଗ୍ରି ସେଲସିୟସ ସର୍ବନିମ୍ନ ତାପମାତ୍ରା ରହିଛି।

# କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ୨୮%କୁ ବୃଦ୍ଧି କଲେ ସରକାର



ଭୁବନେଶ୍ୱର,୧୪/୦୭(ନି.ପ୍ର): ବୁଧବାର କେନ୍ଦ୍ର କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ମହଙ୍ଗା ଭତ୍ତା (ଡିଏ)କୁ ୧୭ ପ୍ରତିଶତରୁ ୨୮ ପ୍ରତିଶତ ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି। ସୂତ୍ରରୁ ଏହା ଜଣାପଡିଛି ଯେ, ଗତ ବର୍ଷ ଏହାକୁ ବନ୍ଦ କରାଯିବା ପରେ କେନ୍ଦ୍ର କ୍ୟାବିନେଟ୍ ଚଳିତ ବର୍ଷ ଡିଏ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଲକ୍ଷ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ, ଯେଉଁମାନେ ମାସ ମାସ ଧରି ଏହି ଘୋଷଣାକୁ ଅପେକ୍ଷା କରିଥିଲେ ସେମାନଙ୍କ ପାଇଁ ଏହା ନିଶ୍ଚିତ ଭାବରେ ଏକ ଖୁସି ଖବର । ଯଦିଓ ଏହି ବୃଦ୍ଧିକୁ କ୍ୟାବିନେଟ ଅନୁମୋଦନ କରିଛି, ତଥାପି କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ସେପଟେମ୍ବରରୁ ଏହି ଡିଏର ଲାଭ ପାଇବେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କ୍ୟାବିନେଟ୍ ଅନୁମୋଦନ ପୂର୍ବରୁ ତିନିଟି ଡିଏ କିସ୍ତି ବାକି ରହିଥିଲା ବୋଲି ଜଣାପଡ଼ିଛି । ଗତ ବର୍ଷରୁ ଗୋଟିଏ ଏବଂ ଚଳିତ ବର୍ଷ ଦୁଇଟି କିସ୍ତି ବାକିଥିବା ଜଣାଯାଇଛି । ଆଜି ତିନିଟି ବିଚାରାଧୀନ କିସ୍ତିର ଅଂଶ ଭାବରେ ୧୧ ପ୍ରତିଶତ ଡିଏ ବୃଦ୍ଧିକୁ ଅନୁମୋଦନ କରାଯାଇଛି । ସପ୍ତମ ବେତନ କମିସନ ଅଧୀନରେ ମହଙ୍ଗା ଭତ୍ତା ଜୁଲାଇରେ ପୁନଃ ସ୍ଥାପିତ ହେବ ବୋଲି ଅନେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଆଜି ଏହାକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି ।

## ତୈଳ ଦର ବୃଦ୍ଧି ପ୍ରତିବାଦରେ ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ସାଇକେଲ ର୍‍ୟାଲି

ଧର୍ମଶାଳା,୧୪/୭ (ନି.ପ୍ର): ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଇବା ତେଲ ଦର ବୃଦ୍ଧି ବିରୋଧରେ ଆଜି ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି । ଯାଜପୁର ଜିଲା ସଂଯୋଜକ ଅଶ୍ୱିନୀ କୁମାରଙ୍କ ନେତୃତ୍ୱରେ ଛତ୍ରମାନେ ଆଜି ଏକତ୍ର ହୋଇ ତୈଳ ଦର ବୃଦ୍ଧି ପ୍ରତିବାଦ କରି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅରାବଳ ପଂଚାୟତରୁ ଏକ ସାଇକେଲ ର୍‍ୟାଲିରେ ବାହାରି ବନ୍ଧଡିହ,ବ୍ରହ୍ମବରଦା ଓ ଭଗବାନପୁର ଆଦି ଅଂଚଳ ପରିକ୍ରମା କରି ପ୍ଲାକାର୍ଡ ଧରି ପ୍ରତିବାଦ କରିଛନ୍ତି । ଶେଷରେ ବ୍ରହ୍ମବରଦାଠାରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ପଂହଚି ଏହାକୁ ଘୋର ବିରୋଧ କରିଥିଲେ । ପ୍ରସନ୍ନଜିତ ମହାରଣା,ଦିନବନ୍ଧୁ ଦାସ,ସୁମନ ସାହୁ, ଅସିତ କୁମାର ସାମଲ, ଜଗନ ଦାସ, ପପୁନି ଦାସ, ଟିକୁ ବେହେରା, ରାଜା ସ୍ୱାଇଁ, ସିଦ୍ଧାନ୍ତ ବେହେରା ଓ ରାଜା ପ୍ରମୁଖ ଏହି ସାଇକେଲ ର୍‍ୟାଲିରେ ବାହାରି ପ୍ରତିବାଦରେ ସାମିଲ ହୋଇଥିଲେ ।

## ଚାଲାଣ ପୂର୍ବରୁ ୬୨ ଗୋରୁ ଜବତ : ମାମଲା ରୁଜୁ କଲା ପୁଲିସ

କୋରେଇ,୧୪/୭ (ନି.ପ୍ର): ବେଆଇନ ଚାଲାଣ ହେବାକୁ ଥିବା ୬୨ ଗୋରୁଙ୍କୁ ପାଣିକୋଇଲି ପୁଲିସ ଜବତ କରିବାରେ ସକ୍ଷମ ହୋଇଛି । ଚଢ଼ଉ ସମୟରେ ଘଟଣାସ୍ଥଳରୁ ବେପାରୀ ଦ୍ୱୟ ଫେରାର ହୋଇଥିବା ବେଳେ ପୁଲିସ ଗୋରୁଙ୍କୁ ଜବତ କରିବା ସହ ଏ ସଂକ୍ରାନ୍ତରେ ଏକ ମାମଲା ୨୦୨/୨୧ ରେ ରୁଜୁ କରି ତଦନ୍ତ ଜାରି ରଖିଛି । ପ୍ରକାଶଯେ, ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁର ହାଟ ଗୋରୁ ବେପାରୀଙ୍କ ଭୁସ୍ୱର୍ଗ ପାଲଟିଛି । ଖରସ୍ରୋତା ନଦୀର ସାହାପୁର ବ୍ରିଜ ତଳେ ବେଆଇନ ଭାବେ ଗୋରୁ ଗୁଡିକୁ ଗଚ୍ଛିତ ରଖି ଚାଲାଣ କରାଯାଉଛି । କୋରାଇ ଥାନା ଅନ୍ତର୍ଗତ ସାଦକପୁର ଅଂଚଳର ସେକ ଜଲାଲର ୪୦ଟି ଓ ଭଦ୍ରକ ପୁରୁଣା ବଜାର ଅଂଚଳର କାଜୁ ୨୨ଟି ଗୋରୁ ସହ ୨ ବେପାରୀ ବେଆଇନ ଗୋରୁ ଗଚ୍ଛିତ ରଖିଥିବା ନେଇ ପୁଲିସ ଖବର ପାଇଥିଲା । ଏସଆଇ ଚିନ୍ମୟ ବେହରା ଏନେଇ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି । ପ୍ରକାଶ ଥାଉକି, ସାହାପୁର ଗୋରୁ ହାଟ ଆଳରେ ପ୍ରତି ପାଳିରେ ଓ ବିଭିନ୍ନ ସମୟରେ ସେଠାରେ ଗୋରୁ ଗଚ୍ଛିତ ରଖାଯାଇ ବେଆଇନ ଚାଲାଣ କରାଯାଉଛି । ରାଜପଥ କଡରେ ଏହି ହାଟ ପଡୁଥିବାରୁ ଅନ୍ୟାୟାସରେ ରାତ୍ରିରେ ଟ୍ରକ୍ ଓ ପିକଅପ୍ ଭ୍ୟାନ୍ ଯୋଗେ କଲିକତାକୁ ଗୋ ଚାଲାଣ କରାଯାଉଛି ।

## ବ୍ରହ୍ମପୁର ରେଳ ଷ୍ଟେସନରୁ ୧୭.୪ କେଜି ଗଞ୍ଜେଇ ଜବତ : ୨ ଗିରଫ

ଗଞ୍ଜାମ,୧୪/୭ (ନି.ପ୍ର): ଗତକାଲି ରାତିରେ ବ୍ରହ୍ମପୁର ରେଳ ଷ୍ଟେସନରେ ଜିଆରପି ପୋଲିସ ୧୭.୪ କେ.ଜି. ଗଞ୍ଜେଇ ଜବତ କରିଛି । ଧରାକୋଟ ବ୍ଲକ୍ ଅନ୍ତର୍ଗତ ବାଲିଗୁଡ଼ାର ଶ୍ରୀଧର ନାୟକ, ପୋଲସରା ଗ୍ରାମର ଚିତ୍ତୁ ଗଉଡକୁ ଗିରଫ କରାଯାଇଛି । ଜିଆରପି ଇନ୍ସପେକ୍ଟର ଦିଲ୍ଲୀପ କୁମାର ଅଭିଯୁକ୍ତ ଦୁଇ ଜଣ ଦୁଇଟି ବ୍ୟାଗ୍ ରେ ଗଞ୍ଜେଇ ଧରି ପ୍ଲାଟଫର୍ମରେ ବୁଲୁଥିବା ବେଳେ ସନ୍ଦେହ ହେବାରୁ ସେମାନଙ୍କୁ ତନଖି କରିଥିଲେ । ଯାଂଚ୍ ସେମାନଙ୍କ ବ୍ୟାଗ୍‌ରୁ ଗଞ୍ଜେଇ ଜବତ ହୋଇଥିଲା । ପୁରୀ- ଓଖା ଏକ୍ସପ୍ରେସରେ ସୁରଟ ଯିବାକୁ ଏହି ଦୁଇ ଅଭିଯୁକ୍ତ ଟ୍ରେନକୁ ଅପେକ୍ଷା କରିଥିଲେ । ଗିରଫ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ବହୁ ଚର୍ଚ୍ଚିତ ଦଧିମାଛଗାଡ଼ିଆ ଲାଲା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ : ଗୋଟିଏ ପିସ୍ତଲ, ୪ଜୀବନ୍ତ ଗୁଳି ଜବତ

ଖୋର୍ଦ୍ଧା,୧୪/୭ (ନି.ପ୍ର): ବହୁ ଚର୍ଚ୍ଚିତ ଦଧିମାଛଗାଡ଼ିଆ ଲାଲା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବଳରାମ ଦଳେଇକୁ ସଦର ପୁଲିସ ଗିରଫ କରିବା ସହିତ ତଠାରୁ ଗୋଟିଏ ପିସ୍ତଲ ଓ ଚାରୋଟି ଜୀବନ୍ତ ଗୁଳି ଜବତ କରିଛି । ତେବେ ପୂର୍ବରୁ ପୁଲିସ ଲାଲା ହତ୍ୟାକାଣ୍ଡରେ ସମ୍ପୃକ୍ତ ବିଶ୍ୱରଞ୍ଜନ ଜେନା, ସଞ୍ଜୟ ବେହେରା, ମନୋରଞ୍ଜନ ସାହୁକୁ ଗିରଫ କରିଥିଲା । ପୁଲିସ ସୂଚନା ମୁତାବକ ଗତ ବର୍ଷ ଜୁନ ୧୪ରେ ସଦର ଥାନା ଅନ୍ତର୍ଗତ ଦଧିମାଛଗାଡ଼ିଆ ଗାଁ ରାସ୍ତା କଡରେ ବ୍ରାଉନସୁଗର କାରବାରକୁ ନେଇ ଲାଲା ଓ ବଳରାମ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା । ତେବେ ଏହି ବିବାଦକୁ ନେଇ ଅନ୍ୟ ଗୋଷ୍ଠୀର ଚାରିରୁ ଉର୍ଦ୍ଧ ଯୁବକ ସଂଘବଧ ଭାବେ ସକାଳୁ ଲାଲାକୁ ଘରୁ ଡାକି ନେଇ ଗୁଳିମାଡ଼ କରି ହତ୍ୟା କରିଥିଲେ । ଏନେଇ ଲାଲା ର ପୁତୁରା ଶ୍ରୀନିବାସ ନାୟକ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ସଦର ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ।

## ବେଆଇନ ଗୋ ଚାଲାଣ ରୋକିବାକୁ ବିଜେପିର ଦାବି

ଜୟପୁର,୧୪/୭ (ନି.ପ୍ର): ଜୟପୁର ଦେଇ ବେଆଇନ ଗୋ ଚାଲାଣ ହେଉଛି ଏହାକୁ ରୋକିବାକୁ ବିଜେପି ଦାବୀ କରିଛି । ଏନେଇ ଜୟପୁର ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ଓ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଏହି ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ପ୍ରତ୍ୟେକ ମଙ୍ଗଳବାର ଓ ଅନ୍ୟ ବାର ରେ ବେଆଇନ ଭାବେ ହଜାର ହଜାର ସଂଖ୍ୟାରେ ଓଡିଶାରୁ ପୋଡଶି ରାଜ୍ୟ ଆନ୍ଧ୍ର ପ୍ରଦେଶକୁ ବେଆଇନ ଭାବେ ଗୋ ଚାଲାଣ ହେଉଛି । ଏହି ଗୋ ଚାଲାଣ କୁ ରୋକିବା ପାଇଁ ପୋଲିସ ପ୍ରଶାସନ ତରଫରୁ କାଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । ଏନେଇ ବିଜେପି ତରଫରୁ ଦେବେନ୍ଦ୍ର ବାହିନିପତି, ଅମର ଲାଲ ଆହୁଜା, ମିନ କେତନ ପରିଛା, ନରସିହଂ ନାୟକ, ଲଳିତ ଅଗ୍ରଓାଲ, ସାହେବ ମହାରଣା, ସୁଜିତ ପାଣି, ବସନ୍ତ ସ୍ୱାଇଁ ,ଶ୍ୟାମ ବେହେରା, ସୁବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ୧୬ ନଂ ଜାତୀୟ ରାଜପଥ ଚଟିଘର ନିକଟରେ ଗଳି ପୋଲ ଦାବିରେ ଶାନ୍ତିପୂର୍ଣ୍ଣ ଗଣଧାରଣା

ଧର୍ମଶାଳା,୧୪/୭ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକସ୍ଥ ୧୬ ନଂ ଜାତୀୟ ରାଜପଥ ଚଟିଘର ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହି ଜାତୀୟ ରାଜପଥରେ ଏକ ଗଳି ପୋଲର ଆବଶ୍ୟକତା ରହିଛି । ଗଳି ପୋଲ ନ ଥିବା ବେଳେ ଲୋକେ ଦୁର୍ଘଟଣାର ଶୀକାର ହୋଇ ଧନଜୀବନ ଅକାଳରେ ଝଡିପଡୁଛି । ଏନେଇ ବାରମ୍ବାର ଜାତୀୟ ରାଜପଥ ଅଧିକାରୀ ଓ ଯାଜପୁର ଜିଲାପାଳ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଆଜି ଏହି ଅଂଚଳରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି । ଏହି ଗଣଧାରଣାରେ ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଳିକ,ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସରପଂଚ ନୟନା ବେହେର. ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ନେତ୍ରୀ ମନୋରମା ଆଚାର୍ଯ୍ୟ, ଗିରିଶ ପାତ୍ର, ନିରଞ୍ଜନ ସେନାପତି, ଅମରେଶ ନନ୍ଦ, ମିହିର ପ୍ରତାପ ଦାସ,ବିପିନ ବିଶ୍ୱାଳ ଓ ମାଧବାନନ୍ଦ ମହାପାତ୍ର ଏହି ଗଣଧାରଣାରେ ସାମିଲ ହୋଇଥିବା ବେଳେ ବଡଚଣା ବିଧାୟକ ଅମରପ୍ରସାଦ ଶତପଥୀ ଯୋଗ ଦେଇ ଯାଜପୁର ସାଂସଦଙ୍କୁ ଜଣାଇବା ସହ ସାଂସଦ ଏନେଇ ସଂସଦରେ ଏହି ଅଭିଯୋଗ ଉପସ୍ଥାପନ କରି ଦାବି ପୁରଣ କରିବାକୁ ପ୍ରତିଶୃତି ଦେଇଥିଲେ ।

## ଏ. ଦୂର୍ଗା ପ୍ରସାଦ ହେଲେ 'ଯୁଥ ଫୋର ଅକ୍ସନ' କୋରପୁଟ ଜିଲ୍ଲା ସଭାପତି

ଜୟପୁର,୧୪/୭ (ନି.ପ୍ର): 'ଯୁଥ ଫୋର ଅକ୍ସନ' ଏକ ଅଣ ରାଜନୈତିକ ସାମାଜିକ ସଙ୍ଗଠନର ଗତ ଜୁଲାଇ ୮ ତାରିଖରେ ଭୁବନେଶ୍ୱର ପଳାସପଲ୍ଲୀ କାର୍ଯ୍ୟାଳୟ ଠାରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଓଡ଼ିଶାର ପ୍ରଦେଶର ରାଜ୍ୟ ଟିମ ସହ ସମସ୍ତ ୩୦ ଗୋଟି ଜିଲ୍ଲା ସଭାପତିଙ୍କୁ ଚୟନ କରାଯାଇଥିଲା । ଉକ୍ତ ବୈଠକରେ ଏ.ଦୁର୍ଗା ପ୍ରସଦଙ୍କୁ କୋରପୁଟ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା । ଭୁବନେଶ୍ୱର ସାଂସଦ ଓଡିଶା ବିଜେପିର ରାଜ୍ୟ ଉପସଭାପତି ତଥା ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କ ଆନୁଗତ୍ୟ ଗଢି ଉଠିଥିବା ଯୁବ ସଂଗଠନ 'ଯୁଥ ଫୋର ଅକ୍ସନ'। ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଏ.ଦୂର୍ଗା ପ୍ରସାଦଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରିୟ ଦେଇ ସମ୍ମାନିତ କରିଥିଲେ । ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମାଜ ସେବା, ବୃକ୍ଷ ରୋପଣ,ଓଡିଶାରେ ଯୁବକଙ୍କୁ ଥଇଥାନ ଏବଂ ଅନ୍ୟାୟ ଅତ୍ୟାଚାର ଦୁର୍ନୀତି ବିରୋଧରେ ସ୍ୱରଉତୋଳନ କରିବା । ଏହିପରି ଗୁରୁ ଦାୟିତ୍ୱ ଦେଇଥିବାରୁ ରାଜ୍ୟ ସଂଯୋଜକ ଦେବାଶିଷ ନାୟକ, ସହ ସଂଯୋଜକ ସୁଜିତ ସିଂ ଏବଂ ଅପରାଜିତା ଷଡଙ୍ଗୀଙ୍କୁ ଦୂର୍ଗା ପ୍ରସାଦ ଧନ୍ୟବାଦ ଜଣାଇ ଥିଲେ ।

## ସାପ କାମୁଡାରେ ଯୁବକ ଆହତ: ମେଡିକାଲରେ ଚିକିତ୍ସିତ

ଧର୍ମଶାଳା,୧୪/୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତ ଖଣ୍ଡାସ ଗ୍ରାମରେ ସାପ କାମୁଡାରେ ଜଣେ ଯୁବକ ଗୁରୁତର ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି । ତେବେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲଥିବା ଡାକ୍ତର କହିଛନ୍ତି । ସୂଚନା ମୁତାବକ ଆଜି ପାହାନ୍ତାରେ ଖଣ୍ଡାସ ଗ୍ରାମର ଅରୁଣ ମଳିକ(୩୭) ନିକଟସ୍ଥ ପୋଟଳ ବିଲରେ ପୋଟଳ ତୋଳୁଥିବା ବେଳେ ତାଙ୍କ ଗୋଡକୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା । ସେ ସଂଗେସଂଗେ ଘରକୁ ଫେରି ଆସିବା ସହ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ସେଠାରେ ସେ ଚିକିତ୍ସିତ ହେଉଥିବା ଜଣାପଡିଛି । ତେବେ ତାଙ୍କର ଅବସ୍ଥା ଭଲଥିବା ନେଇ ଡାକ୍ତର ସୂଚନା ଦେଇଛନ୍ତି ।

## ପାରଳାଖେମୁଣ୍ଡି ଏସିଏଫଓଙ୍କ ସନ୍ଦେହଜନକ ମୃତ୍ୟୁ

ପାରଳାଖେମୁଣ୍ଡି,୧୪/୭ (ନି.ପ୍ର): ପାରଳାଖେମୁଣ୍ଡି ଏସିଏଫଓ ସୌମ୍ୟରଞ୍ଜନଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି । ଘରେ ନିଆଁରେ ପୋଡ଼ି ହୋଇ ସେ ଗୁରୁତର ହୋଇପଡିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଘଟଣାରେ ବୋହୂ ଉପରେ ସନ୍ଦେହ ବ୍ୟକ୍ତ କରିଛନ୍ତି ସୌମ୍ୟଙ୍କ ବାପା । ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଛି ।

## ବିଜେପି କୃଷକ ମୋର୍ଚ୍ଚା ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର,୧୪/୭ (ନି.ପ୍ର): ଆଜି ବିଜେପି କୃଷକ ମୋର୍ଚ୍ଚା ନେତୃତ୍ୱ ରେ ମାଳଦା ପଂଚାୟତ ସ୍ଥିତ ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠି ବିରୁଦ୍ଧରେ ରେ ଉପ ଜିଲ୍ଲାପାଳ ଅନୁପସ୍ଥିତି ରେ ଆସିଷ୍ଟାଂଟ କଲେକ୍ଟର ଜ୍ୟୋତି ରାଣୀ ରଥଙ୍କ ଜାରି ଆରେ ଜିଲ୍ଲାପାଳଙ୍କୁ ଦାବି ପତ୍ର ଦିଆଯାଇଅଛି । ମାଳଦା ପଂଚାୟତରେ ଚାଷୀଙ୍କ ଠାରୁ ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରିଥିଲେ କିନ୍ତୁ ଚାଷୀଙ୍କ ଠାରୁ କିଣିବା ମୂଲ୍ୟ ଏଯାଏ ଚାଷୀଙ୍କୁ ଦିଆଯାଇନାହିଁ । ଅପର ପକ୍ଷରେ ଚାଷୀ ନିଜ ହକ ର ଟଙ୍କା ମାଗିଲା ବେଳେ ସେମାନଙ୍କ ଟୋକନ ରଦ୍ଦ ହୋଇଯାଇଛି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ କୁହାଯାଇଛି । କେନ୍ଦ୍ର ସରକାର କ୍ୱିଂଟାଲ ପ୍ରତି ୧୮୬୮ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ତାହା ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ରେ ୧୬୦୦ ଟଙ୍କା କ୍ୱିଂଟାଲ ପ୍ରତି ଦିଆଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି, ଏ ବାବଦରେ ମାଳଦା ପଂଚାୟତ ର ସମସ୍ତ ଚାଷୀ ଏଂ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ର ସମ୍ପାଦକ ବିପଦ ଭଂଜନ ଦାସ, ଜିଲ୍ଲା ମିଡ଼ିଆ ସଂଯୋଜକ ସଞ୍ଜୟ ବେହେରା, ଜୟପୁର ନଗର ସଭାପତି ସାଧୁ ଦାସ ଚୌଧୁରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ମିଶି ଅଭିଯୋଗ କରିବା ସହିତ ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ର ଦେଇଥିଲେ ।ଚାଷୀ ମାନଙ୍କ ମଧ୍ୟରେ ବୈଦ୍ୟନାଥ ହରିଜନ, ଅଭିଳାଷ ବିଷୋୟୀ, ସେନାପତି ଭତରା, ଟଙ୍କଧର ହରିଜନ, ଦେଷୁ ମାଳି, ମନୋହର ହରିଜନ, କବି ଭତରା, ମନସିଂ ଭତରା, ଦାଶରଥି ଭତରା, ମୁନାଧର ହରିଜନ, ଭଗତରାମ ଭତରା, ଡମ୍ବରୁ ଭତରା, ସେନାପତି ଭତରା ପ୍ରମୁଖ ଉପସ୍ଥିତ ଥିଲେ ।

## ୧୬ ନଂ ଜାତୀୟ ରାଜପଥ ଚଟିଘର ନିକଟରେ ଦୁର୍ଘଟଣା: ସ୍ୱାମୀ ସ୍ତ୍ରୀ ଗୁରୁତର

ଧର୍ମଶାଳା,୧୪/୭ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକସ୍ଥ ୧୬ ନଂ ଜାତୀୟ ରାଜପଥ ଚଟିଘର ନିକଟରେ ଏକ ଅଜଣା ଗାଡି ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଆଜି ଅପରାହ୍ନରେ ୧୬ ନଂ ଜାତୀୟ ରାଜପଥ ଛତିଆ ଚଟିଘର ନିକଟରେ କଟକରୁ ଏକ ସ୍କୁଟିରେ ସ୍ୱାମୀ ସ୍ତ୍ରୀ ଘର ପଂଚୁପାଣ୍ଡବସ୍ଥିତ ଓଳକଣା ଅଂଚଳକୁ ଫେରୁଥିବା ସମୟରେ ସେମାନଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ସେମାନେ ରାସ୍ତା ଉପରେ ପଡି ଗୁରୁତର ହେବା ସହ ଉଭୟଙ୍କ ହାତ ଓ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡିଛି । ସ୍ଥାନୀୟ ଲୋକେ ଦୁହିଁଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲକୁ ନିଆଯାଇଥିବା ଜଣାପଡିଛି । ସେମାନେ ହେଲେ ଏହି ପଂଚୁପାଣ୍ଡବ ଓଳକଣା ଅଂଚଳର ସନାତନ ସାହୁ ଓ ବୀଣାପାଣି ସାହୁ ବୋଲି ଜଣାପଡିଛି ।

## ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୧୪/୭ (ନି.ପ୍ର): ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ର କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ମଙ୍ଗଳବାର ସଦସ୍ୟା ମାନେ ଲିଖିତ ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପୃଥିବୀରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ବିଶିଷ୍ଟ ଭାରତର ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ରୋକିବା ପାଇଁ ଏକ କଠୋର ଓ ସଶକ୍ତ ଜନ୍ମ ନିୟନ୍ତ୍ରଣ ବିଧେୟକ ପାରିତ କରିବାକୁ ଦାବିପତ୍ରରେ ଦାବି କରାଯାଇଛି । ଦେଶ ସ୍ୱାଧିନ ହେବା ସମୟରେ ମାତ୍ର ୧୬ କୋଟି ଜନସଂଖ୍ୟା ଥିବା ଭାରତ ଏବେ ୧୩୮ କୋଟିରୁ ଅଧିକ ଜନସଂଖ୍ୟାକୁ ନେଇ ଖାଦ୍ୟ, ବାସଗୃହ, କର୍ମ ଯୋଗାଣ, କୃଷି, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବାସଗୃହ ଆଦି ବହୁବିଧ ସମସ୍ୟାରେ ଜଡିତ ହୋଇ ରହିଛି । ଯୋଜନା ଉପରେ ଯୋଜନା କରାଯାଉ ଥିଲେ ମଧ ୧୩୮ କୋଟି ଲୋକଙ୍କୁ ଲୋକଙ୍କ ସମସ୍ୟା ସମାଧାନ କରିବା ସମ୍ଭବ ହୋଇ ପାରୁନାହିଁ । ଏହାକୁ ଦୃଷ୍ଟିରେ ରଖି ଭବିଷ୍ୟତ ବଂଶଧର ମାନଙ୍କ ଖାଦ୍ୟ , ସ୍ୱାସ୍ଥ୍ୟ, ବାସଗୃହ , ରୋଜଗାର ସୁନିଶ୍ଚିନ୍ତ କରିବା ପାଇଁ ଏକ କଠୋର ଆଇନ ପ୍ରଣୟନ କରିବାକୁ ଜିଲ୍ଲା ଶାଖା ସଭାପତି ପବିତ୍ର ପରିଡାଙ୍କ ସମେତ ଉର୍ମିଳା ସେଠୀ, ଅମୃତ କୁମାର ମହାନ୍ତି, ମନିନ୍ଦ୍ର ରାଉତ, କାନନବାଳା ଦାସ, ସସ୍ମିତା ସାମଲ, ଖୁର୍ସିଦା ବେଗମ, ସମିନା ବିବି ପ୍ରମୁଖ କର୍ମକର୍ତା ମାନେ ଦାବି ଜଣାଇଛନ୍ତି ।

## ବଜ୍ରପାତ ନେଲା ୩ ନାବାଳକ ସହ ୭ରୁ ଅଧିକ ଛେଳିର ଜୀବନ

ବାରିପଦା,୧୪/୭ (ନି.ପ୍ର): ବଜ୍ରପାତରେ ଚାଲିଗଲା ୩ ନିରୀହ ଜୀବନ । ଏଭଳି ଏକ ଦୁଃଖଦାୟକ ଓ ଅଭାବନୀୟ ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅନ୍ତର୍ଗତ ବାଘୁଆଶୋଳ ଗାଁରେ । ସୂଚନା ମୁତାବକ ଆଜି ମଧାହ୍ନ ପ୍ରାୟ ସାଢ଼େ ୧୨ ପାଖାପାଖି ବାଘୁଆଶୋଳ ଗାଁର ଗୋଟିଏ ସାହିର ୨ ଜଣ ନାବାଳକ ଏବଂ ଜଣେ ନାବାଳିକା ଗାଁ ପାଖ ଏକ ପଡ଼ିଆରେ ଛେଳି ଚରାଇବାକୁ ଯାଇଥିବା ବେଳେ ଜୋରରେ ବର୍ଷା ଓ ଘଡଘଡି ହୋଇଥିଲା । ଫଳରେ ନିଜ ଜୀବନ ବଂଚାଇବା ପାଇଁ ତିନିଜଣ ଗ୍ରାମଠାରୁ ପ୍ରାୟ ୫୦ ମିଟର ଦୂରରେ ପଡିଆ ପାଖରେ ଥିବା ଏକ ଗଛ ମୂଳରେ ଛେଳି ସହ ଆଶ୍ରୟ ନେଇଥିଲେ । ହେଲେ ମୃତ୍ୟୁ ଯେମିତି ସେମାନଙ୍କ ପଛେ ପଛେ ଗୋଡ଼ାଇଥିଲା । ଗଛ ମୂଳରେ ଆଶ୍ରୟ ନେଇଥିବା ସମୟରେ ବଜ୍ରପାତ ହେବାରୁ ଘଟଣା ସ୍ଥଳରେ ତିନି ଜଣ ସଂଜ୍ଞା ହରାଇ ତଳେ ପଡିଯାଇଥିଲେ । ଖବର ପାଇ ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଂଚି ୧୦୮କୁ ଖବର ଦେଇଥିଲେ ଏବଂ ଆମ୍ବୁଲାନ୍ସରେ ସେମାନଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ ମେଡିକାଲ କୁ ନେଇ ଆସିଥିଲେ । ମାତ୍ରା ଡାକ୍ତର ରିସିଭ ଡେଥ ଘୋଷଣା କରିଥିଲେ । ମୃତକ ମାନେ ହେଲେ ବାଘୁଆଶୋଳ ଗ୍ରାମର କାଳିଚରଣ ନାୟକଙ୍କ ୧୬ ବର୍ଷର ପୁଅ ବାବୁଲୁ ନାୟକ, ରଥ ନାୟକଙ୍କ ପୁଅ ସୁଜିତ ନାୟକ(୧୪) ଏବଂ ଜଗନ୍ନାଥ ନାୟକଙ୍କ ୧୨ ବର୍ଷ ବୟସର ନାବାଳିକା ଝିଅ ବର୍ଷା ନାୟକ । ଏମାନଙ୍କ ସହିତ ବଜ୍ରଘାତରେ ୭ରୁ ଅଧିକ ଛେଳିର ମଧ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଏଭଳି ଏକ ଦୁଃଖଦ ଘଟଣା ସମଗ୍ର ଅଂଚଳରେ ଶୋକର ଛାୟା ଖେଳାଇଦେଇଛି ।

## ଭ୍ୟାକ୍ସିନ୍ ଅଭାବରୁ ୮ ଦିନହେଲା ଟିକା କରଣ ବନ୍ଦ

କେନ୍ଦ୍ରାପଡ଼ା,୧୪/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ପ୍ରାୟ ୮ ଦିନ ହେବ କରୋନା ଟୀକାକରଣ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି । କରୋନା ପ୍ରତିଷେଧକ ଭ୍ୟାକ୍ସିନ୍ ଜିଲ୍ଲାକୁ ଆସି ନଥିବାରୁ ଦୀର୍ଘ ୮ ଦିନ ହେବ ଟୀକାକରଣ କାର୍ଯ୍ୟ ବନ୍ଦ ରହିଥିବା ଜଣାପଡିଛି । ବିଶେଷ କରି ପ୍ରଥମ ଡୋଜ ନେଇଥିବା ବ୍ୟକ୍ତିମାନେ ଓ ଗଣ ମାଧମ ପ୍ରତିନିଧି ମାନଙ୍କ ଦ୍ୱତୀୟ ଡୋଜ ନେବାର ସମସୟ ସୀମା ପାଖେଇ ଆସୁଥିବା ବେଳଖେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ଭ୍ୟାକ୍ସିନ୍ ଅଭାବ ରହିବା ଚିନ୍ତାର ବିଷୟ ପାଲଟିଛି । ରାଜ୍ୟ ସରକାର ସମସ୍ୟାକୁ ଦୃଷ୍ଟିରେ ରଖି ଟୀକା କରଣ କରାଇବାକୁ ଦାବି ହେଉଛି ।

## କାର୍ଯ୍ୟରେ ଯୋଗଦେଲେ ଅତିରିକ୍ତ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୧୪/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦୁର୍ଗା ପ୍ରସାଦ ମହାରଣା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ମଙ୍ଗଳବାର ଶ୍ରୀ ମହାରଣା ଜିଲ୍ଲା ମୁଖ୍ୟାଳୟରେ ପହଁଚି ଜିଲ୍ଲାପାଳଙ୍କ ନିକଟରେ ନିଜ ନିଯୁକ୍ତି ପତ୍ର ପ୍ରଦାନ କରିବା ସହ କାର୍ଯ୍ୟରେ ଯୋଗ ଦେବା ବିଭିନ୍ନ ବିଭାଗର ବରିଷ୍ଠ କର୍ମଚାରୀଙ୍କ ସହ ପରିଚିତ ହୋଇଥିଲେ । ପୂର୍ବରୁ ଥିବା ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀଙ୍କ ବଦଳି ହୋଇଥିବାରୁ ଶ୍ରୀ ମହାରଣା ତାଙ୍କ ସ୍ଥାନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।

## କେନ୍ଦୁଝରରେ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିମାନଙ୍କର ପ୍ରଶିକ୍ଷଣ ଉଦ୍‌ଯାପନ

କେନ୍ଦୁଝର,୧୪/୭ (ନି.ପ୍ର): କେନ୍ଦୁଝର ଜିଲ୍ଲାର ସମସ୍ତ ୨୯୭ଟି ଗ୍ରାମ ପଂଚାୟତକୁ ନେଇ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ଭର୍ଚୁଆଲ ମାଧ୍ୟମରେ ଚଳିତ ଜୁଲାଇ ମାସ ୧ ତାରିଖରୁ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୩ ତାରିଖ ଦିନ ଉଦ୍‌ଯାପିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ କିପରି ଜିଲ୍ଲାର ସମସ୍ତ ଶିଶୁମାନଙ୍କୁ ଉପଯୁକ୍ତ ସରକାରୀ ସୁବିଧା ସୁଯୋଗ ଉପଲବ୍ଧ କରାଯାଇପାରିବ ଏବଂ 'ଆଶୀର୍ବାଦ' ଯୋଜନା କିପରି ସଫଳତାର ସହ କାର୍ଯ୍ୟକାରୀ କରାଯାଇପାରିବ ସେଥିପାଇଁ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଦସ୍ୟ ସଦସ୍ୟା ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ ପଂଚାୟତର ସରପଂଚ , ଆଇସିଡିଏସ୍ ସୁପରଭାଇଜର, ଏଏନ୍‌ଏମ୍, ଆଶା, ଅଙ୍ଗନୱାଡି କର୍ମୀ, ଶିକ୍ଷକ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତା, ଭର୍ଚୁଆଲ ମାଧ୍ୟମରେ ଅଂଶଗ୍ରହଣ କରି ଶିଶୁମାନଙ୍କର ସୁରକ୍ଷା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସେମାନଙ୍କ ପଂଚାୟତ ଅଂଚଳରେ ଶିଶୁ ସଂପର୍କିତ ବିଭିନ୍ନ ସମସ୍ୟା, ଅସୁବିଧା ସଂପର୍କିତ ପ୍ରଶ୍ନ ପଚାରିଥିଲେ ଏବଂ ରିସୋର୍ସ ପର୍ସନ ଭାବେ ଯୋଗଦେଇ କୃଷ୍ଣଚନ୍ଦ୍ର ବାରିକ ବିଭିନ୍ନ ପ୍ରଶ୍ନର ଉତର ପ୍ରଦାନ କରିବା ସହ ସନ୍ଦେହ ମୋଚନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କର୍ମଚାରୀ ତଥା ଶିଶୁ ସୁରକ୍ଷା କମିଟିର ସ୍ୟ/ ସ୍ୟାମାନଙ୍କର କିଭଳି ଦକ୍ଷତା ବିକାଶ ହୋଇପାରିବ ଶ୍ରୀମତୀ ବାରିକ ସେ ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ୟୁନିସେଫର ଜିଲ୍ଲା ସଂଯୋଜକ ଗୋବିନ୍ଦ ଚନ୍ଦ୍ର ସେଠୀ ଶିଶୁ ସୁରକ୍ଷା କମିଟିର ସ୍ୟ/ ସ୍ୟାଙ୍କ ଭୂମିକା, କରୋନା ସମୟରେ ଶିଶୁମାନଙ୍କର ସୁରକ୍ଷା ପ୍ରସଙ୍ଗ ଉପରେ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଣ ଆନୁଷ୍ଠାନିକ ଶିଶୁ ସେବା ଓ ଯତ୍ନ ଅଧିକାରୀ ସୌମ୍ୟରଞ୍ଜନ ଦାଶ,କ୍ଷେତ୍ର ପରିଦର୍ଶିକା ଝରଣା ଦାଶ ଏବଂ ସାମାଜିକ କର୍ମୀ କଲ୍ଲୋଳ କୁମାର ଷଡଙ୍ଗୀ ୧୩ ଦିନ ବ୍ୟାପୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲ୍ଲାର ୨୮ ସ୍କୁଲରେ ହେବ ସ୍ମାର୍ଟ କ୍ଲାସ୍‌ରୁମ୍: ଉପକୃତ ହେବେ ୧୧ ହଜାର ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା,୧୪/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ ଥିବା ୨୮ଟି ସ୍କୁଲରେ ସ୍ମାର୍ଟ କ୍ଲାସ୍‌ରୁମ୍ ସ୍ଥାପନ କରାଯିବ । ଏହାଦ୍ୱାରା ପ୍ରାୟ ୧୧ ହଜାର ଛାତ୍ରଛାତ୍ରୀ ଇ-ପାଠପଢା ଡିଜିଟାଲ ସିଷ୍ଟମରେ ଲାଭ କରିବେ । ପାରମ୍ପରିକ ବ୍ଲାକବୋର୍ଡ ଧଳା ଚକଖଡି ବଦଳରେ ହ୍ୱାଇଟ୍ ବୋର୍ଡ ଓ ବ୍ଲାକ ଚକଖଡି ବ୍ୟବହାର କରାଯାଇ ଶିକ୍ଷାଦାନ କରାଯିବ । ଡିଜିଟାଲ ସିଷ୍ଟମରେ ଶିକ୍ଷା ପ୍ରଦାନ ପାଇଁ ଜିଲ୍ଲାର ୨୮ଟି ସ୍କୁଲର ୫୬ଟି ପ୍ରାରମ୍ଭରିକ କ୍ଲାସରୁମ୍ କୁ ଇ-କ୍ଲାସରୁମ୍ ରେ ପରିବର୍ତନ କରାଯିବ । ଜୁଲାଇ ଚଳିତ ମାସ ଶେଷ ସୁଦ୍ଧା ଇ-କ୍ଲାସରୁମ୍ ସ୍ଥାପନ କରାଯିବା ପରେ ପରବର୍ତୀ ପର୍ଯ୍ୟାୟରେ ସମିଳିତ ଶ୍ରେଣୀକକ୍ଷ ପରିଚାଳନା କରାଯିବ । ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଜିଲ୍ଲା ଶିକ୍ଷାଧିକାରୀ, ୨୮ଟି ସ୍କୁଲର ପ୍ରଧାନ ଶିକ୍ଷକ, ୯ଟି ବ୍ଲକର ବିଡିଓ ଙ୍କ ସହିତ ଆଲୋଚନା କରିଥିଲେ । ସମିଳିତ ଶ୍ରେଣୀ କକ୍ଷ ପରିଚାଳନା ପାଇଁ ଏହି ୨୮ଟି ବିଦ୍ୟାଳୟରେ ୨ କୋଠରୀ ବୀଶିଷ୍ଟ ୨ ମହଲା ଶ୍ରେଣୀ କକ୍ଷ ନିର୍ମାଣ କରାଯିବ । ତଳ ମହଲାରେ ଡିଜିଟାଲ ମାଧ୍ୟମରେ ଶିକ୍ଷାଦାନ କରାଯିବା ବେଳେ ଉପର ମହଲାରେ ଇ-ଲାଇବ୍ରେରୀ ଓ ଇ-ଲାବ୍ରୋଟାରି ସ୍ଥାପନ କରାଯିବ । ଏହି କାର୍ଯ୍ୟ ଅଗଷ୍ଟ ମାସ ୩୧ ସୁଦ୍ଧା ସମାପ୍ତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ବୈଠକରେ ଜିଲ୍ଲାପାଳଙ୍କ ସମେତ ପିଡି ଡିଆରଡିଏ ଦିଲିପ କୁମାର ପରିଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ଶୀକ୍ଷାଧିକାରୀ ସଂଜୀବ କୁମାର ସିଂହ, ଜିଲ୍ଲା ବିଜ୍ଞାନ ପରିଚାଳକ ତଥା ବିଦ୍ୟାଳୟ ସଂଯୋଜକ ପୀତବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ବିଦ୍ୟାଳୟ ମଧ୍ୟରୁ ଆଳି ଓ ରାଜକନିକା-୫, ଡେରାବିଶ-୪, ପାଟକୁରା-୪, କେନ୍ଦ୍ରାପଡା-୪, ମହାକାଳପଡା-୨, ମାର୍ଶାଘାଇ-ପଟ୍ଟାମୁଣ୍ଡାଇ-ରାଜନଗର ରେ ୩ଟି ଲେଖାଏଁ ସ୍କୁଲକୁ ନିଆଯାଇ ମୋଟ୍ ୨୮ ସ୍କୁଲରେ ପ୍ରାଥମିକ ପର୍ଯ୍ୟାୟରେ ୫୬ଟି ଇ-କ୍ଲାସରୁମ୍ ପରିଚାଳନା କରାଯିବ ବୋଲି ସୂଚନା ମିଳିଛି ।

## ୩ ବାଲି ବୋଝେଇ ଟ୍ରାକ୍ଟର ଜବତ: ୧୫ ହଜାର ଜୋରିମାନା ଆଦାୟ

ଗଞ୍ଜାମ,୧୪/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ଗୋଠଗାଁ ଦେଇ ଚୋରା ବାଲି ବୋଝେଇ ଟ୍ରାକ୍ଟର ଯାଉଥିବା ବେଳେ ତହସିଲଦାର ଡଃ. ଦୟାସିନ୍ଧୁ ପରିଡ଼ା ଏବଂ ଅତିରିକ୍ତ ତହସିଲଦାର ଅକ୍ଷୟ ମଳିକ ସେଠାରେ ଚଢ଼ଉ କରି ୩ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ସେମାନଙ୍କ ମାଲିକଙ୍କ ଠାରୁ ଜୋରିମାନା ବାବାଦକୁ ୧୫ ହଜାର ଟଙ୍କା ଆଦାୟ କରିଛନ୍ତି । ଏତଦ୍ ବ୍ୟତୀତ ଅନ୍ୟ ତିନୋଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ହିଞ୍ଜିଳି ଥାନା ପୋଲିସର ଜିମା ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଗୁରୁବାର, ଜୁଲାଇ ୧୫, ୨୦୨୧

# ଜାଣନ୍ତୁ ଭାରତର ଦଶଟି ରହସ୍ୟମୟ ମନ୍ଦିର

ପ୍ରାଚୀନ କାଳରେ ଯେତେବେଳେ ମନ୍ଦିର ତିଆରି କରାଯାଉଥିଲା, ସେତେବେଳେ ବାସ୍ତୁ ଓ ଖଗୋଳ ବିଜ୍ଞାନକୁ ଧ୍ୟାନରେ ରଖାଯାଉଥିଲା । ଭାରତର କିଛି ଏପରି ମନ୍ଦିର ରହିଛି ଯାହାର ସମାଳ ନା ବାସ୍ତୁ, ନା ଖଗୋଳ ବିଜ୍ଞାନରେ ଅଛି । କିନ୍ତୁ କିଛି ଖାସ ପ୍ରସିଦ୍ଧ ରହସ୍ୟମୟୀ ମନ୍ଦିରକୁ ସଂକ୍ଷିପ୍ତରେ କୁହାଯାଉଛି । ଯାହାକୁ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ମୋସନାଥ ମନ୍ଦିର ସୋମନାଥ ମନ୍ଦିର ଏକ ମହତ୍ତ୍ୱପୂର୍ଣ୍ଣ ହିନ୍ଦୁ ମନ୍ଦିର ମଧ୍ୟରେ ଗୋଟିଏ ଯାହା ୧୨ଟି ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ସର୍ବପ୍ରଥମ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ । ପ୍ରାଚୀନ କାଳରେ ଏହି ଶିବ ଲିଙ୍ଗ ଝୁଲନ୍ତା ଅବସ୍ଥାରେ ଥିଲେ । କିନ୍ତୁ ଆକ୍ରମଣକାରୀମାନେ ଏହାକୁ ଭାଙ୍ଗି ଦେଇଥିଲେ ।



### କାମାକ୍ଷା ମନ୍ଦିର:

ଏହି ମନ୍ଦିରକୁ ତାନ୍ତ୍ରିକମାନଙ୍କର ଗଡ଼ ବୋଲି କୁହାଯାଏ ମାତାଙ୍କର ୫୧ଟି ଶକ୍ତିପୀଠ ମଧ୍ୟରୁ ଏହି ପୀଠକୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବୋଲି ମାନିଥାନ୍ତି । ଏହା ଆସାମର ଗୌହଟୀରେ ଅବସ୍ଥିତ । ଏଠାରେ ତ୍ରିପୁରା ସୁନ୍ଦରୀ, ମାତାଙ୍ଗୀ ଓ କମଳାଙ୍କର ପ୍ରତିମା ମୁଖ୍ୟ ରୂପରେ ସ୍ଥାପିତ କରାଯାଇଛି ।


### ଜ୍ୱାଳା ଦେବୀ ମନ୍ଦିର:



ଏହି ମନ୍ଦିର ହିମାଚଳର କାଙ୍ଗଡ଼ାଘାଟିର ଦକ୍ଷିଣରେ ୩୦ କି.ମି ଦୂରରେ ଅବସ୍ଥିତ । ଏହା ମା ସତୀଙ୍କର ୫୧ ଶକ୍ତିପୀଠରୁ ଗୋଟିଏ । ଏଡିଠାରେ ମାତାଙ୍କର ଜିଭ ପଡ଼ିଥିଲା ବୋଲି ବିଶ୍ୱାସ କରାଯାଏ । ହଜାର ହଜାର ବର୍ଷ ପୂର୍ବରୁ ଏଠାରେ ଅବସ୍ଥିତ ଦେବୀଙ୍କ ମୁଖରୁଚ ଅଗ୍ନି ବାହାରୁଛି । ଏହି ମନ୍ଦିରକୁ ପାଣ୍ଡବମାନେ ଠାବ କରିଥିଲେ ବୋଲି କୁହାଯାଏ ।


### ଅଜନ୍ତାଏଲୋରା ମନ୍ଦିର:

ଅଜନ୍ତା ଏଲୋରା ଗୁମ୍ଫା ମହାରାଷ୍ଟ୍ରର ଔରଙ୍ଗବାଦ ସହର ପାଖରେ ଅବସ୍ଥିତ । ସହୟାଦ୍ରିର ପାହାଡ଼ ଉପରେ ସ୍ଥିତ ଏହି ୩୦ ଗୁମ୍ଫାରେ ପାଖାପାଖି ୫ ପ୍ରାର୍ଥନା ଭବନ ଓ ୨୫ଟି ବୌଦ୍ଧ ମଠ ରହିଛି ।




### ଉଜ୍ଜୈନର କାଳ ଭୈରବ ମନ୍ଦିର:

ଏହିଁ ମନ୍ଦିର ବିଷୟରେ ସବୁ ଲୋକମାନେ ଜାଣିଛନ୍ତି ଯେ ଏଠାରେ କାଳ ଭେହରବଙ୍କ ମୂର୍ତ୍ତି ମଦିରାପାନ କରନ୍ତି । ସେଥିପଶଇଁ ଏହି ମନ୍ଦିରରେ ପ୍ରସାଦ ସ୍ଥାନରେ ମନ୍ଦିର ଭୋଗ ଭାବରେ ଲଗାଯାଏ ଓ ଏହା ପ୍ରସାଦ ଭାବରେ ବଣ୍ଟାଯାଏ । ତାଙ୍କୁ ଏହି ସହରର ରକ୍ଷକ ଭାବରେ ମାନନ୍ତି ।



### ଖଜୁରାହୋର ମନ୍ଦିର:

ଖଜୁରାହୋ ଭାରତର ମଧ୍ୟପ୍ରଦେଶ ପ୍ରାନ୍ତରେ ଛତରପୁର ଜିଲ୍ଲାସ୍ଥିତ ଏକ ଛୋଟ ସ୍ଥାନ ଅଟେ କିନ୍ତୁ ଏହା ଭାରତର ରାଜମହଲ ପରେ ସବୁଠାରୁ ଅଧିକ ପ୍ରସିଦ୍ଧ ସ୍ଥାନ ଭାବରେ, ଏହାର ନାମ ଆସୁଛି । ଏହି ମନ୍ଦିରର ସମ୍ପର୍କ ଶୈବ, ବୈଷ୍ଣବ ଓ ଜୈନ ସମ୍ପ୍ରଦାୟ ସହିତ ରହିଛି ।



### କରଣୀ ମାତା ମନ୍ଦିର:

କରଣୀମାତାଙ୍କ ଏହି ମନ୍ଦିର ରାଜସ୍ଥାନର ବିକାନେରରେ ଅବସ୍ଥିତ । ଏହା ଏକ ନିଆରା ମନ୍ଦିର ଅଟେ । ଏହି ମନ୍ଦିରରେ ପାଖାପାଖି ୨୦ ହଜାର କଳା ମୂଷା ଅଛନ୍ତି । ଲକ୍ଷ୍ୟାଧିକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଏଠାରେ ନିଜର ମନୋକାମନା ପୂରା କରିବାକୁ ଆସନ୍ତି । କରଣୀ ଦେବୀଙ୍କୁ ଦୁର୍ଗାଙ୍କ ଅବତାର ବୋଲି ମଧ୍ୟ ମାନନ୍ତି ।





### ଶନି ଶିଙ୍ଗନାପୁର:

ଏହା ସୂର୍ଯ୍ୟପୁତ୍ର ଶନିଙ୍କର ଏକ ପ୍ରମୁଖ ମନ୍ଦିର, ଯାହା ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲାରେ ଅବସ୍ଥିତ । ବିଶ୍ୱ ପ୍ରସିଦ୍ଧ ଏହି ଶନି ମନ୍ଦିରର ବିଶେଷତ୍ୱ ଏହା ଯେ, ଏଠାରେ ଅବସ୍ଥିତ ଶନିଦେବଙ୍କ ପାଷାଣ ପ୍ରତିମା ଖୋଲା ଆକାଶ ତଳେ ରହିଛି । ଏହି ଶିଙ୍ଗନାପୁର ସହରରେ ଭଗବାନ ଶନି ମହାରାଜାଙ୍କର ଭୟ ଓ ପ୍ରଭାବ ଏତେ ବେଶି ଯେ ଏଠାରେ ଅଧିକାଂଶ ଘରେ ଝର୍କା, କବାଟ ନାହିଁ ।




### କନ୍ୟାକୁମାରୀ ଦେବୀ ମନ୍ଦିର:

କନ୍ୟାକୁମାରୀ ପଏଣ୍ଟକୁ ଭାରତର ସବୁଠାରୁ ନିମ୍ନ ଭାଗ ବୋଲି ମାନନ୍ତି । ଏଠାରେ ସମୁଦ୍ର କୂଳରେ କୁମାରୀ ଦେବୀଙ୍କର ମନ୍ଦିର ଅଛି । ଏଠାରେ ମା' ପାର୍ବତୀଙ୍କର କନ୍ୟା ରୂପକୁ ପୂଜା କରାଯାଏ । ଏହା ଦେଶର ଏକମାତ୍ର ଏପରି ଜାଗା, ଯେଉଁଠାରେ ମନ୍ଦିରରେ ପ୍ରବେଶ କରିବା ପାଇ ପୁରୁଷମାନଙ୍କୁ ଅଣ୍ଟାରୁ ଉପରକୁ ସେମାନଙ୍କର କପଡ଼ା ଖୋଲିବାକୁ ପଡ଼େ ।

### କୈଳାସ ପର୍ବତ:

ହିମାଳୟ ପର୍ବତର ଉଚ୍ଚତମ ଶୃଙ୍ଖଳାରେ ମାନସରୋବରରେ ଏହା ବହୁତ ପବିତ୍ର ସ୍ଥାନ ଅଟେ । ପୌରାଣିକ ମାନ୍ୟତା ଅନୁସାରେ ଏଠାରେ ଭଗବାନ ମହାଦେବ ସ୍ୱୟଂ ବିରାଜମାନ ଅଟନ୍ତି । ଏହା ବିଶ୍ୱର କେନ୍ଦ୍ର ବୋଲି କୁହାଯାଏ । ଦୁନିଆର ସବୁଠାରୁ ଉଚ୍ଚସ୍ଥାନରେ ସ୍ଥିତ କୈଳାସ ମାନସରୋପରର ପାଖରେ କୈଳାସ ଓ ମେରୁ ପର୍ବତ ଅବସ୍ଥିତ । ଏହି ସମ୍ପୂର୍ଣ୍ଣ କ୍ଷେତ୍ରକୁ ଶିବ ଓ ଦେବଲୋକଙ୍କର ବୋଲି କୁହାଯାଏ ।



## ଚିକେନ ଚଙ୍ଗେଜି



**ଆବଶ୍ୟକ ସାମଗ୍ରୀ:** ଚିକେନ, କ୍ଷୀର, ଦହି, ମିଲ୍କ କ୍ରିମ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କସ୍ତୁରୀ ମେଥି, ପିଆଜ, ଅଦା, ରସୁଣ, ଟମାଟୋ, ଚାଟ ମସଲା, କଞ୍ଚାଲଙ୍କା, ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଦହି ନେଇ ତାହାକୁ ଭଲ ଭାବେ ଫେଣ୍ଟି ଦିଅନ୍ତୁ । ସେଥିରେ ଅଦା, ରସୁଣ ପେଷ୍ଟ, ଲୁଣ, ଲଙ୍କା ଗୁଣ୍ଡ ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ସେଥିରେ ଚିକେନ ପକାଇ ଭଲ ଭାବେ ମ୍ୟାରିନେଟ କରି ଫ୍ରିଜରେ ଅଧ ଘଣ୍ଟା ପାଇଁ ରଖି ଦିଅନ୍ତୁ । ଏହାପରେ ଏକ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ମିଡିୟମ ଆଞ୍ଚରେ ଚିକେନକୁ ଫ୍ରାଏ କରି ଦିଅନ୍ତୁ । ଏହାପରେ ଚିକେନ୍‌କୁ ବାହାର କରି ପ୍ୟାନ୍‌ରେ ଆଉ କିଛି ତେଲ ନିଅନ୍ତୁ । ସେଥିରେ ପିଆଜ ପେଷ୍ଟକୁ ପକାଇ କିଛି ସମୟ କଷନ୍ତୁ । ଏହାପରେ ସେଥିରେ ଟମାଟୋ ପେଷ୍ଟ, ଅଦାରସୁଣ , ଲୁଣ, ଧନିଆ ପାଉଡ଼ର, ଭଜା ଜିରା ପାଉଡର, ଗରମ ମସଲା, ଲଙ୍କା ଗୁଣ୍ଡ ପକାଇ ଭାଲ ଭାବେ ଘାଣ୍ଟନ୍ତୁ । ଗ୍ୟାସ୍‌କୁ ସିମ୍ କରି ମସଲାକୁ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ତେଲ ଉପରକୁ ଆସିଲେ ସେଥରେ କ୍ଷୀର ପକାଇ ଭଲ ଭାବେ ଘାଣ୍ଟନ୍ତୁ । ଏହାପରେ ସେଥିରେ ଫ୍ରାଏ ହୋଇଥିବା ଚିକେନ ପକାଇ ଏହାକୁ ସିମ୍ କରି ଘୋଡ଼ାଇ ଦିଅନ୍ତୁ । ପରେ ସେଥିରେ କସ୍ତୁରୀ ମେଥି, ଚାର୍ଟ ମସାଲା, କ୍ରିମ୍ ପକାଇ ଘାଣ୍ଟନ୍ତୁ । କିଛି ସମୟ ପରେ ସେଥିରେ କଞ୍ଚା ଲଙ୍କା ପକାଇ ଗୋଳାଇ ଦିଅନ୍ତୁ । ଏବେ ତାହାକୁ ଏକ ବାଉଲରେ ସର୍ଭ କରନ୍ତୁ । ଗରମାଗରମ ରୁଟି କିମ୍ବା ନାନ ସହ ଏହାର ମଜା ନେଇପାରିବେ ।

## ଗ୍ୟାସ୍ ସମସ୍ୟାରୁ କିଭଳି ପାଇବେ ନିସ୍ତାର !

ଆପଣ ଗ୍ୟାସ ସମସ୍ୟା ନେଇ ଚିନ୍ତିତ ଅଛନ୍ତି କି ? ଦୈନିନ୍ଦିନର ବ୍ୟସ୍ତ ଜୀବନ ଭିତରେ ଏହା ଆପଣଙ୍କୁ ଅସୁବିଧାରେ ପକାଉଛି କି ? ତାହେଲେ ଆପଣଙ୍କ ପାଇଁ ଏହି ଖବର ଜାଣିବା ନିହାତି ଆବଶ୍ୟକ । କେଉଁ କାରଣରୁ ଗ୍ୟାସ୍ ହୋଇଥାଏ ଓ ଏଥିରୁ ଆପଣ କିଭଳି ବର୍ତ୍ତିବେ । ଗ୍ରେଟର କୈଳାଶ ହସ୍ପିଟାଲ ମୁଖ୍ୟ କ୍ଲିନିକାଲ୍ ଡାଏଟିସିଆନ ଡା. ବିନିତା ଜୟସବାଲ ଗ୍ୟାଷ୍ଟ୍ରିକ ଭଳି ସମସ୍ୟା ବିରୁଦ୍ଧରେ ୪ ଟି ତଥ୍ୟ ପ୍ରଦାନ କରିବା ସହ କ'ଣ ଖାଇବା ଦ୍ୱାରା ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡେ ଏହା ମଧ୍ୟ ଏଠାରେ ଦର୍ଶାଇଛନ୍ତି ।

**କେଉଁ କାରଣରୁ ହୋଇଥାଏ ଗ୍ୟାସ ଭଳି ସମସ୍ୟା ?**

ପେଟରେ ହଜମକ୍ରିୟାକୁ ଠିକ୍ ରଖିବା ଏନ୍‌ଜାଇମ କ୍ଷରଣ କମ୍ ହେବା ଦ୍ୱାରା ଗ୍ୟାସ ଭଳି ଅସୁବିଧା ବଢିବାରେ ଲାଗେ । ଏହି ସମସ୍ୟା ଲଗାତାର ବଦହଜମୀ ଯୋଗୁଁ ବଢିବାରେ ଲାଗିଥାଏ । ଏହାଛଡା ମସଲାଯୁକ୍ତ ଖାଦ୍ୟ କିମ୍ବା ମେଦ ବହୁଳ ଜନିତ ଖାଦ୍ୟ ଯେମିତିକି ଶିଙ୍ଗଡା, କଚୋଡି ଜନିତ ଖାଦ୍ୟ ଖାଇଲେ ମଧ ଏହି ଗ୍ୟାସ ସମସ୍ୟା ବଢିବାରେ ଲାଗେ ।

- ଅଖାଦ୍ୟ ଖାଦ୍ୟ ଖାଇବା ହେତୁ ଏସିଡ୍ ମାତ୍ରାଧିକ ହୋଇଥାଏ , ଏଥିଯୋଗୁଁ ବାରମ୍ବାର ଗ୍ୟାସ ସମସ୍ୟା ଉପୁଜେ ।
- ରାତିରେ ଡେରି ରାତି ଯାଏଁ ଚାହିଁବା ଏବଂ ସକାଳେ ଡେରି ଯାଏଁ ଶୋଇବା ହେତୁ ଗ୍ୟାସ ହୋଇଥାଏ ।

## ଜୋତା ଗନ୍ଧାଇବନି

କେତେକଙ୍କର ପାଦ ଝାଳଉଥିବାରୁ ଏବଂ ଜୋତା କୌଣସି କାରଣରୁ ଓଦା ହୋଇଥିଲେ ଅନେକ ସମୟରେ ଏଥିରୁ ଖୁବ୍ ଦୁର୍ଗନ୍ଧ ବାହାରେ । ଖରାରେ ରଖିଲେ କିମ୍ବା କର୍ପୂର ଦେଲେ ହୁଏତ ଏଥିରୁ କିଛିଟା ମୁକ୍ତି ମିଳେ, ତେବେ ଏହା ସମୟସାପେକ୍ଷ ଏବଂ ସେତେ ସୁଫଳ ଦିଏନାହିଁ । ଏହି ସମସ୍ୟାର ସମାଧାନ ଲାଗି ପାନାସୋନିକ ଏକ ସୁ ଡିଓଡୋରାଇଜର ପ୍ରସ୍ତୁତ କରିଛି । ଏମଏସ ଡିଏସ ୧୦୦ ସୁ ଡିଓଡୋରାଇଜର ନାନୋ ଏକ୍ସ ଟେକନୋଲୋଜିଯୁକ୍ତ । ଏହା ଜୋତା ଭିତରକୁ ହାଇଡ୍ରୋକ୍ସିଲ ରାଡିକାଲ ଥିବା ଆୟନ କଣିକା ଛାଡେ ଯାହା ଦୁର୍ଗନ୍ଧକୁ ଶେଷ କରିଦିଏ । ଏହା ନର୍ମାଲ ଏବଂ ଲଙ୍ଗ-ଦୁଇଟି ମୋଡରେ କାର୍ଯ୍ୟ କରିଥାଏ । ଏ ଦୁଇଟିଯାକ ମୋଡ ଯଥାକ୍ରମେ ୫ ଏବଂ ୭ ଘଣ୍ଟା ନେଇଥାନ୍ତି । ଜୋତା ମାତ୍ରାଧିକ ଗନ୍ଧାଉଥିଲେ ଲଙ୍ଗ ମୋଡରେ ରଖିବା ଉଚିତ । ଡିଓଡୋରାଇଜରର ପ୍ଲଗକୁ ବିଦ୍ୟୁତ ସଂଯୋଗ କରି ଏହାର ବିପରୀତ ପାର୍ଶ୍ୱଟିକୁ ଜୋତାରେ ଲଗାଇଲେ ଏହା କାମ କରିଥାଏ । ଅନଲାଇନରେ ଏହାକୁ ଖୋଜିପାରିବେ ।



## ନିୟମିତ ଖାଆନ୍ତୁ ପନିର୍

**ଭାରତୀୟ ଶାକାହାରୀ ବ୍ୟଞ୍ଜନରେ ପନିର୍‌ର ଆଦର ରହିଛି । ବିଶେଷ ପର୍ବପର୍ବାଣିରେ ଅଧିକାଂଶଙ୍କ ଘରେ ପନିର୍ ତରକାରି ପରଷାଯାଇଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଘରେ ପନିର୍ ତିଆରି କରି ସପ୍ତାହକୁ ୨-୩ ଥର ଖାଇପାରିବେ । ବଜାରରେ ମିଳୁଥିବା ଫ୍ରୋଜେନ୍ ପନିର୍‌କୁ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ । କାରଣ ଏଥିରେ ରାସାୟନିକ ତତ୍ତ୍ୱ ମିଶିବାର ଭୟ ଥାଏ ।**

- ସେଲେନିୟମ୍ ଓ ପୋଟାସିୟମ୍ ତତ୍ତ୍ୱ ଭରପୂର ପନିର୍ ଆମ ଶରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ଯୋଗାଇଥାଏ । ପିଲାଙ୍କଠାରୁ ବୟସ୍କ ସମସ୍ତେ ଏହା ଖାଇପାରିବେ । ମଧୁମେହ ରୋଗୀ ବିଶେଷଜ୍ଞଙ୍କ ପରାମର୍ଶ ନେବା ଭଲ ।
- ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ପ୍ରତିଦିନ ପନିର୍ ଖାଇବା ଉଚିତ । କେଟୋ ଡାଏଟ୍‌ରେ ପନିର୍ ପ୍ରତିଦିନ ଖାଇବାକୁ ପରାମର୍ଶ ଦିଆଯାଇଥାଏ ।
- ପନିର୍ ଖାଇଲେ ସ୍ମୃତିଶକ୍ତି ବୃଦ୍ଧି ହେବାରେ ସହାୟକ ହେଉଥିବା ବେଳେ ବୟସ୍କ ପିଢ଼ି ପ୍ରତିଦିନ ଅଳ୍ପ ପରିମାଣରେ ଖାଇବା ଭଲ । ଏ ବାବଦରେ ବିଶେଷଜ୍ଞ ମତ ଦେଇଛନ୍ତି, ଗୋଟିଏ କିମ୍ବା ଦୁଇ ଖଣ୍ଡ ପନିର୍ ମଧ ଖାଇପାରିବେ । ଆଲଜାଇମର୍ସ ଓ ଡିମେନ୍‌ସିୟା ରୋଗୀଙ୍କ ଉପରେ ପରୀକ୍ଷା କରାଯିବା ପରେ ଜଣାପଡ଼ିଛି, ସ୍ମୃତିଶକ୍ତି ଭଲ ରଖିବା ନିମନ୍ତେ ପ୍ରତିଦିନ ପନିର୍ ଖାଇବା ଭଲ ।
- ଯୁବତୀ ଓ ମହିଳାଙ୍କ ନିମନ୍ତେ ଏହା ପୋଷକତତ୍ତ୍ୱ ଭରପୂର ଖାଦ୍ୟ । ପ୍ରସବ ପରେ ଶରୀରକୁ ଶକ୍ତି ଦେବା ନିମନ୍ତେ ମହିଳାମାନେ ପନିର୍ ପ୍ରସ୍ତୁତ ବ୍ୟଞ୍ଜନ ଖାଇବା ଉଚିତ ।
- ପନିର୍‌ରେ ଥିବା ତତ୍ତ୍ୱ ଆମ ଦାନ୍ତ ଓ ହାଡ଼କୁ ମଧ ଶକ୍ତ କରିଥାଏ । ସକାଳ ଜଳଖିଆ ହେଉ କିମ୍ବା ଦ୍ୱିପହର ଭୋଜନ ଅବା ରାତ୍ରି ବେଳା, ଯେ କୌଣସି ସମୟରେ ପନିର୍ ଖାଇଲେ ତାହା ଭଲରେ ହଜମ ହୋଇଯାଏ । ହେଲେ ପନିର୍‌କୁ ଅଧିକ ପରିମାଣରେ ଖାଇବା ଅନୁଚିତ ।
- ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ଭରପୂର ପନିର୍ ଖାଇଲେ ଆମ କେଶ ଓ ତ୍ୱଚାର ସସମ୍ୟା ମଧ୍ୟ ଦୂର ହୁଏ । ପୋଟାସିୟମ୍ ଏଇ ଖାଦ୍ୟରେ ମଜହୁଦ୍ ଥିବାରୁ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହୃଦ୍‌ରୋଗୀଙ୍କ ନିମନ୍ତେ ଏକ ଉତ୍ତମ ଖାଦ୍ୟ ବୋଲି ବିଶେଷଜ୍ଞଙ୍କ ମତ ।



## ସ୍ୱାସ୍ଥ୍ୟ ମନ୍ତ୍ର

ଶିଶୁକୁ କ୍ଷୀର ପିଆଇ ସାରି ପେଟ ଭରି ପାଣି ପିଆନ୍ତୁ । ଏହା ଦ୍ୱାରା ପାଟିରେ ରହିଥିବା କ୍ଷୀର ପେଟକୁ ଚାଲିଯାଏ ଓ ଭଲ ହଜମ ହୁଏ । କ୍ଷୀର ପିଆଇ ସାରି ପରିଷ୍କାର କପଡା ବା ଗଜକପଡା ଗରମ ପାଣିରେ ଭିଜାଇ ଶିଶୁର ମାଢି ଓ ମୁହଁର ଭିତର ଅଂଶକୁ ଭଲ ଭାବେ ପୋଛିଦିଅନ୍ତୁ । ଦିନକୁ ଦୁଇଥର ଏମିତି କଲେ ପାଟି ପରିଷ୍କାର ରହେ । ପାଟି ଭିତର ଘା' ହେଲେ ମହୁ ଲଗାନ୍ତୁ, ଶିଖିଯିବା ୬ରୁ ୨୪ମାସ ମଧ୍ୟରେ ଶିଶୁର ଦୁଧ ଅଭାବରୁ ମାଢିରେ କେତେକ ରୋଗ ହୁଏ । ଆଗ ମାଢି ଅଧିକ କ୍ଷତି ହୁଏ । ଏହା ଫୁଲେ କିମ୍ବା ଯନ୍ତ୍ରଣା ହୁଏ । ଏହି ସମୟରେ ଜ୍ୱର , ପତଳା ଝାଡା , ଅକାରଣ କାନ୍ଦିବା ସମସ୍ୟା ହୁଏ । ପାଞ୍ଚ ବର୍ଷ ବୟସ ପରେ ଶିଶୁମାନଙ୍କ ଦାନ୍ତ ସଂକ୍ରମଣ ହୁଏ ଏବଂ ପୋକ ଲାଗେ । ଏହି ସମୟରେ ବେଳେବେଳେ ଶିଶୁଙ୍କ ମୁହଁରେ ଫୋଟକା ବାହାରେ, ଜ୍ୱର ହୁଏ, ଖାଇବାରେ ଅରୁଚି ହୁଏ । ଏଥିପାଇଁ ଗୁଣି-ଗାରେଡି କିଂବା ତୁଟୁକା ଚିକିତ୍ସା ଉପରେ ଭରସା ନ କରି ଶିଶୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

## ଯଦି ଆପଣଙ୍କ ପାଖରେ ଏହି ୪ କଥା ଅଛି ତେବେ ଆପଣ ଖୁବ୍ ଭାଗ୍ୟଶାଳୀ

**ଅର୍ଥଶାସ୍ତ୍ର ରଚୟିତା ଚାଣକ୍ୟଙ୍କ ପରି ବିଶେଷ ପ୍ରସିଦ୍ଧି ଲାଭ କରିନଥିଲେ ବି ବିଦୁରଙ୍କର ହସ୍ତିନାପୁରର ରାଜକୀୟ ପରାମର୍ଶଦାତା ଭାବେ ବେଶ୍ କ୍ଷ୍ୟାତି ରହିଛି । ସେ କହିଯାଇଥିବା କଥାଗୁଡ଼ିକ ଅକ୍ଷରେ ଅକ୍ଷରେ ସତ ସେଥିରେ ସନ୍ଦେହ ନାହିଁ । ପୂର୍ବରୁ ବିଦୁର କହିଥିବା ଅନେକଗୁଡ଼ିଏ ନୀତି ବାଣୀ ଆମେ ଆଲୋଚନା କରିସାରିଛେ । ତେବେ ଚାଲନ୍ତୁ ଜାଣିବା ବିଦୁରଙ୍କ ମତରେ ପ୍ରକୃତ ଭାଗ୍ୟଶାଳୀ କେଉଁମାନେ ?**

ଯେତେ ଅର୍ଥ ଥିଲେ ବି ଯଦି ଜଣେ ମଣିଷର ଶରୀର ସୁସ୍ଥ ନୁହେଁ ତେବେ ସେ କେବେ ବି ଜୀବନରେ ସୁଖି ହୋଇପାରେନା । ତେଣୁ, ଆମକୁ ଅର୍ଥଠାରୁ ନିଜ ଶରୀରକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ବିଦୁର ପରାମର୍ଶ ଦେଇଛନ୍ତି । ସୁସ୍ଥ ମଣିଷଟିଏ ଭାଗ୍ୟଶାଳୀ ହୋଇଥାଏ । ଉତ୍ତମ ଜୀବନସାଥୀ ମିଳିବା ସମସ୍ତଙ୍କ ଭାଗ୍ୟରେ ନଥାଏ । ଯଦି ଜୀବନସାଥୀ ଭଲ ମିଳନ୍ତି ତେବେ ସବୁ ଦୁଃଖ ହାଲୁକା ଲାଗେ । ତେଣୁ ଉତ୍ତମ ଜୀବନସାଥୀ ପାଇଥିବା ଲୋକେ ନିଶ୍ଚିତ ଭାଗ୍ୟଶାଳୀ ଏଥିରେ ସନ୍ଦେହ ନାହିଁ । ପ୍ରଥମତଃ ସନ୍ତାନ ପ୍ରାପ୍ତ ସଭିଙ୍କୁ ହୋଇନଥାଏ । ଏହାଛଡ଼ା ଯେଉଁମାନଙ୍କ ସନ୍ତାନ ଖିପ୍ର ହୋଇଥାନ୍ତି ସେମାନଙ୍କ ସେହି ବାପାମାଆ ଭାଗ୍ୟଶାଳୀ ହୋଇଥାନ୍ତି ବୋଲି ବିଦୁର କହିଯାଇଛନ୍ତି । ଖିପ୍ର ଅର୍ଥାତ ଶିକ୍ଷାରେ ପାରଙ୍ଗମ । ଯେଉଁମାନେ ଶିକ୍ଷା ଅର୍ଜନ କରନ୍ତି ନାହିଁ ସେମାନେ ଜୀବନର ପ୍ରକୃତ ମାନେ କେବେ ବୁଝିପାରନ୍ତି ନାହିଁ । ଯେତେ ଧନୀ ବ୍ୟକ୍ତି ହୁଅନ୍ତୁ ପଛେ ଜଣେ ଶିକ୍ଷିତ ଲୋକ ପାଖରେ ତାଙ୍କୁ ତଳନତୀ ହେବାକୁ ପଡ଼ିଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୫ ଜୁଲାଇ ୨୦୨୧, ଶୁକ୍ରବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସବୁକିଛି ଆଇନ କରିପାରେନା...

ନିକଟରେ ପ୍ରକାଶିତ ଜନସଂଖ୍ୟା ସମ୍ପର୍କିତ ସୂଚନା ମୁତାବକ, ଆମ ଦେଶର ଜନସଂଖ୍ୟା ଶହେ ଚାଳିଶି କୋଟିର ନିକଟତର ହୋଇସାରିଲାଣି । ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ସର୍ବେକ୍ଷଣ ଓ ଗଣନା ବାହାରେ କିଛି ତଥ୍ୟ ଓ ପରିସଂଖ୍ୟାନ ରହିଯାଇଥାଇପାରେ । ତେବେ ଆମକୁ ପ୍ରକାଶିତ ରିପୋର୍ଟକୁ ଅବଶ୍ୟ ଗ୍ରହଣ କରିବାକୁ ହେବ । ଅନ୍ୟ ଦେଶଗୁଡ଼ିକର ଜନସଂଖ୍ୟା ବିସ୍ଫୋରଣ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି । ସର୍ବପ୍ରଥମେ ଚୀନ ଭଳି ଦେଶର ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନ୍ୟମାନଙ୍କ ପାଇଁ କିଭଳି ଚିତ୍ର ପ୍ରକଟ କରୁଛି, ତାହା ଦେଖାଯିବାର କଥା । ଏକଦା ସେହି ଦେଶର ନୀତି ଏକ ସନ୍ତାନ ଥିଓରୀକୁ ଜନ୍ମ ଦେଇଥିଲା । ପରିବର୍ତ୍ତିତ ସମୟରେ ଏବେ ଚୀନ ନୀତି ବଦଳାଇ କହିଲାଣି ପରିବାରରେ ଅଧିକ ଦୁଇ-ତିନୋଟି ସନ୍ତାନ ଜନ୍ମ ହେଲେ ତାହାକୁ ସ୍ୱାଗତ କରାଯିବ । ଏହା ପଛରେ ଥିବା ମାନସିକତା କ'ଣ ହୋଇଥାଇପାରେ କହିହେବନାହିଁ ।

ବିଶ୍ୱ ଜନସଂଖ୍ୟାରେ କେଉଁଠି ଅଧିକ ସନ୍ତାନ ଜନ୍ମ ପାଇଁ ଉତ୍ସାହିତ କରାଯାଉଥିବା ସମୟରେ ଆମ ଦେଶରେ ଜନ୍ମ ନିୟନ୍ତ୍ରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ପ୍ରଭାବିତ କରାଯାଉଛି । ତାହା ପୂରାମାତ୍ରାରେ ଫଳପ୍ରଦ ହେଉନଥିବାରୁ ଏବେ ବିଭିନ୍ନ ରାଜ୍ୟ ସରକାରମାନେ ଏକାଧିକ ନିୟମ କାନୁନ୍ କରି ଦୁଇରୁ ଅଧିକ ସନ୍ତାନ ଜନ୍ମ କରୁଥିବା ବ୍ୟକ୍ତିଙ୍କୁ ସରକାରୀ ସୁବିଧାରୁ ବଂଚିତ କରାଯିବା ନେଇ ସତର୍କ କରାଯାଉଛି । ଶିକ୍ଷିତ ଓ ସଚେତନ ବ୍ୟକ୍ତି କି' ପରିବାର କଥାକୁ ବାଦ୍ ଦେଲେ ଯେଉଁମାନେ ଅଶିକ୍ଷିତ ଓ ପଛୁଆ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି, ସେମାନଙ୍କ ପାଖରେ ନା' ପ୍ରୋତ୍ସାହନ ନା' ଚେତାବନୀ ପହଞ୍ଚିପାରୁଛି । ଏହିଭଳି ବିଡ଼ମ୍ବନାପୂର୍ଣ୍ଣ ସ୍ଥିତିରେ ଆମ ଦେଶର ଜନସଂଖ୍ୟା ୧୪୦ କୋଟିରେ ପହଞ୍ଚିବା ପୃଷ୍ଠଭୂମିରେ ଆସାମ ସରକାର ଯେଉଁ ପରିବାରରେ ଦୁଇରୁ ଅଧିକ ପୁଅ-ଝିଅ ଥିବେ, ତାହାକୁ ସରକାରୀ ସୁବିଧା ସୁଯୋଗ ମିଳିବ ନାହିଁ ବୋଲି ଘୋଷଣା କରିଛନ୍ତି । ତାହାର ଠିକ୍ ପରେ ପରେ ୟୁପିର ଯୋଗୀ ସରକାର ଅନୁରୂପ ଘୋଷଣା କରି କହିଛନ୍ତି କି, ଦୁଇରୁ ଅଧିକ ପୁଅ କିମ୍ବା ଝିଅ ଥିବା ବ୍ୟକ୍ତିଙ୍କୁ ସୁବିଧାରୁ ଏମିତିରେ ବଞ୍ଚିତ କରାଯିବ, ତାହା ବାଦ୍ ପଦୋନ୍ନତି କ୍ଷେତ୍ରରେ ପଛକୁ ରଖାଯିବ । ଶୁଣାଯାଉଛି, ଗୋଟିକ ପଛକୁ ଆଉ ଗୋଟିଏ ରାଜ୍ୟ ଏହି ଧାରାରେ ଜନ୍ମନିୟନ୍ତ୍ରଣ ନୀତିକୁ ବାଧ୍ୟତାମୂଳକ କରିବା ପାଇଁ ନୀତି ଆପଣାଇବାକୁ ଯାଉଛନ୍ତି । ମାତ୍ର ଯେତେ ପର୍ଯ୍ୟନ୍ତ ଲୋକମାନେ ସଚେତନ ହୋଇନାହାଁନ୍ତି, ଏଭଳି କସରତ୍ ନିରର୍ଥକ ସାବ୍ୟସ୍ତ ହେବ ବୋଲି ଆଶଙ୍କା ରହୁଛି । କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ, ଏଥିପାଇଁ ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ସକାଶେ ଅଧିକ ଗୁରୁତ୍ୱାରୋପ ଜରୁରି । ଏବାବଦରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବୟାନ ପ୍ରଣିଧାନସାପେକ୍ଷ । ତାଙ୍କ ମତରେ ରାଜ୍ୟ ସ୍ତରରେ ହେଉ କି' ଜାତୀୟ ସ୍ତରରେ ହେଉ, କେବଳ ଆଇନ କାନୁନ ବଳରେ ସବୁକିଛି ସାଧିତ ହୋଇପାରିବ ବୋଲି କିଛି କଥା ନାହିଁ । ମାନବ ସମ୍ବଳର ବିନିଯୋଗ କ୍ଷେତ୍ରରେ ସଂଖ୍ୟାବହୁଳତା ବାଧକ ସାଜିଛି, ଏହା ସତ୍ୟ । ମାତ୍ର ଜୋରଜବରଦସ୍ତ ଲୋକମାନଙ୍କ ଉପରେ ଆଇନକାନୁନକୁ ଲଦି ଦିଆଯିବାର ମଧ୍ୟ ନେତିବାଚକ ଦିଗ ରହିଛି । ଆସାମ ଭଳି ୟୁପିରେ ଯେଉଁ ଚିଠା ଆଇନ ପ୍ରସ୍ତୁତ କରାଯାଇ ସାର୍ବଜନୀନ ହୋଇଛି, ତାହା ବିଭିନ୍ନ ମହଲରେ ପ୍ରତିକ୍ରିୟାର କାରଣ ସାଜିଛି । ନିର୍ବାଚନ ପାଖେଇ ଆସୁଥିବାରୁ ଯୋଗୀ ସରକାର କାଳେ ଏହି ଆଇନକୁ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବିପକ୍ଷରେ ଏକ ଆୟୁଧ ରୂପେ ବ୍ୟବହାର କରିବାକୁ ଚାହୁଁଥିବାର ପ୍ରତିପକ୍ଷ ଆରୋପ ଆଣିଥିବା ପୃଷ୍ଠଭୂମିରେ ସରକାର ଏନେଇ ଆପଣା ଆଭିମୁଖ୍ୟ ସ୍ପଷ୍ଟ କଲେ ତାହା ଅଧିକ ଗ୍ରହଣୀୟ ହୋଇପାରିବ । କୌଣସି ସରକାର ହୁଅନ୍ତୁ, କେବଳ ଆଇନ ପ୍ରଣୟନ କରି ପରିବର୍ତ୍ତନ ଆଣିବା ପୂର୍ବରୁ ତାହାର ଗ୍ରହଣୀଶୀଳତା ନେଇ ବହୁ କିଛି କରିବା କେବଳ ଆବଶ୍ୟକତା ନୁହେଁ, ଜରୁରି ମଧ୍ୟ । କାରଣ ଆଇନର କିଛି ହାତ ଗୋଡ଼ ନାହିଁ । ତାହାର ଦୁରୁପଯୋଗର ବହୁ ଉଦାହରଣ ରହିଛି । ସଂଜୟ ଗାନ୍ଧୀଙ୍କ ସମୟରେ କଥିତ ବାଧ୍ୟତାମୂଳକ ଜନ୍ମ ନିୟନ୍ତ୍ରଣ ନୀତିରେ ପରିଣତି କ'ଣ ହେଲା, ତାହା ଦେଶ ଦେଖିଛି । ସୁତରାଂ, କିଛି ଘୋଷଣା କରାଯିବା ପୂର୍ବରୁ ଜନସାଧାରଣଙ୍କ ମାନସିକତାକୁ ଅଧିକ ସହାନୁଭୂତିପୂର୍ଣ୍ଣ ଅନୁଶୀଳନ କେତେ ଜରୁରି, ତାହା ଉପଲବ୍ଧି କରାଯିବା ଉଚିତ । ଜନ୍ମ ନିୟନ୍ତ୍ରଣ ଏମିତିରେ ସମ୍ବେଦନଶୀଳ ପ୍ରଶ୍ନ । ନିର୍ଦ୍ଦିଷ୍ଟ ଧାର୍ମିକ ଗୋଷ୍ଠୀ ଏହାକୁ କେଉଁଭାବରେ ଗ୍ରହଣ କରୁଛନ୍ତି, ତାହା ବିଚାରିବାର ମଧ୍ୟ ସୁଯୋଗ ରହିଛି । ସୁତରାଂ ଦେଶ ଓ ବିଶ୍ୱ ପାଇଁ ଯାହା କଲ୍ୟାଣକର, ତାହାରି ଆଧାରରେ ନିୟମ ପ୍ରଣୟନ ହେବା ଆବଶ୍ୟକ । ଶସ୍ତା ଓ ଲଘୁ ପ୍ରଚାର ସମାଜରେ କ୍ଷତି ପହୁଞ୍ଚାଇବାରେ ବଡ଼ ଭୂମିକା ତୁଲାଇଥାଏ । ସେଭଳି କଥାରେ ପରିଚାଳିତ ହେବା ପୂର୍ବରୁ ଆମକୁ ସାବଧାନ ଓ ସଚେତନ ହେବା ଅଧିକ ଜରୁରି ମନେହୁଏ ।

## ଗଣମାଧ୍ୟମର ବିଶ୍ୱାସନୀୟତାକୁ ନେଇ ପ୍ରଶ୍ନ



ଗୋପାଳ ମହାପାତ୍ର

ଏହାକୁ ବିଡ଼ମ୍ବନା ବୋଲି କୁହାଯାଇପାରେ ଯେ, ଯେଉଁ ସାମ୍ବାଦିକତାକୁ ଅଧିକ ପରିପକ୍ୱ, ପରିଷ୍କୃତ ଏବଂ ପରିମାର୍ଜିତ ଭାବେ ଦେଖିବା କଥା ଆମେ ଏବେ ତାର ବି ଚାପ ଦେଖିବାକୁ ପାଉଛେ। ଭାରତ ଭଳି ଦେଶରେ ଏହା ନିଶ୍ଚିତ ଭାବେ ଏକ ଦୁର୍ଭାଗ୍ୟଜନକ ଘଟଣା। ସାମ୍ବାଦିକତା ଏବେ ଦାୟୀତ୍ୱହୀନତା ଏବଂ ଗୁରୁତ୍ୱହୀନ ଦେଖିବାକୁ ମିଳୁଛି। ଏହି ଘଟଣା ସାମ୍ବାଦିକତାର ସମଗ୍ର ସ୍ୱରୂପକୁ ସୂଚାଇ ଦେଉଛି। ମୁଦ୍ରିତ ଗଣମାଧ୍ୟମ ବା ସମ୍ବାଦପତ୍ର ପତ୍ରିକା ବିଭିନ୍ନ ସମୟରେ ତାର ଗୌରବଶାଳୀ ଭୂମିକା ନିର୍ବାହ କରିଥିବାର ଅନେକ ଉଦାହରଣ ରହିଛି। ସ୍ୱାଧୀନତା ସଂଗ୍ରାମ ସମୟରେ ହେଉ ବା ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ହେଉ ସମ୍ବାଦପତ୍ର ତାର ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କରିଥିଲେ। କିନ୍ତୁ ଏବେ ଲାଗୁଛି ଅତୀତର ଏହି କଥା ଏବେ ଅତୀତ ହୋଇଯାଇଛି। ଜନଜୀବନରେ ଗଣମାଧ୍ୟମର ଭୂମିକା ତ ରହିବ ମୁଦ୍ରିତ ଗଣମାଧ୍ୟମର ଭୂମିକା ପୂର୍ବଭଳି ଯେ ପ୍ରଭାବଶାଳୀ ହୋଇ ରହିପାରିବ ସେ ନେଇ ଆଶଙ୍କା ଦେଖାଦେଇଛି। କାରଣ ଏବେର ସମୟ ଯେ, କେବଳ ମୁଦ୍ରିତ ଗଣମାଧ୍ୟମ ପାଇଁ କଠିନ୍ ସମୟ ତା ନୁହେଁ ଅନ୍ୟ ମାଧ୍ୟମ ପାଇ ମଧ୍ୟ ନିଜର ଭୂମିକାକୁ ଠିକ୍ ଭାବରେ ନିର୍ବାହ କରିବା ପାଇଁ ଚାଲେ ସୃଷ୍ଟି କରିଛି।

ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ସମ୍ବାଦପତ୍ରର ଅସ୍ତିତ୍ୱ ସଙ୍କଟରେ ପଡିଛି। ପ୍ରିଣ୍ଟ ଏବଂ ପାଠକଙ୍କ ଅଭାବ କାରଣରୁ କେବଳ କିଛି ମାତ୍ର ସାଧନ ସମ୍ପନ୍ନ ସଂସ୍ଥା ସମ୍ବାଦପତ୍ରର ସଞ୍ଚାଳନ ଠିକ୍ ଭାବରେ କରିପାରୁଛନ୍ତି। ଆର୍ଥିକ ସଙ୍କଟ ପ୍ରାୟତଃ ସବୁ ସମ୍ବାଦପତ୍ରର ସମ୍ପାଦକୀୟ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇ ଦେଇଛି। ଏକଥା ସ୍ପଷ୍ଟ ଯେ, ସମ୍ବାଦ-ବିଚାରକୁ ସମ୍ବାଦପତ୍ରରେ ନିରପେକ୍ଷ ଭାବେ ଏପରିକି ସ୍ୱାଧୀନ ଭାବେ ସ୍ଥାନିତ କରିବାର ଅବସ୍ଥା ପୂର୍ବବତ୍ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଣୁ ସମ୍ବାଦପତ୍ର ଯେଉଁ ଗୁରୁତ୍ୱ ଥିଲା ତାହା କ୍ରମେ କ୍ରମେ କମିବାରେ ଲାଗିଛି। ସମ୍ବାଦପତ୍ରର ମୁଖ୍ୟ ପ୍ରିଣ୍ଟ ହେଉଛି ବିଶ୍ୱସନିୟତା। ଏହି ପ୍ରିଣ୍ଟ ଅନ୍ୟ ମାଧ୍ୟମମାନଙ୍କୁ ମିଳିପାରେ ନାହିଁ। ଅନ୍ୟ ମାଧ୍ୟମ ମାନଙ୍କ ପାଖରେ ସାଧନ ସଂସଧାନ ଏବଂ ଟିଆରପି ବାଲା ଶ୍ରୋତା-ଦର୍ଶକ ଥାଇପାରନ୍ତି କିନ୍ତୁ ବିଶ୍ୱସନିୟତା ନାହିଁ ବୋଲି କୁହାଯାଇପାରେ। ଅନେକ ଘରୋଇ ଚାନେଲ (ଟିଭି ଚାନେଲ) ଅଧିକ ଭାବରେ ବିଶ୍ୱସନିୟତା ହରାଇଛନ୍ତି।

ନବେ ଦଶକରେ ଘରୋଇ ଟିଭି ଚାନେଲ ସବୁ ଦେଶରେ ଆରମ୍ଭ ହୋଇଥିଲା। ଏହା ଲୋକଙ୍କୁ ଦେଶର ବିଭିନ୍ନ ଖବର ଜଣାଇବାର ମାଧ୍ୟମ ପାଲଟି ଥିଲା। କେନ୍ଦ୍ର ସରକାର ୧୯୯୬ ମସିହା ନଭେମ୍ବର ୨୩ତାରିଖରେ ପ୍ରସାର ଭାରତୀ ଆଇନ ପ୍ରଣୟନ କରି ଦୂରଦର୍ଶନର ଏକାଧିକାରକୁ ଖତମ କରିଦେଇଥିଲେ ଫଳରେ ଘରୋଇ ଚାନେଲ ମାନଙ୍କ ହାତକୁ ସମ୍ବାଦ ପ୍ରସାରଣର ଦକ୍ଷତା ଆସିଯାଇଥିଲା। ଏହି ଘରୋଇ ଚାନେଲ ଗୁଡିକ ଭୌଗୋଳିକ, ଆର୍ଥିକ ଓ ସାକ୍ଷରତାର ସୀମାକୁ ଭାଙ୍ଗି ଦେଇଥିଲେ। ଏକ ତଥ୍ୟ ଅନୁସାରେ ଏବେଦେଶର ୧୦କୋଟିରୁ ଅଧିକ ଲୋକଙ୍କ ଘରେ ଟିଭି ରହିଛି। ଏହି ମାଧ୍ୟମ ତାର ଶକ୍ତି ପ୍ରଦର୍ଶନ କରି ସମାଜର ମଙ୍ଗଳ କରିବା କଥା କିନ୍ତୁ ଓଲଟା ହେଉଛି। କେତେକ ଟିଭି ଚାନେଲ ଦାୟୀତ୍ୱହୀନତାର ପରିଚୟ ଦେଇ ଲୋକଙ୍କ ବିଶ୍ୱାସ ହରାଇଛନ୍ତି। ଏବେ ଏମିତି ଅବସ୍ଥା ଉପୁଜିଛି ଯେ, ଲୋକେ କେତେକ ଚାନେଲର ସମ୍ବାଦ ଚୟନ ଓ ଉପସ୍ଥାପନାକୁ ନେଇ ଅଙ୍ଗୁଳି ଉଠାଉଛନ୍ତି ଏପରିକି ଅନେକ ମଧ୍ୟ ସମାଚାର ଦେଖିବା ବନ୍ଦ କରି ଦେଉଛନ୍ତି। ଏ ପ୍ରସଙ୍ଗରେ ଅନେକ ଉଦାହରଣ ରହିଛି। ଦୁଃଖଦ ଘଟଣାହେଉଛି ୩ ଦଶନ୍ଧି ପରେ ମଧ୍ୟ ଏହି ମାଧ୍ୟମ ନିଜର ନିଶ୍ଚିତ ଚରିତ୍ରକୁ ବିକଶିତ କରିପାରିନାହିଁ। ଚବିଶ ଘଣ୍ଟା ସମ୍ବାଦ ପ୍ରସାରଣ କରୁଥିବା ଏହି ମାଧ୍ୟମ କେବେ ପରିପକ୍ୱ ହେବ ତାକୁ ନେଇ ଆଶଙ୍କା ସୃଷ୍ଟି ହେଲାଣି।

ଏବେ ସାମାଜିକ ଗଣମାଧ୍ୟମ ଏକ ନୂଆ ସୂଚନା ମାଧ୍ୟମ ଭାବେ ବିକଶିତ ହୋଇଛି କିନ୍ତୁ ଦାୟୀତ୍ୱହୀନତା ଭରିରହିଥିବା ଦେଖାଯାଉଛି। ଫୋକ୍ ନ୍ୟୁଜ୍ (ଭୁଲ୍ ସମ୍ବାଦ)ର ପ୍ରସାରଣ ବଢିବାରେ ଲାଗିଛି। ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଅସତ୍ୟ, ଅପ୍ରମାଣିକ ତଥା ଅସନ୍ତୁଳିତ ଖବର ପ୍ରକାଶିତ ହେଉଛି ଯାହା ସାମ୍ବାଦିକତାର ମର୍ଯ୍ୟାଦା ହାନୀ କରିବା ସହିତ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଅବସ୍ଥା ପାଇଁ ସାଧାରଣ ଲୋକଙ୍କ ପାଖରେ ସଠିକ୍ ସମ୍ବାଦ ପହଞ୍ଚିବା କଷ୍ଟକର ହୋଇପଡିଛି। ସମ୍ବାଦ-ବିଚାର ମାମଲାରେ ପ୍ରଦୂଷଣ ମଧ୍ୟ ବଢୁଛି। ଏଭଳି ସମୟରେ ଦୂରଦର୍ଶନ ପୁଣି ପ୍ରାସଙ୍ଗିକ ହେବାରେ ଲାଗିଛି। ଘରୋଇ ଚାନେଲ ଗୁଡିକର ଅସନ୍ତୁଳିତ ସାମ୍ବାଦିକତା, ଦାୟୀତ୍ୱହୀନତା କାରଣରୁ ଯେଉଁମାନେ ଦୂରଦର୍ଶନ ଦେଖିବାକୁ ପସନ୍ଦ କରୁନଥିଲେ ସେମାନେ ଦୂରଦର୍ଶନ ଦେଖିବାକୁ ଇଚ୍ଛା କଲେଣି। ଲୋକଙ୍କ ମତ ହେଉଛି ସନ୍ତୁଳିତ ଏବଂ ସତ୍ୟ ସମ୍ବାଦ ମୁଦ୍ରିତ ଗଣମାଧ୍ୟମରେ ହିଁ ପ୍ରକାଶିତ ହୋଇଥାଏ। ଅନେକ ଜାତୀୟସ୍ତରର ଟିଭି ଚାନେଲ ଏକ ତରଫା, ଅର୍ଦ୍ଧସତ୍ୟକୁ ସତ୍ୟ ଭଳି ଉପସ୍ଥାପନ କରିବା ତଥା ଦର୍ଶକଙ୍କୁ ଭ୍ରାମକ ସୂଚନା ଦେଉଥିବା ଅଭିଯୋଗ ଉଠୁଛି। ଦେଖାଯାଉଛି ଯେ, ଅନେକ ଘରୋଇ ଟିଭି ଚାନେଲ କମ୍ ପ୍ରାସଙ୍ଗିକ ପ୍ରସଙ୍ଗକୁ ଅନାବଶ୍ୟକ ଭାବେ ଗୁରୁତ୍ୱ ଦେଉଛନ୍ତି। ଅନେକ ଟିଭି ଚାନେଲରେ ଦିଲ୍ଲୀ ଓ ଉତ୍ତର ଭାରତକୁ ଯେଭଳି ଗୁରୁତ୍ୱ ଦିଆଯାଉଛି ଦେଶର ଅନ୍ୟ ଅଂଶକୁ ସେତିକି ଗୁରୁତ୍ୱ ଦିଆଯାଉନାହିଁ। ଟିଆରପି ପାଇଁ ଏଭଳି କରାଯାଉଛି। ଉତ୍ତେଜନାମୂଳକ ତଥା ଶସ୍ତା ଖବରରେ ଟିଆରପି ବଢାଇବା ପାଇଁ ଟିଭି ଚାନେଲ ମାନେ ଉଦ୍ୟମ କରୁଛନ୍ତି। ସୁଶାନ୍ତ ହତ୍ୟାକାଣ୍ଡକୁ ଯେଭଳି ପ୍ରସାରଣ କରାଗଲା ତାହା ହେଉଛି ଏଭଳି ଘଟଣାର ଏକ ପ୍ରକୃଷ୍ଟ ଉଦାହରଣ।

ଦେଖିବାକୁ ଗଲେ ଦୂରଦର୍ଶନ ତାର ସମ୍ବାଦ ପ୍ରସାରଣକୁ ଠିକ୍ ବା ସ୍ୱଚ୍ଛ ରଖିଛି ବୋଲି କୁହାଯାଇପାରେ। ଦେଶର ଅନେକ ଖବର ଦୂରଦର୍ଶନରୁ ମିଳିଯାଉଛି। କୋଭିଡ ବା କରୋନା ସମୟରେ ଚିକିତ୍ସକ ମାନଙ୍କର ପରାମର୍ଶ ଏବଂ ବିଶେଷଜ୍ଞ ସମୟରେ ଚିକିତ୍ସକମାନଙ୍କର ପରାମର୍ଶ ଏବଂ ବିଶେଷଜ୍ଞ ମାନଙ୍କର ପରାମର୍ଶ ପ୍ରସାରଣ କରି ଦୂରଦର୍ଶନ ଲୋକଙ୍କର ଆସ୍ଥାଭାଜନ ହୋଇପାରିଛି। ଗତ ଜୁନ ମାସରେ ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟର ରଏଟର୍ସ୍ ଇନିଷ୍ଟିଚ୍ୟୁଟ୍ ଅଫ୍ ଜର୍ଣ୍ଣାଲିଜିମ୍ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ସର୍ବେକ୍ଷଣର ରିପୋର୍ଟ ଦୂରଦର୍ଶନ ସପକ୍ଷରେ ମତ ଦେଇଛି। ରିପୋର୍ଟରେ ଦୂରଦର୍ଶନକୁ ଦେଶର ବିଶ୍ୱସନୀୟ ଚାନେଲ ବୋଲି କୁହାଯାଇଛି। ଆକାଶବାଣୀକୁ ମଧ୍ୟ ସର୍ବେକ୍ଷଣ ରିପୋର୍ଟ ବିଶ୍ୱସନୀୟ ବୋଲି ଲେଖିଛି। ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଭାରତର ୩୮ ପ୍ରତିଶତ ଲୋକ ସମାଚାରର ବିଶ୍ୱସନୀୟତା ଉପରେ ଭରଷା କରିଥାନ୍ତି। କିନ୍ତୁ ସର୍ବେକ୍ଷଣରେ ଉଲ୍ଲେଖ ଅଛି ଯେ ଫିନଲ୍ୟାଣ୍ଡ ଭଳି ଦେଶରେ ୬୫ପ୍ରତିଶତ ଲୋକ ସେ ଦେଶର ଗଣମାଧ୍ୟମ ଉପରେ ଭରଷା ରଖିଛନ୍ତି। ଏହି ରିପୋର୍ଟ ଆମର ଗଣମାଧ୍ୟମ ପ୍ରତିଷ୍ଠାନ, ସେଥିରେ କାର୍ଯ୍ୟରତ କର୍ମଚାରୀ ଏପରିକି ସାମ୍ବାଦିକତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ନିଶ୍ଚୟ। ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିଷ୍ଠାନମାନେ ଗଭୀର ଭାବେ ଏ ବାବଦରେ ଚିନ୍ତା କରିବା ଉଚିତ୍। ଏହି ରିପୋର୍ଟରେ ପ୍ରିଣ୍ଟ ମିଡିଆ ବା ମୁଦ୍ରିତ ଗଣମାଧ୍ୟମ ସମ୍ପର୍କରେ ସକାରାତ୍ମକ ମନ୍ତବ୍ୟ ରହିଛି। ଦେଶରେ ଏବେ ବି ମୁଦ୍ରିତ ଗଣମାଧ୍ୟମ ଅନ୍ୟ ମାଧ୍ୟମ ଅପେକ୍ଷା ଅଧିକ ବିଶ୍ୱାସର ପାତ୍ର। ମୁଦ୍ରିତ ଗଣମାଧ୍ୟମରେ ଶବ୍ଦର ଶାଳୀନତା ରହିଥାଏ। ଚାନେଲ ଗୁଡିକରେ ବହୁ ଅର୍ଥ ବୋଧକ ଶବ୍ଦ ଏବଂ ସାମାଜିକ ଗଣମାଧ୍ୟମରେ ଅସଂପାଦିତ ଏବଂ ଦାୟୀତ୍ୱହୀନ ତଥ୍ୟ ଓ ଭାଷାର ତୁଳନାରେ ସମ୍ବାଦପତ୍ରରେ ମୁଦ୍ରିତ ଶବ୍ଦ ଭରଷା ଯୋଗ୍ୟ ଥିଲେ ମଧ୍ୟ ଅନେକ ସମ୍ବାଦପତ୍ର ସେହି ଭରଷାକୁ କାଏମ ରଖିବାରେ ବିଫଳ ହେଉଛନ୍ତି। ଦେଶରେ ହଜାରେରୁ ଅଧିକ ଟିଭି ଚାନେଲ ଥାଇ ମଧ୍ୟ ଲୋକେ ସମ୍ବାଦପତ୍ର ଉପରେ ଭରଷା କରିବା ଟିଭି ଚାନେଲପାଇଁ ଚିନ୍ତାଜନକ ବିଷୟ ନିଶ୍ଚୟ। ସରକାର ଚାନେଲ ଏବଂ ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାପାଇଁ ନ୍ୟାୟାଳୟ ମଧ୍ୟ କହିଛନ୍ତି। ସରକାର ମଧ୍ୟ ଏ ଦିଗରେ ପଦକ୍ଷେପ ନେଇଛନ୍ତି। ବ୍ରଡ଼କାଷ୍ଟର ଆସୋସିଏସନ୍ ମଧ୍ୟକେତେକ ନିୟମ ଜାରି କରିଛି କିନ୍ତୁ କେତେକ ଚାନେଲ, ଖବରରେ ଅସନ୍ତୁଳନ, ଭେଦଭାବ, ଅର୍ଦ୍ଧସତ୍ୟ ଏବଂ ଅପୂର୍ଣ୍ଣ ସମ୍ବାଦ ପ୍ରସାରଣ କରୁଛନ୍ତି। ଏସବୁ କଥାକୁ କେବଳ ଚାନେଲର ମାଲିକ ଅଥବା ସଞ୍ଚାଳନ ହିଁ ରୋକିପାରିବେ। କାରଣ ଅନେକ ଖବର ବାସ୍ତବରେ ଅର୍ଦ୍ଧ ସତ୍ୟ ହୋଇଥିଲେ ମଧ୍ୟ ସତ୍ୟ ଭାବେ ତାକୁ ଉପସ୍ଥାପନ କରାଯାଉଛି। ମାଧ୍ୟମର ବିଶ୍ୱସନୀୟତାର ପ୍ରଶ୍ନ ତତ୍କାଳିକ ଲାଭ ଆଗରେ ଗୌଣ ହୋଇଯାଉଛି।

## ସମର୍ପିତ ରାଜନେତାଙ୍କର ଅଭାବ ନାହିଁ!



ଶରତ କୁମାର ରାଉତ

ଅଧିକାଂଶ ଦେଶରେ ଲୋକପ୍ରତିନିଧି ମାନଙ୍କ କାର୍ଯ୍ୟକଳାପ ସଂପର୍କରେ ସେଠାକାର ମିଡ଼ିଆ ନିୟମିତ ଲୋକମାନଙ୍କୁ ସୂଚନା ଦେଇଥାନ୍ତି। ଯଦ୍ୱାରା ଲୋକେ ନିଜର ପ୍ରତିନିଧିଙ୍କ ସଂପର୍କରେ ଜାଣନ୍ତି ଓ ସଚେତନ ହୁଅନ୍ତି। ଏହା ସୁସ୍ଥ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଆବଶ୍ୟକ। ଏହି କ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ସମେତ ପାନୀୟ ଜଳ, ଆଇନ, ନଗର ଓ ଗୃହ ଉନ୍ନୟନ ବିଭାଗର ମନ୍ତ୍ରୀ ତଥା କଟକ ଜିଲ୍ଲା ମାହାଙ୍ଗା ବିଧାନସଭା କ୍ଷେତ୍ରର ବିଧାୟକ ଓ ଓଡ଼ିଶାର ଜଣେ ତୁଙ୍ଗ ଯୁବନେତା ପ୍ରତାପ ଜେନାଙ୍କ ରାଜନୀତିକ କାର୍ଯ୍ୟକଳାପ ସଂପର୍କରେ ଅଲୋଚନା। ଛାତ୍ର ଜୀବନରୁ ରାଜନୀତିରେ ସକ୍ରିୟ ଥିବା ପ୍ରତାପ ବାବୁ ବହୁ ପ୍ରତିଭାର ଅଧିକାରୀ। ସେ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଥିବାବେଳେ ଓଡ଼ିଶା ରାଜନୀତିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ମନ୍ତ୍ରୀ ଓ ବିଧାୟକ ଭାବେ ତାଙ୍କର ରାଜନୀତିକ ଓ ବିଧାନସଭା କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ରାଜ୍ୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୧୯୮୫-୮୬ରେ ପ୍ରତାପ ବାବୁ ରେଭେନ୍ସା କଲେଜର ସାଇନ୍ସ ସୋସାଇଟୀର ସଂପାଦକ ଥିଲାବେଳେ ୧୯୯୦-୯୧ରେ କଟକ ମଧୁସୂଦନ ଆଇନ କଲେଜର ଛାତ୍ର ସଂସଦ ସଭାପତି, ୧୯୯୨-୯୮ରେ ରାଜ୍ୟ ଛାତ୍ର ଜନତା ଦଳର ସଭାପତି, ୧୯୯୮ରୁ ବିଜୁ ଛାତ୍ର ଜନତା ଦଳ ତଥା ବିଜୁ ପଟ୍ଟନାୟକ ସ୍ମୃତି ସଂସଦ ସଭାପତି ରହି ଆସିଛନ୍ତି। ସେ ନିଜର ରାଜନୀତିକ ଜୀବନରେ ସମସ୍ତ ନିର୍ବାଚନରେ ବିଜୟୀ ହୋଇଛନ୍ତି। ୨୦୦୦, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ସେ ବିଜେଡ଼ି ଟିକଟରେ ପ୍ରତିଦ୍ୱନ୍ଦିତା କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୦ ଓ ୨୦୦୪ରେ ସେ କଟକ ଜିଲ୍ଲାର କିଶନନଗର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲା ବେଳେ ୨୦୦୯, ୨୦୧୪ ଓ ୨୦୧୯ ରେ କଟକ ଜିଲ୍ଲା ମାହାଙ୍ଗା ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ୨୦୦୯ ନିର୍ବାଚନରେ ପ୍ରତାପ ବାବୁ ମାହାଙ୍ଗା ଆସନରୁ ୮୯,୬୨୮ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସର ସେକ୍ ମତଲୁବ୍ ଅଲ୍ଲୀଙ୍କୁ ୨୯,୨୨୦ ଭୋଟ ବ୍ୟବଧାନରେ ପରାଜିତ କରିଥିଲା ବେଳେ ୨୦୧୪ ନିର୍ବାଚନରେ ସେ ୮୯,୫୩୧ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନଙ୍କୁ ୨୭,୮୭୪ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ୨୦୦୯ରେ ରେ ସେ ପ୍ରଥମ ଥର ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଭାବେ ୩ ବର୍ଷ ୨ମାସ ୩ଦିନ ପାଇଁ ନିଜର ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିଲେ। ସେହିପରି ୨୦୧୭ ମଇ ମାସରୁ ପ୍ରତାପ ବାବୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ଆଇନ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇବା ସହ ତାଙ୍କୁ ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆ ଯାଇଥିଲା। ସେହିପରି ୨୦୧୯ ନିର୍ବାଚନରେ ପ୍ରତାପ ବାବୁ ମାହାଙ୍ଗା ଆସନରୁ ୧୦୬୦୫୪ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ସାରଦା ପ୍ରସାଦ ପ୍ରଧାନଙ୍କୁ ୨୯,୫୮୫ ଭୋଟ ବ୍ୟବଧାନରେ ପରାଜିତ କରିଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର କୁମାର ସାହୁ ୧୪,୯୨୨ ଭୋଟ ପାଇଥିଲେ।

ତେବେ ପ୍ରତାପ ବାବୁ ରାଜନୀତିରେ ଜଣେ ଅଭିଜ୍ଞ ଓ ନିଷ୍ଠାପର ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ସେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ନେବା ପରେ ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ଆରମ୍ଭ ହୋଇଥିଲା। ଖୁବ୍ ଶୀଘ୍ର ରାଜ୍ୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ନୂଆ ସଂସ୍କାର ଆସି ପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ବୁଦ୍ଧିଜୀବୀ ମହଲରେ ଆଶା କରୁଥିଲେ। ସତକୁ ସତ ସରକାରୀ ନୀତି କାର୍ଯ୍ୟକାରୀ ଉପରେ ପ୍ରତାପ ବାବୁ ବେଶ୍ ଗୁରୁତ୍ୱ ଦେଲେ। ମନ୍ତ୍ରୀ ନିଜେ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପ ଓ ତାହାର କାର୍ଯ୍ୟକାରୀ ପ୍ରଣାଳୀର ନିୟମିତ ସମୀକ୍ଷା କଲେ। ସ୍ୱାସ୍ଥ୍ୟ ସଚିବାଳୟ, ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଓ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟରେ ଅଭିନବ ସଂସ୍କାର ଆଣିବାରେ ସେ ରେକର୍ଡ଼ ସୃଷ୍ଟି କରିଛନ୍ତି। ଯଦ୍ୱାରା ରାଜ୍ୟର ବିଭିନ୍ନ ଅଂଚଳରେ ଗୋଟିଏ ପରେ ଗୋଟିଏ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା ହୋଇ ପାରିଥିଲା। ଏଥିଯୋଗୁ ରୋଗୀ ମାନଙ୍କ ପାଖରେ ହିଁ ସ୍ୱାସ୍ଥ୍ୟସେବା ପହଂଚି ଯିବାର ବ୍ୟବସ୍ଥା ପ୍ରାୟ ହୋଇ ପାରିଥିଲା। ବଡ଼ ମେଡ଼ିକାଲ୍ ଠାରୁ ଆରମ୍ଭ କରି ଜିଲ୍ଲା ଓ ଉପ ଜିଲ୍ଲା ସଦର ମହକୁମା ହସ୍ପିଟାଲ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମେତ ହୋମିଓପାଥୀ ତଥା ଆୟୁର୍ବେଦିକ ଡ଼ାକ୍ତରଖାନା ଗୁଡ଼ିକରେ ସଂସ୍କାର ଅଣାଯାଇ ରାଜ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଣକୁ ସକ୍ରିୟ କରାଯାଇ ପାରିଥିଲା। ଏଥିସହ ସାଧାରଣ ରୋଗୀ ମାନଙ୍କ ପାଖରେ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ସୁଫଳ ସହଜରେ ପହଂଚାଇବା ପାଇଁ ସଶକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ଥିଲା। ଯେଉଁଥିପାଇଁ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶ ହୋଇ ଚାଲିଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଥିଲାବେଳେ ମଧ୍ୟ ପ୍ରତାପ ବାବୁ ବିଭାଗରେ ଅନେକ ସଂସ୍କାର ଆଣିଥିଲେ। ସେହିପରି ୨୦୧୯ ମଇ ମାସରୁ ପଞ୍ଚାୟତିରାଜ ବିଭାଗ ସମେତ ପାନୀୟ ଜଳ, ଆଇନ, ନଗର ଓ ଗୃହ ଉନ୍ନୟନ ବିଭାଗର ମନ୍ତ୍ରୀ ଭାବରେ ପ୍ରତାପ ବାବୁଙ୍କୁ ଦାୟିତ୍ୱ ଦିଆଗଲା। ସାଧାରଣତଃ ପଂଚାୟତ ପ୍ରଶାସନ ଦ୍ୱାରା ମିଳୁଥିବା ସୁବିଧା ସୁଯୋଗରୁ ସରକାରଙ୍କର ଭଲ-ମନ୍ଦ ଶାସନ ସଂପର୍କରେ ପ୍ରଜା ଅନୁଭବ କରିଥାନ୍ତି। ଏଇ ଦୃଷ୍ଟିରୁ ବିଜେଡ଼ି ସରକାରର ବାସ୍ତବ ସ୍ୱରୂପ ଦର୍ଶାଇବାକୁ ବିଭାଗୀୟ ମନ୍ତ୍ରୀ ପ୍ରତାପ ବାବୁ ଲୋକଙ୍କ ସହ ସିଧା ସଂପର୍କ ରଖୁଥିବା ବେଳେ ପ୍ରଜାଙ୍କର କଲ୍ୟାଣ ପାଇଁ ସରପଞ୍ଚ ମାନେ ପଞ୍ଚାୟତର ସରକାରୀ ସେବା ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟତଃ ତଳ ସ୍ତରରେ ଦୁର୍ନୀତି ରୋକିବା ପାଇଁ ବିଡିଓଙ୍କୁ ଭିନ୍ନ ଭିନ୍ନ କ୍ଷମତା ପ୍ରଦାନ କରାଯାଇଛି। ତେବେ ପଂଚାୟତର ବିକାଶ ପାଇଁ ଆସୁଥିବା ଅନୁଦାନ ବାଟମାରଣା ହେବାର କୌଣସି ଆଶଙ୍କା ନାହିଁ। ପ୍ରତାପ ବାବୁ ନିଜେ ବିଭିନ୍ନ ବ୍ଲକ୍ ଅଚାନକ୍ ଗସ୍ତ କରି ପ୍ରଜାମାନଙ୍କର ବିକାଶ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ସରକାରୀ ସେବାକୁ ଲୋକାଭିମୁଖୀ କରୁଛନ୍ତି। ପ୍ରତ୍ୟେକ ନାଗରିକଙ୍କ ପାଖରେ ପାନୀୟ ଜଳ ସୁବିଧା ପହଂଚାଇବା ପାଇଁ ପ୍ରତି ଗ୍ରାମ ପଂଚାୟତ ଅଂଚଳରେ ଆରମ୍ଭ ହୋଇଥିବା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ସେ ଦୃଢ ପଦକ୍ଷେପ ନେଉଛନ୍ତି। ସହର ଓ ଗାଁ ଭିତରେ କୌଣସି ପ୍ରାର୍ଥକ୍ୟ ରହିବ ନାହିଁ ବୋଲି ପ୍ରତାପ ବାବୁଙ୍କର ଚିନ୍ତାଧାରା ଆଗାମୀ ୧-୨ ବର୍ଷ ମଧ୍ୟରେ ବାସ୍ତବରେ ପରିଣତ ହେବା ନିଃସନ୍ଦେହ। ଗାଁର ବିକାଶ ଓ ଗାଁ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ମନ୍ତ୍ରୀଙ୍କର ଉଦ୍ୟମ ସ୍ୱାଗତ ଯୋଗ୍ୟ। ଇତି ମଧ୍ୟରେ ମନ୍ତ୍ରୀ ଶ୍ରୀ ଜେନା ନିଜର ନିଷ୍ଠାପର ଉଦ୍ୟମରେ ପଂଚାୟତିରାଜ ବିଭାଗରେ ବ୍ୟାପକ ସଂସ୍କାର ଆଣିବାରେ ସକ୍ଷମ ହୋଇ ପାରିଛନ୍ତି। ତେବେ କେବିକେର ଅଧିକାଂଶ ପଂଚାୟତରେ ଦୁର୍ନିତ ନିୟନ୍ତ୍ରଣ ମନ୍ତ୍ରୀଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ୍।

ଲଗାତାର ୫ଥର ବିଧାୟକ ଭାବେ ନିର୍ବାଚିତ ହୋଇ ଶ୍ରୀ ଜେନା ୨୦୦୩-୦୪ରେ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମର ଅଧ୍ୟକ୍ଷ ଓ ବିଧାନସଭାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ। ଏଥିସହିତ ବିଜେଡ଼ି ଦଳୀୟ ମୁଖପାତ୍ର ଭାବେ କାର୍ଯ୍ୟ କରି ସେ ବିପୁଳ ସଫଳତା ହାସଲ କରିଛନ୍ତି ଓ ଦଳରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

ବିଧାନସଭା ଅଧିବେଶନରେ ପ୍ରତାପ ବାବୁଙ୍କର କାର୍ଯ୍ୟଶୈଳୀ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ଲୋକାଭିମୁଖୀ କାର୍ଯ୍ୟ ଉଲ୍ଲେଖନୀୟ। ରାଜନୀତି, ସଂସ୍କୃତି ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ପ୍ରତାପ ବାବୁଙ୍କର ବହୁମୁଖୀ ଜନସ୍ୱାର୍ଥ ମୂଳକ କାର୍ଯ୍ୟ ଉଲ୍ଲେଖନୀୟ। ରାଜନୀତିରେ ତାଙ୍କର ସ୍ପଷ୍ଟବାଦିତା ବାସ୍ତବରେ ତାଙ୍କୁ ଓଡ଼ିଶା ରାଜନୀତିକ ମଂଚର ଶୀର୍ଷରେ ପହଂଚାଇ ଦେଇଛି। ଓଡ଼ିଶାର ସାମଗ୍ରୀକ ବିକାଶ ଓ ବିଭିନ୍ନ ସମସ୍ୟା ସମାଧାନ କରି ଅବହେଳିତ ଓଡ଼ିଆ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାର ଲକ୍ଷ୍ୟ ରଖିଛନ୍ତି ପ୍ରତାପ ବାବୁ। ରାଜ୍ୟର ସ୍ୱାସ୍ଥ୍ୟ, ଶିକ୍ଷା, ମାତୃ-ଶିଶୁ ମୃତ୍ୟୁହାର ହ୍ରାସ, ପାନୀୟ ଜଳ, ପରିବେଶ, ସାକ୍ଷରତା, ଜଙ୍ଗଲ ଜମିର ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ ଆଦି ତାଙ୍କ ସାମାଜିକ କାର୍ଯ୍ୟର ମୂଳ ଲକ୍ଷ୍ୟ। ପ୍ରତି ମଣିଷକୁ ଆପଣାର କରିବାର କଳାରେ ସେ ନିପୁଣ। ସମସ୍ତଙ୍କୁ ସେ ସହଯୋଗର ହାତ ବଢାନ୍ତି। ତାଙ୍କର ଅମାୟିକ ବ୍ୟବହାର, ସମର୍ପିତ ରାଜନୀତି, ଆକର୍ଷଣୀୟ ଲୋକପ୍ରିୟତା, ଉତ୍ସର୍ଗୀକୃତ ଜନସେବା ଓ ପରୋପକାରୀ ମନୋଭାବ ଆଦି ମାନବୀୟ ଗୁଣ ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର।


\+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର,
(ମୋ) ୯୩୩୭୩୬୯୪୪୮


## କବିତା କୋଣାର୍କ

### ହେ ଜଗନ୍ନାଥ !

ସୁଦର୍ଶନ ମହାପାତ୍ର



ପ୍ରସୂତି ଲଗନେ ତୁମେ ଓଁକାର କୁଆଁରାବ
ତୁମେ ଜଗତର ବିଲୋଳ ଆନନ୍ଦ
ଅନୁଭବ
କରୁଣା ତୁମର ଆଦ୍ୟ ଆଷାଢ଼ର ପ୍ରସନ୍ନତା
ପ୍ରତି ହୃଦୟରେ ତୁମରି ଆଧାର ପ୍ରାଣସ ।
ପାହାନ୍ତି ପହର ପବନରେ ଥାଏ
ତୁମ ଛୁଆଁ
ଘଞ୍ଚ ବନାନୀରେ ତୁମେ ହିଁ
ଶୀତଳ ସ୍ନିଗ୍ଧ ଛାୟା
ପକ୍ଷୀ କୂଜନରେ ଶୁଭଇ
ତୁମର ମିଠା ସ୍ୱର
ସବୁଜ କ୍ଷେତରେ ତୁମେ ଅସରାଏ
ବାରି ଧାର ।

ଫୁଲରେ ଫୁଲରେ ତୁମରି ଅଙ୍ଗର ସଉରଭ
ମାଟିର କୋଳରେ ତୁମେ
ସଂଗୋପିତ ବଇଭବ
ତୁମେ ସକାଳର ସୁନେଲି
ଆଭାର ମୃଦୁ ହସ
ଗୋଧୂଳି ଖରାରେ ତୁମେ ଧରଣୀର
ଧୂଳି ବେଶ ।।

ତୁମେ ଅନ୍ତଃସ୍ୱରେ ଅପୂର୍ବ
ମୂର୍ଚ୍ଛନା ସଂଗୀତର
ପାହାଡ଼ ଛାତିରେ ତୁମେ
ଦୃଶ୍ୟମାନ ପ୍ରୀତିଝର
ଆଲୋକର ତୁମେ ଉତ୍ସଟିଏ
ଘନ ଅନ୍ଧକାରେ
ତୁମେ ଶରତର ନୀଳକଇଁ
ହସ ସରୋବରେ ।

ଶାଶ୍ୱତ ସତ୍ତାରେ ତୁମେ
ପ୍ରତିଭାତ ଦିବ୍ୟରୂପ
ଅନନ୍ତ ଅସୀମ ଅବିନାଶୀ
ତୁମେ ଜଗନ୍ନାଥ !!


\+ କୁଞ୍ଜବିହାରୀ ଲେନ, କଟକ


## କବିତା କୋଣାର୍କ

### ତୁମରି ଦାନର ତୁଳନା ନାହିଁ...

ପ୍ରଶାନ୍ତ କୁମାର ଦାଶ



ଏ ଧରା କାନନ ହସିଉଠେ ତୁମପାଇଁ
ତୁମରି ଦାନର ତୁଳନା ତ ଜମା ନାହିଁ ।

ତୁମେ ସରଜିଛ ଆକାଶେ ବଉଦମାଳ
ଖରା ପରେ ଆସେ ମରତେ
ବରଷା କାଳ ।

ତୁମେ ଭରିଦିଅ ଆଖିକଣେ ଲୁହଧାର
ବସନ୍ତ ଆସଇ ପାଇ ତୁମ ଆଖିଠାର ।

ଓଠରେ ଫୁଟାଅ ଲୁଚିରହି ଟୁନା ହସ
ତୁମରି ଅଣିଶେ ମିଳେ ଗଉରବ ଯଶ ।

ଗଢ଼ିଛ ସୁନ୍ଦର ସଂସାର ଆକାଶତଳେ
ମିଠା ମିଠା ମହୁ ଭରିଛ ଫୁଲ ଓ ଫଳେ ।

ନଦୀ ଝରଣ ବନ ତୁମ କରୁଣାର ଦାନ
ଧରଣୀ କୋଳରେ
ରହିକରୁ ଜୟଗାନ ।

ସାଗର ଗରଭେ ମୁକୁତା ରହିଛି ଲୁଚି
କୁନି ପିଲା ଦାଣ୍ଡେ ଖେଳୁଥାଏ
ହସି ପୁଚି ।

ଛବିଳ ଦୁନିଆ ରୂପ ଆଙ୍କି ଅଛ ହାତେ
ରବି ଶଶୀ ତାରା ଉଅଁନ୍ତି
ଜଗତ ହିତେ ।

ଶରୀରେ ରକତ ସାହସ ଦିଅ ହେ ସାଇଁ
ତୁମରି ଦାନର ତୁଳନା ତ ଜମା ନାହିଁ ।


\+ କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
ମୋ:୯୬୭୮୨୨୧୯୦


### ଆମ ପିତାମାତା

ହରେରାମ ପଣ୍ଡା




ମନେ ରଖିଥିବ ଜୀବନେ ସଦା
ଗୋଟିଏ ବଡ଼ କଥା,
ଏ ଦୁନିଆଁରେ ସବୁଠୁଁ ବଡ଼
ଆମର ପିତାମାତା ।
ପିତା ଧରମ, ପିତା ସରଗ,
ପିତା ପରମ ତପ,
ତାଙ୍କରି ସେବା ତାଙ୍କରି ଶାନ୍ତି
ହେଉ ଆମର ଜପ ।
ଧରାଠାରୁ ବଡ଼ ଅଟେ ଜନନୀ
ସ୍ୱର୍ଗଠାରୁ ଉଚ୍ଚ ପିତା,
ଜନମ ଦାୟିନୀ କଲ୍ୟାଣମୟୀ
ଆମପାଇଁ ବଡ଼ ମାତା ।
ଆମ ସୁଖପାଇଁ ନିଜର ସୁଖକୁ
ଯେଉଁମାନେ ତୁଚ୍ଛ କଲେ,
ଆମ ହାତଧରି ଦୁନିଆଁ ଦାଣ୍ଡରେ
ବଡ଼ କରି ଠିଆକଲେ ।
ପିତାମାତାଙ୍କର ସେବାରେ ସଦା
ଲଗାଇବା ଆମ ମନ,
ଜୀବନେ ସଦା ହୋଇବା ସୁଖୀ
ଜୀବନ ହେବ ଧନ୍ୟ ।


\+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେର୍ଦ୍ଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫


### ଭକତର ଖେଦ...

ନିରଞ୍ଜନ ସାହୁ



ଏମିତି ଜୀବନ ଜୀଇଁକି ରହିବା
କିଛି ହେଲେ ନାହିଁ ଲାଭ
ଯେଉଁ ଜୀବନରେ ତୁମ ସାଥେ ପ୍ରଭୁ
ହୋଇନାହିଁ ଟିକେ ଭାବ ।
ଆଖି ଦେଖିନାହିଁ ତୁମରି ଶ୍ରୀମୁଖ
ତୁଣ୍ଡ ଜପି ନାହିଁ ନାମ
କାନ ଶୁଣି ନାହିଁ ଭଜନ, ଜଣାଣ
ପାଦ ଯାଇନାହିଁ ଧାମ
ମୋ ପରି ପାପୀ ପାଦେ ଚାପି ଦେଇ
ନରକପୁରକୁ ଦାବ ।
ସଂସାର ଜଞ୍ଜାଳେ ଉବୁଟୁବୁ ହୋଇ
ମୋର ମୋର କହେ ନିତି
ଅଧର୍ମ, ଅନ୍ୟାୟେ ଜୀବନ କାଟିଛି
ଅନ୍ୟକୁ ଦେଖାଇ ଭୀତି
ମଝି ଚିଲିକାରେ ଅକାତ ଜଳରେ
ବୁଡ଼ାଇ ଦିଅ ମୋ ନାବ ।


\+ ନିହଳପ୍ରସାଦ, ଗଡିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଭାଗ-୨୩

ମୋତେ ଯେମିତି ଲାଗୁଥାଏ, ମୁଁ ତାଙ୍କର ଶିଷ୍ୟ ନୁହେଁ ପୁତ୍ର ପାଲଟି ଯାଇଛି । ଜଣେ ପିତା ସ୍ନେହରେ, ଶ୍ରଦ୍ଧାରେ ଯେମିତି ତାର ପୁତ୍ରକୁ ଶିକ୍ଷା ଦେଇଥାଏ ଆମ ଦୁହିଁଙ୍କ ଅବସ୍ଥା ଠିକ୍ ସେଇଆ । ମୋ ପାଇଁ ସେ ପାଲଟି ଯାଇଥାନ୍ତି ଏକାଧାରରେ ପିତା, ମାତା, ସଖା ସହୋଦର ପୁଣି ଗୁରୁଦେବ । ତାଙ୍କ ପାଖେ ରହି ସଦାସର୍ବଦା ମୁଁ ତାଙ୍କ ଆଦେଶ ପାଳୁଥାଏ ।

ଆଚାର୍ଯ୍ୟ ମୋତେ ପ୍ରତିଟି ଦିବ୍ୟାସ୍ତ୍ର ଶିକ୍ଷାଦେଇ ତାର ପ୍ରୟୋଗ ମଧ୍ୟ ବତାଇ ଦେଉଥାନ୍ତି । ପୁଣି ପ୍ରୟୋଗ ସମୟରେ ସାବଧାନତା ଓ ସତର୍କତା ସମ୍ବନ୍ଧରେ ମଧ୍ୟ ସୂଚନା ଦେଉଥାଆନ୍ତି । ତାଙ୍କ ନିର୍ଦ୍ଦେଶ ଓ ପରାମର୍ଶକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ମନେମନେ ସଂକଳ୍ପ କରୁଥିଲି । ଶତ୍ରୁପକ୍ଷରୁ ପ୍ରଥମେ ଦିବ୍ୟାସ୍ତ୍ରର ପ୍ରୟୋଗ ହେଲେ ଯାଇ ତାକୁ ପ୍ରତିରୋଧ କରିବାପାଇଁ ଦିବ୍ୟାସ୍ତ୍ରର ପ୍ରୟୋଜନ ଜରୁରି । ନଚେତ ବିନା କାରଣରେ ଏହାକୁ ବ୍ୟବହାର କରିବା ନିଷିଦ୍ଧ ।

ଧୀରେଧୀରେ ମୋର ଦିବ୍ୟାସ୍ତ୍ର ଓ ବ୍ରହ୍ମାସ୍ତ୍ର ଶିକ୍ଷା ସରିସରି ଆସୁଥାଏ । ଗୁରୁଦେବ ମଧ୍ୟ ମୋତେ ଅସ୍ତ୍ରଶିକ୍ଷା ଦେଇ ଖୁବ୍ ସନ୍ତୁଷ୍ଟ ଓ ପ୍ରସନ୍ନ ଦିଶୁଥାଆନ୍ତି । ନିଜକୁ ମୁଁ ଧନ୍ୟ ମନେ କରୁଥାଏ । ବାସ୍ତବରେ ଏ ମୋର କେଉଁ ଜନ୍ମର ଭାଗ୍ୟର ଫଳ ନିଶ୍ଚୟ । ନହେଲେ ଯେଉଁ ବିଦ୍ୟା କେବଳ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ଅଶ୍ୱତ୍‌ଥାମା, ଭୀଷ୍ମଦେବ ତଥା ମୋର ପ୍ରତିଦ୍ୱନ୍ଦ୍ୱୀ ଅର୍ଜୁନ ପାଇଥିଲେ ତାହା ଏବେ ମୋ ହାତମୁଠାକୁ ଆସିଯାଇଛି । ସାରା ହସ୍ତିନାପୁରରେ ଏଇ ମହାବୀରମାନଙ୍କ ସମକକ୍ଷ ହୋଇ ମୁଁ ରହିପାରିବି । ଏହାଠାରୁ ବଳି ସୌଭାଗ୍ୟ ମୋ ପାଇଁ ଆଉ କ'ଣ ହୋଇପାରେ ? ମୁଁ ସୂତପୁତ୍ର କର୍ଣ୍ଣ । ନୀଚକୁଳରେ ଜନ୍ମିତ ବୋଲି କମ୍ ଅବହେଳା, ନିର୍ଯାତନା ଓ ପଦାଘାତ ମୋତେ ସହିବାକୁ ପଡ଼ିନି । ଏବେ କିନ୍ତୁ ମହାମୁନି ଆଚାର୍ଯ୍ୟ ପରଶୁରାମଙ୍କ କୃପାରୁ ମୋ ମୁଣ୍ଡରୁ ସତେଯେମିତି ନୀଚଜନ୍ମର ପଥରଟିକୁ ତଳକୁ ଖସିଯାଇଛି । ମନେମନେ ମୁଁ ତୁଳନା କରୁଥାଏ ଦୁଇ ଆଚାର୍ଯ୍ୟଙ୍କୁ । ଜଣେ ଆଚାର୍ଯ୍ୟ ଦ୍ରୋଣ ଓ ଅପରଜଣକ ଆଚାର୍ଯ୍ୟ ପରଶୁରାମ । ବାସ୍ତବରେ କେତେ ତଫାତ୍ ଦୁହିଁଙ୍କ ମଧ୍ୟରେ । ଜଣେ ଆକାଶ ହେଲେ ଅନ୍ୟଜଣେ ପାତାଳ । ଜଣେ ବିଷ ହେଲେ ଅନ୍ୟଜଣେ ଅମୃତ । ଜଣେ ମୋ ପୌରୁଷକୁ ବାରମ୍ବାର ପଦାଘାତ କରିଛନ୍ତି, ଦିନେହେଲେ ଶ୍ରଦ୍ଧାରେ 'କର୍ଣ୍ଣ' ବୋଲି ମଧ୍ୟ ଡାକିନାହାଁନ୍ତି । ଅଥଚ ଆଉ ଜଣେ ମୋତେ ପୁତ୍ରର ସ୍ନେହରେ ବାନ୍ଧି ମୋର ଜ୍ଞାନଚକ୍ଷୁ ଖୋଲି ଦେଇଛନ୍ତି । ଯେଉଁଠି ଦ୍ରୋଣଙ୍କ ପାଖରେ ଅଳିଆଗଦାର ଆବର୍ଜନା ଥିଲି, ସେଠି ଆଚାର୍ଯ୍ୟ ପରଶୁରାମ ମୋତେ ସେଇ ଅପନ୍ତରା ମାଟିରେ ଫୁଟିଥିବା ଗୋଲାପ ଫୁଲର ମର୍ଯ୍ୟାଦା ଦେଇଛନ୍ତି । ଏହା କ'ଣ ମହନୀୟତାର ପରିଚାୟକ ନୁହେଁ ?

ଗୁରୁ-ଶିଷ୍ୟ ମଧ୍ୟରେ ସଂପର୍କ ପବିତ୍ରତାର ବନ୍ଧନ, ମଧୁରତାର ପରିଭାଷା । ଯାହା ଭାଷାରେ ବ୍ୟକ୍ତ କରିହୁଏନି । ସେଇ ହିଁ ଗୁରୁ ପଦବାଚ୍ୟ ଯିଏ ଶିଷ୍ୟକୁ ଦେବାରେ ପାଏ ଆନନ୍ଦ । ଏକାଧାରରେ ଜ୍ଞାନଦାତା, ବୁଦ୍ଧିଦାତା, ଶିକ୍ଷାଦାତା, ପ୍ରଜ୍ଞାଦାତା । ଜଣେ ସଫଳ ମଣିଷ ତିଆରି କାରଖାନାର ଚାବିକାଠି ରହିଛି ଗୁରୁଙ୍କ ଠାରେ । କିଛି ନେବାପାଇଁ ଗୁରୁ କେବେ ଆଶା ରଖେନି । ଶିଷ୍ୟଟିଏ ଗୁରୁଙ୍କୁ କ'ଣ ବା ଦେବ ? କିଛି ଭକ୍ତି, ସେବା, ଆନ୍ତରିକତା ଆଉ କୃତଜ୍ଞତା । ଏହାଛଡ଼ା ଶିଷ୍ୟ ପାଖରେ ଆଉ ବା କ'ଣ ଅଛି । ଭକ୍ତି, ସେବା ବଳରେ ସେ ଯେଉଁ ଜ୍ଞାନଅର୍ଜନ କରେ ତାହା ତାର ଚିରକାଳ । ସେଇଥିପାଇଁ ତ ଯୁଗେଯୁଗେ ଗୁରୁ ପ୍ରଣମ୍ୟ । ପରଶୁରାମ ପରି ମହାନ୍ ଗୁରୁଙ୍କ ଶିଷ୍ୟ ହୋଇ ମୋ ଜୀବନ ଧନ୍ୟ ହୋଇଯାଇଛି । ତାଙ୍କଠାରୁ ଯାହାପାଇଛି ସେ ପ୍ରାପ୍ତି ମୋର ଯୁଗଯୁଗ ତପସ୍ୟାର ଫଳ ।

ଦିବ୍ୟାସ୍ତ୍ର ଓ ବ୍ରହ୍ମାସ୍ତ୍ରର ଶିକ୍ଷା ଦେଇ ଗୁରୁଦେବ ମୋତେ ପରୀକ୍ଷା ମଧ୍ୟ କରୁଥାନ୍ତି । ଖୁବ୍ ଧୈର୍ଯ୍ୟର ସହ ମୁଁ ସେ ପରୀକ୍ଷା ଗୁଡ଼ିକ ସାମନା କରୁଥାଏ । କାଳେ ଅକୃତକାର୍ଯ୍ୟ ହୋଇ ଧରାପଡ଼ିଯିବି, ତେଣୁ ଭୟ ମଧ୍ୟ ଥାଏ ମନରେ । ଆଶ୍ରମର ପ୍ରାଙ୍ଗଣରେ ମୁଁ ଅସ୍ତ୍ରଚାଳନା ଅଭ୍ୟାସ ଜାରି ରଖିଥାଏ । ଗୁରୁଦେବ ମୋତେ ଉତ୍ସାହିତ କରୁଥାନ୍ତି । କ୍ରମଶଃ ମୁଁ ତାଙ୍କର ଅଧିକ ନିକଟତର ହୋଇ ଯାଉଥିଲି । ମୋରି ଆଗରେ ସତେଯେମିତି ସେ ହୃଦୟର ପୃଷ୍ଠାକୁ ଖୋଲି ଦେଇଥିଲେ । ଆଉ ମୁଁ ପୃଷ୍ଠାରୁ ତନ୍ନତନ୍ନ କରି ପଢ଼ି ନେଉଥିଲି ତାଙ୍କ ଅନ୍ତର୍ମନକୁ । ବେଶ୍ ଭଲ ଲାଗୁଥିଲା ଗୁରୁଦେବଙ୍କ ସାନ୍ନିଧ୍ୟ । ମହେନ୍ଦ୍ରଗିରିରେ ପାଦଦେବା ପୂର୍ବରୁ ମୋ ମନରେ ଯେଉଁ ଭୟ ଓ ଆଶଙ୍କା ଥିଲା ତହିଁରୁ ମୁଁ ଏବେ ସଂପୂର୍ଣ୍ଣ ମୁକ୍ତ । ମୋର ଲକ୍ଷ୍ୟ ଓ ସ୍ୱପ୍ନ ସାକାର ହେବାକୁ ଯାଉଛି । ଏଠାରୁ ଫେରି ମୁଁ ବି ଜଣେ ମହାବୀର ପାଲଟିଯିବି ଏଇ କାମନା କରି ସେଦିନ ରାତିଟି ସୁଖନିଦ୍ରାରେ କଟାଇଦେଲି ।

\- ଏକୋଇଶ -

ଅସ୍ତ୍ରଶିକ୍ଷା ମୋର ଶେଷପର୍ଯ୍ୟାୟରେ ପହଞ୍ଚି ଆସିଲାଣି । ଆଶ୍ରମ ଜୀବନ ମଧ୍ୟ ମୋର ସରିଯିବ । ଏହାପରେ ମୋତେ ପୁଣି ମୋ ପୂର୍ବ କର୍ମସ୍ଥଳୀକୁ ଫେରିଯିବାକୁ ପଡ଼ିବ । କିନ୍ତୁ ଏଇ କେତୋଟି ମାସର ରହଣୀ ମୋତେ ଏମିତି ମାୟାଜାଲରେ ଛନ୍ଦି ପକାଇଛି ଯେ, ମୁଁ ଏଥିରୁ ମୁକୁଳି ପାରୁନି । ଗୁରୁଦେବ ତ ସଂପୂର୍ଣ୍ଣ ମୋ ଉପରେ ନିର୍ଭରଶୀଳ ହୋଇ ପଡ଼ିଲେଣି । ପ୍ରତିଟି କଥାରେ ତାଙ୍କର ମୋତେ ହିଁ ପ୍ରଥମେ ଆବଶ୍ୟକ ପଡ଼େ । ଏତେ ଶ୍ରଦ୍ଧା, ମମତା ଏଡ଼ାଇ ତାଙ୍କୁ ଛାଡ଼ି ଏଠୁ ଯିବି କିପରି । ପିତୃତୁଲ୍ୟ ଗୁରୁଦେବ । ମୋ ନିକଟରେ କିଛି ଗୋପନୀୟ ନରଖି ଖୋଲାଖୋଲି ସବୁ ବିଦ୍ୟା ଶିଖାଇ ଦେଇଛନ୍ତି । ବିନା ଦ୍ୱିଧାରେ, ବିନା ଛଳନାରେ ଦିବ୍ୟାସ୍ତ୍ର, ବ୍ରହ୍ମାସ୍ତ୍ର ଭଳି ଅମୋଘଅସ୍ତ୍ର ମୋ ହାତରେ ଟେକି ଦେଇଛନ୍ତି । ପରଶୁରାମଙ୍କ ଭଳି ମହାନ୍ ଗୁରୁଙ୍କ ଋଣ ମୁଁ କେବେ, କେଉଁଜନ୍ମରେ ମଧ୍ୟ ପରିଶୋଧ କରି ପାରିବି ନାହିଁ ।

ସେଦିନ ବାହାରେ ଗଛମୂଳରେ ବସି ଅସ୍ତ୍ରଗୁଡ଼ିକ ପୋଛୁଥାଏ । ଗୁରୁଦେବଙ୍କ ଡାକରେ ତାଙ୍କ ପାଖକୁ ଗଲି । ଆଶ୍ରମ ପାଇଁ ଆବଶ୍ୟକୀୟ ସଉଦା ଆଣିବା ନିମନ୍ତେ ମୋତେ ସେ ନିକଟସ୍ଥ ବଜାରକୁ ଯିବାପାଇଁ କହିଲେ । ଆଶ୍ରମର ପରିବେଶ ପାହାଡ଼ିଆ, ଖାଦ୍ୟ, ବସ୍ତ୍ର, ବାସଗୃହ ସବୁକିଛି ମିଳେ ଅରଣ୍ୟରୁ । ମହେନ୍ଦ୍ରଗିରିର ଶିଳାଶିଖର ଆଶ୍ରମବାସୀଙ୍କ ପାଇଁ କିଛି ଅଭାବ ରଖେନି । ତେବେ ଅତ୍ୟାବଶ୍ୟକୀୟ ସଉଦା ପାଇଁ ନିକଟସ୍ଥ ଲୋକାଳୟ ଉପରେ ନିର୍ଭର କରିବାକୁ ପଡ଼େ । ଆଶ୍ରମ ଠାରୁ କିଛି ଦୂରରେ ଯେଉଁ ନିଷାଦ ଗ୍ରାମ ଅଛି ସେଠାରେ ମାସକୁ ଥରେ ହାଟ ବସେ । ତେଲ, ଲୁଣ ଠାରୁ ଆରମ୍ଭ କରି ସବୁକିଛି ସେଠାରେ ମିଳେ । ଆଶ୍ରମବାସୀମାନଙ୍କୁ ସବୁବେଳେ ସେଠିକୁ ଯିବାକୁ ପଡ଼େନି । ଥରେ ଗଲେ ଏକାଥରେ ତିନି, ଚାରିମାସ ପାଇଁ ସଉଦା ଆଣିବାକୁ ପଡ଼ିଥାଏ । ସେଦିନ ନିଷାଦ ଗ୍ରାମକୁ ଯାଇ ସଉଦାପତ୍ର ଆଣିବା ଦାୟିତ୍ୱ ମୋରି ଉପରେ ଥିଲା । ମୁଁ ତେଣୁ ଭୋଜନ ସାରି ସାମାନ୍ୟ ଟିକିଏ ବିଶ୍ରାମ ନେଇ ଉପରବେଳା ହାଟକୁ ଚାଲିଗଲି ।

ଗୁରୁଦେବଙ୍କ ନିର୍ଦ୍ଦେଶ ଥିଲା ସୂର୍ଯ୍ୟାସ୍ତ ପୂର୍ବରୁ ହାଟରୁ ଫେରି ଆସିବାକୁ ପଡ଼ିବ । ମୁଁ ତେଣୁ ତରତର ହେଉଥାଏ । ଜଂଗଲି ରାସ୍ତା । ଅଣଓସାରିଆ ଖାଲ, ଢିପ, କଣ୍ଟା, ବୁଦା ମଧ୍ୟରେ ମୁଁ ଚାଲୁଥାଏ । ଏ ସ୍ଥାନ ମୋ ପାଇଁ ସଂପୂର୍ଣ୍ଣ ନୂଆ । ତେଣୁ ହାତରେ ଥିଲା ମୋର ଧନୁଶର । ଏମିତି ଅଙ୍କାବଙ୍କା ଅରଣ୍ୟ ପଥରେ ଚାଲୁଚାଲୁ ଏକ ବିଚିତ୍ର ଶବ୍ଦରେ ଚମକିଗଲି । ଶବ୍ଦଟି ବୁଦାମୂଳରୁ ଆସୁଥିବାର ଅନୁମାନ କରି କୌଣସି ହିଂସ୍ରଜନ୍ତୁ ମୋତେ ଆକ୍ରମଣ କରିବାକୁ ଆସୁଥାଇ ପାରେ ବୋଲି ଧରିନେଲି । କାଳବିଳମ୍ବ ନକରି ସେହି ଶବ୍ଦକୁ ଲକ୍ଷ୍ୟକଲି ଶରଟିଏ ମାରିଲି । ତାପରେ ଯେଉଁ ଘଟଣାଟି ଘଟିଲା ସେଥିରେ ମୋ ଭାଗ୍ୟରେ ବିପର୍ଯ୍ୟୟର ରେଖାଟିଏ ଟାଣି ହୋଇଗଲା । ମୋର ଶର ଯେ ଏକ ନିରୀହ ଧେନୁର ପ୍ରାଣ ନେଇଛି ଏହା ଜାଣିପାରି ମର୍ମାହତ ହେଲି, କିନ୍ତୁ ଗୋହତ୍ୟା ଅପରାଧରେ ଯାହା ଦଣ୍ଡ ପାଇଲି ତାହା ମୋ ଅବଶିଷ୍ଟ ଜୀବନର ଗତିପଥକୁ ବଦଳାଇ ଦେଲା । ମୋତେ କ୍ଷମା ମାଗିବା ପାଇଁ ନିକଟସ୍ଥ ମୁନିଆଶ୍ରମକୁ ଯିବାକୁ ପଡ଼ିଲା । ମୁନିକୁମାର ଠାରୁ ଜାଣିବାକୁ ପାଇଲି ମୁଁ ମାରିଥିବା ଧେନୁଟି ଯଜ୍ଞଧେନୁ । ମୁନିବର ମୋତେ କ୍ରୋଧିତ ହୋଇ ଅଭିଶାପ ଦେଲେ । ମୁଁ ଅଜ୍ଞାତବଶତଃ ଏ ଭୁଲ୍ କରିଛି । ପୁଣି ଭୁଲ୍ ପାଇଁ କ୍ଷମାପ୍ରାର୍ଥୀ । ସବୁ ସତ୍ୟପ୍ରକାଶ କରିଦେଲା ପରେ ମଧ୍ୟ ମୁନିବର ମୋତେ ପ୍ରାଣଦଣ୍ଡ ନ ଦେଇ ଅଭିଶାପ ଦେଲେ । "ଯୁଦ୍ଧକ୍ଷେତ୍ରରେ ଦ୍ୱୈରଥ ସମରରେ ରଥଚକ ତୁମର ମାଟିରେ ପୋତି ହୋଇଯିବ ।"



ଓଃ କି ନିଷ୍ଠୁର, ନିର୍ମମ । ପରେ ଅର୍ଜୁନ ସହ ଯୁଦ୍ଧ କରୁଥିବା ସମୟରେ ଏହାର ପରିଣାମ ମୋତେ ଭୋଗିବାକୁ ପଡ଼ିଥିଲା । ବୀର ହେବାର ଲକ୍ଷ୍ୟନେଇ ମହେନ୍ଦ୍ରଗିରିରେ ମୁଁ ପାଦ ଦେଇଥିଲି । ସ୍ୱପ୍ନ ମଧ୍ୟ ମୋର ସଫଳ ହୋଇଥିଲା । ହେଲେ ଏବେ ଅଭିଶାପର ପଥର ମୋ ମୁଣ୍ଡ ଉପରେ ଲଦା ହୋଇଗଲା । ଆଚାର୍ଯ୍ୟଙ୍କ ଆଶ୍ରମକୁ ଫେରି ଗୁରୁଙ୍କ କେମିତି ମୁହଁ ଦେଖାଇବି । ମନ ମୋର ଚଞ୍ଚଳ ହୋଇ ଉଠୁଥାଏ, ସନ୍ଧ୍ୟାପୂର୍ବରୁ ମୋତେ ଆଶ୍ରମକୁ ଫେରିଯିବାକୁ ପଡ଼ିବ, ସନ୍ଧ୍ୟାପୂଜା ପରେ ଆଚାର୍ଯ୍ୟ ମୋତେ ନଦେଖି ବ୍ୟସ୍ତ ହେବେ । ତେଣୁ ଆଉ ମୁହୂର୍ତ୍ତେ ମଧ୍ୟ ନ ଅଟକି ଆଶ୍ରମ ଅଭିମୁଖେ ଯାତ୍ରାଗଲି ।

ଆଚାର୍ଯ୍ୟଙ୍କ ପାଖରେ ସବୁ ସିନା ଲୁଚାଇ ରଖିଲି, ହେଲେ ଭାଗ୍ୟରେ ଯା'ର ଖାଲି ଅଭିଶାପ ଲେଖାଅଛି, ତାକୁ ବଦଳାଇ ପାରିବାର ଶକ୍ତି ବା କାହାର ଅଛି । ଆଉ ଦିନକର ଘଟଣା ମୋର ଅଭିଶାପର ମାତ୍ରାକୁ ଆହୁରି ବଢ଼ାଇ ଦେଲା । ତାକୁ ଘଟଣା ନକହି ଦୁର୍ଘଟଣା କହିଲେ ଭୁଲ୍ ହେବନି ।

ମୋର ବିଦାୟ ସମୟ ଯେବେ ପାଖେଇ ଆସୁଥାଏ ଆଚାର୍ଯ୍ୟଙ୍କ ମନରେ ମୋ ପ୍ରତି ଉଦାରତା ସେତେ ବଢ଼ି ଚାଲିଥାଏ, ସେଦିନ ଆଚାର୍ଯ୍ୟ ସବୁଦିନ ପରି ଭୋଜନ ସାରି ବିଶ୍ରାମ ପାଇଁ ପ୍ରସ୍ତୁତ ହେଉଥାନ୍ତି । ମୁଁ ମଧ୍ୟ ତାଙ୍କପାଇଁ ଶଯ୍ୟାପାରି ଦେଇଥାଏ । ହେଲେ ମୋ ସହ ଆଳାପ କରୁକରୁ ମୋରି କୋଳରେ ମୁଣ୍ଡରଖି ସେ ଶୋଇଗଲେ । ତାଙ୍କ ମୁଣ୍ଡକୁ ଆସ୍ତେଆସ୍ତେ ଚିପିଦେଲି । ଗୁରୁଦେବ ମୋ କୋଳରେ ଶୋଇଛନ୍ତି ଏମିତି ଭାଗ୍ୟ କେଉଁ ଶିଷ୍ୟ କେବେ ପାଇଥିବେ କି ନା ସନ୍ଦେହ । ଗୁରୁଦେବଙ୍କ ମହାନତା ପାଖରେ ମୋ ମୁଣ୍ଡ ନଇଁ ଯାଉଥିଲା । ତାଙ୍କ ସୁଖନିଦ୍ରାରେ କାଳେ ବ୍ୟାଘାତ ହେବ ମୁଁ ତେଣୁ ଧୀରସ୍ଥିର ଭାବେ ଚାହିଁ ରହିଥିଲି । ଲକ୍ଷ୍ୟକଲି ମୋ ଜଙ୍ଘରେ ଗୋଟିଏ ଅନିଷ୍ଟକାରୀ କୀଟ ଦଂଶନକରି ମୋତେ ଧୀରେଧୀରେ ରକ୍ତାକ୍ତ କରିବାକୁ ବସିଲାଣି । ମୋ ଜଂଘ ଉପରେ ଗୁରୁଦେବଙ୍କ ମୁଣ୍ଡ । ମୁଁ ତାଙ୍କର ଅନୁଗତ ଶିଷ୍ୟ । ତାଙ୍କୁ ନିଦରୁ ଉଠାଇବା ମୋ ପକ୍ଷରେ ଅପରାଧ । ତେଣୁ ମୋତେ ଯନ୍ତ୍ରଣା ହେଲେ ମଧ୍ୟ ମୁଁ ସହି ଯାଉଥିଲି । ଶେଷରେ ପରିସ୍ଥିତି ଏମିତି ହେଲା ଯେ, ମୋ ଜଂଘର ରକ୍ତ ତାଙ୍କ ଅଂଗରେ ବାଜିଲା । ସେ ଉଠିପଡ଼ି ସନ୍ଦେହ ଦୃଷ୍ଟିରେ ମୋତେ ଚାହିଁଲେ ଆଉ କହିଲେ "ତୁମେ କ'ଣ ପ୍ରକୃତରେ ବ୍ରାହ୍ମଣ ସନ୍ତାନ ?" ସତ କୁହ ବସୁ । ମୋ ଆଗରେ ମିଥ୍ୟା ପରିଚୟ ଦେଇ ଦିବ୍ୟାସ୍ତ୍ର ଓ ବ୍ରହ୍ମାସ୍ତ୍ର ଶିକ୍ଷା ବି ନେଇଗଲ । ବେଶ୍ ଦୁଃସାହସ ତ ତୁମର, ଆଚାର୍ଯ୍ୟଙ୍କ ମୁଖଭଂଗୀରେ ହଠାତ୍ ପରିବର୍ତ୍ତନ ହୋଇଗଲା । ଆଖି ଦୁଇଟିରୁ କ୍ରୋଧର ନିଆଁ ଜଳି ଉଠୁଥିଲା । ମୁଁ କିଛି ଭାବିପାରୁ ନଥିଲି । ତାଙ୍କର ଏତେ ଗମ୍ଭୀରତା ଗଲା କୁଆଡ଼େ ? ତାଙ୍କର ଭୟଙ୍କର ଚାହାଁଣୀ । ଉଗ୍ର ମୂର୍ତ୍ତି ଦେଖି ମୋର ଯେମିତି ମନେ ହେଉଥିଲା ତାଙ୍କର କ୍ରୋଧାଗ୍ନିରେ ମୁଁ ଜଳିପୋଡ଼ି ଭସ୍ମ ହୋଇଯିବି । ଆଚାର୍ଯ୍ୟଙ୍କ ଆଖିରେ କିନ୍ତୁ ସନ୍ଦେହର ନିଆଁ ଲିଭି ନଥିଲା । ସେ ଗର୍ଜନ କରି ଚିତ୍କାର କରି ଉଠିଲେ । ଏ ମିଥ୍ୟା ପ୍ରହସନ ବନ୍ଦକର । କହ, ପ୍ରକୃତରେ ତୋର ପରିଚୟ କ'ଣ ? ଜଣେ ବ୍ରାହ୍ମଣ ପକ୍ଷରେ ଏଭଳି କୋମଳ ଅଂଗଧରି କଷ୍ଟ ସହିବା ଅସମ୍ଭବ । ଏହା କେବଳ କ୍ଷତ୍ରିୟ ମାନଙ୍କୁ ସାଜେ । ସତ କହ, ତୁ କେଉଁ କପଟାଚାରୀ କ୍ଷତ୍ରିୟ ସନ୍ତାନ । ମୋ ପାଖରେ ମିଥ୍ୟାକହି ଦିବ୍ୟାସ୍ତ୍ର ଓ ବ୍ରହ୍ମାସ୍ତ୍ରର ଜ୍ଞାନ ନେଇଗଲୁ । ଏବେବି ସମୟ ଅଛି ସବୁ ସତକଥା ମାନିଯା । ନହେଲେ ତୋତେ ଅଭିଶାପ ଦେବି ।

ଓଃ ଅଭିଶାପ.... ଅଭିଶାପ.... ଅଭିଶାପ.... ଏହି ଅଭିଶାପ ନାମଟି ସହ ସେ ତ ପ୍ରଥମରୁ ଜଡ଼ିତ । କର୍ଣ୍ଣର ଜନ୍ମ ଯେମିତି କେବଳ ଅଭିଶାପରୁ ।

ସାରାଜୀବନ ମଧ୍ୟ ଏହି ଅଭିଶାପକୁ ପାଥେୟକରି ବଞ୍ଚି ରହିବ । ଜୀବନଯାକ ଅଭିଶାପର ବୋଝ ତାକୁ ମୁଣ୍ଡେଇବାକୁ ପଡ଼ିବ । ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ଖାଲି ଅଭିଶାପ ଆଉ ଅଭିଶାପ ।(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# କର୍ମର ଫଳ

ଶ୍ୱେତା ରାଉତ୍

## ସମ୍ପର୍କର ରଙ୍ଗ



ମଧୁ ଆଉ ଚନ୍ଦୁ ଦୁଇଭାଇଙ୍କର ଖୁବ୍ ଅଚଳାଚଳ ସମ୍ପତ୍ତି ଥିଲା। ପରିବାରରେ ସମସ୍ତେ ଖୁବ୍ ଖୁସିରେ ରହୁଥିଲେ। ବାପାଙ୍କ ସମ୍ପତ୍ତିରେ ବିରାଟ ସପିଂ ମଲ୍ କରି ଅନେକ ବ୍ୟବସାୟ ବଢାଇ ଦୁଇଭାଇ ଖୁସିରେ ରହୁଥିବା ବେଳେ ସେମାନଙ୍କ ବାପାଙ୍କ ଦେହାନ୍ତ ହେଲା। ମଲାବେଳେ ବୁଢା ବାପା ମଧୁକୁ କହିଲେ 'ତୁ ବଡ ପୁଅ, ଚନ୍ଦୁ ତୋଠୁ ବହୁତ ସାନ ପିଲାଟା, ତାକୁ ପୁଅ ଭଳି ଦେଖିବୁ। ମଧୁ ବାପାଙ୍କ ମଲାପରେ ଚନ୍ଦୁକୁ ସ୍ନେହ ଶାସନରେ ପୁଅ ଭଳି ରଖି ବିବାହ କରାଇଲେ। କିନ୍ତୁ ଏ ସମ୍ପର୍କ ଅଧିକ ଦିନ ରହିଲା ନାହିଁ। ଚନ୍ଦୁର ସ୍ତ୍ରୀ ସୁନ୍ଦର ଓ ସର୍ବଗୁଣ ସମ୍ପର୍ଣ୍ଣା ହୋଇଥିବାରୁ ତାକୁ ସମସ୍ତେ ଶ୍ରଦ୍ଧା କଲେ। ଏହା ଦେଖି ମଧୁର ସ୍ତ୍ରୀ ଈର୍ଷାପରାୟଣ ହୋଇ ସ୍ୱାମୀକୁ ଏମିତି ପ୍ରରୋଚନା ଦେଲା ଯେ, ମଧୁ ସ୍ତ୍ରୀ ବୁଦ୍ଧିରେ ପଡି କେବଳ ନିଜ ସ୍ୱାର୍ଥ ଚିନ୍ତା କରିବାକୁ ଲାଗିଲା। ଚନ୍ଦୁକୁ ଡରାଇ ଧମକାଇ ସବୁ ସମ୍ପତି ନିଜ ହାତମୁଠାରେ ରଖି ନିଜ ଆରାମ ଜୀବନ କାଟିବାକୁ ଲାଗିଲା।

ମଧୁ ବିଚରା ତା ସ୍ତ୍ରୀର କୂଟ ଜାଣି ପାରୁନଥିଲା ଯେ, ବାପଘରର ବିରାଟ ପରିବାରକୁ ପୋଷିବା ପାଇଁ ତା ସ୍ତ୍ରୀ ଏମିତି ଖେଳ କରି ଭାଇ ଭାଇ ଭିତରେ ତିକ୍ତତା ଆଣୁଛି ବୋଲି। ମଧୁ ଧିରେ ଧିରେ ସାଙ୍ଗ ସାଥି ମେଳରେ ମଦ ପିଇ, ଅୟାସୀ ପ୍ରବୃତ୍ତିରେ ଲିପ୍ତ ରହି ଆହୁରି ଖରାପ ହେବାକୁ ଲାଗିଲା। ଚନ୍ଦୁ ଓ ତା ସ୍ତ୍ରୀ ପିଲାଙ୍କୁ ଆଡ ଆଖିରେ ଚାହିଁଲାନି। ମଧୁ ଯେତେ ଖରାପ ହେଲେ ବି ତା ସ୍ତ୍ରୀକୁ କିଛି ଫରକ ପଡୁନଥିଲା, କାରଣ ତାର ଦରକାର ଥିଲା ସୁନା ଗହଣା ଓ ଧନ ସମ୍ପତ୍ତି। ଚନ୍ଦୁ ବିଚରା ବଡଭାଇକୁ ସବୁବେଳେ ମାଗି ମାଗି ଚଳୁଥିଲା। ଭିକ ଦେଲାଭଳି ତା ସ୍ତ୍ରୀ ପିଲାଙ୍କୁ କେବେ କିଛି ଦେଉଥିଲେ ତ କେବେ ଆଦୌ ଶୁଣୁନଥିଲେ। ଯଦିଓ ଚନ୍ଦୁ ପୈତୃକ ସମ୍ପତ୍ତିର ଅଧା ମାଲିକ ତଥାପି ଘରର ଚାକରଠୁ ବି ହୀନ ଭଳି ଚନ୍ଦୁକୁ ରଖୁଥିଲେ ଭାଇ ଭାଉଜ।

ବାହାରକୁ ଖୁବ୍ ଆଡମ୍ବରପୂର୍ଣ୍ଣ ବେଶଭୂଷା, କଥାବାର୍ତ୍ତା ଯୋଗୁଁ କେହି ଜାଣି ପାରନ୍ତି ନାହିଁ ମଧୁ ଓ ତା ସ୍ତ୍ରୀ ଏତେ ବଡ ସ୍ୱାର୍ଥପର ଓ କୃତଘ୍ନ ବୋଲି। ସେମାନଙ୍କ ପିଲାମାନେ ହୀରାନୀଳା, ଖିରି ପୁରିରେ ଭାସୁଥିବା ବେଳେ, ଚନ୍ଦୁର ସ୍ତ୍ରୀ ପିଲା କବାଟ ବନ୍ଦ କରି ତକିଆରେ ମୁହଁ ମାଡି କାନ୍ଦନ୍ତି। ବଡ ଭାଇକୁ ଅସମ୍ମାନ କରିବନି ବୋଲି ଚନ୍ଦୁ ସବୁ ସହି ନିଜ ସ୍ତ୍ରୀ ପିଲାକୁ ବୁଝାଇ ଦିଏ, କାହାକୁ ପଦେ କିଛି କୁହେନି କି ଅଭିଯୋଗ କରେନି।

ଅର୍ଥ ଆଉ ସ୍ୱାର୍ଥ ମଧୁ ଓ ତା ସ୍ତ୍ରୀକୁ ଏତେ ଅନ୍ଧ କଲା ଯେ, ଦିନେ ସେମାନେ ଚନ୍ଦୁ ଶୋଇଥିବା ରୁମ୍‌ରେ ନିଆଁ ଲଗେଇଦେଲେ। ଚାହୁଁ ଚାହୁଁ ଚନ୍ଦୁ ତା ପରିବାର ସହିତ ଜଳିଗଲା। ମଧୁ କିନ୍ତୁ ମିଛ ଗୁଜବ କଲା ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଛି ବୋଲି। ସମ୍ପତ୍ତିର ଲୋଭ ପାଇଁ ସମ୍ପର୍କକୁ ଜାଳିବାକୁ ମଧୁକୁ ଟିକେ ବି ଭାବିବାକୁ ସମୟ ଲାଗିନଥିଲା। ସେଦିନ ହୁଏତ ସେମାନେ ଚନ୍ଦୁ ପରିବାରକୁ ମାରି ସବୁ ସମ୍ପତ୍ତିର ମାଲିକ ହେବେ ବୋଲି ଖୁବ୍ ଖୁସି ହେଉଥିବେ, କିନ୍ତୁ କର୍ମର ଫଳ ତ ଭୋଗିବାକୁ ପଡିବ। ଚନ୍ଦୁ ଓ ତା ସ୍ତ୍ରୀ ପିଲାଙ୍କ ଆତ୍ମା ସେ ଘର ଭିତରେ ଘୂରି ବୁଲିଲା। ବିକଟାଳ ରଡି ଦେଇ ସେମାନେ ଯେମିତି ନ୍ୟାୟ ଚାହୁଁଥିଲେ। ମଧୁ ସେ ଘରେ ମୁହୂର୍ତ୍ତ ଟିଏ ବି ରହି ପାରିଲାନାହିଁ। ଏତେ ବଡ ବଙ୍ଗଳା ଥାଇ ବି ପିଲାଛୁଆ ଧରି ଭଡା ଘର ନେଇ ରହିଲା। ନୃସଂଶ ଭାବେ ମାରିଥିବା ତା ଭାଇ ସପରିବାରଠୁ ମୁକ୍ତି ପାଇବାକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କଲା ପ୍ରତିକାର କରିବାକୁ। ଗୁଣିଆ ଡାକିଲା, ଜ୍ୟୋତିଷ ଡାକିଲା କିଛି ଲାଭ ହେଲାନାହିଁ। ଏମିତି ହୀନସ୍ତା ଜୀବନ ବଞ୍ଚୁ ବଞ୍ଚୁ ମଧୁ ରୋଗରେ ପଡି ସର୍ବଶାନ୍ତ ହେବାକୁ ଲାଗିଲା। ଏତେ ବଡ ପ୍ରାସାଦ ଥାଇ ବି ଫୁଟପାତରେ ତା ଦିନ କଟିଲା।

ଜଣେ ସାଧୁ କହିଲେ ପ୍ରତିଦିନ ଦୁଇଶହ ଲେଖାଏଁ ଲୋକଙ୍କୁ ଭୋଜନ କରାଇଲେ ସେମାନଙ୍କ ଆତ୍ମା ହୁଏତ ଶାନ୍ତି ପାଇବ। ମଧୁ ଏତେ ଦହଗଞ୍ଜ ଜୀବନ ସହି ପାରୁନଥିଲା, ତାର ଅର୍ଥର ଅଭାବ ବି ନଥିଲା। ତେଣୁ ସେ ସାଧୁଙ୍କ କଥାରେ ରାଜି ହୋଇ ପ୍ରତିଦିନ ଲୋକଙ୍କୁ ଭୋଜନ କରାଇଲା। ନିଜ ମା' ପେଟର ଭାଇକୁ କିଛି ନଦେଇ, ତା ପ୍ରତି ଅନ୍ୟାୟ କରି ଯେତିକି ସମ୍ପତ୍ତି ରଖିଥିଲା, ସବୁ ପୂଜାପାଠ, ମନ୍ତ୍ରତନ୍ତ୍ର, ଡାକ୍ତରଖାନାରେ ଚାଲିଗଲା। ସେତେବେଳେ ଲୋକମାନେ ଜାଣିଲେ ଏହା କେବଳ କର୍ମର ଫଳ। ମଧୁ ସିନା ତା କର୍ମର ଫଳ ଭୋଗିଲା, ହେଲେ ଚନ୍ଦୁ ବିଚରା ବିନା ଦୋଷରେ ବଳି ପଡିଗଲା।

ଜୀବନରେ ସମ୍ପତ୍ତି ସମସ୍ତେ ଅର୍ଜନ କରିବାକୁ ଚାହାନ୍ତି ହେଲେ ଭୋଗ କରିବା ନିଜର କର୍ମ ଓ ପ୍ରାରବ୍ଧ ଉପରେ ନିର୍ଭର କରେ, କିନ୍ତୁ ସମ୍ପର୍କ ଅର୍ଜନ କରିବା ନିଜ ସଂସ୍କାରର ପରିଚୟ ଦିଏ।


+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,ଭୁବନେଶ୍ୱର-୬
(ମୋ) ୯୪୩୯୭୨୬୦୬୦


# ଆଜିର କବିତା

## ହେ ଦୟାମୟ...

କଲ୍ୟାଣୀ ନନ୍ଦ



କାଳିଆ...କାଳିଆ...
ସେହି ଭକତିକୁ ଦିଅହେ ମାଧବ
ଆନ କିଛି ଲୋଡ଼ା ନାହିଁ
ତୋ ନାମ ରସରେ ପଖାଳି ମୋ ମନ
ଜୀବ ଯାଉ ଶ୍ରୀମୁଖ ଚାହିଁ।

ଡାକି ଡାକି ମୋର ତଣ୍ଟି ଶୁଖିଲାଣି
ହେ ଆର୍ତ୍ତଜନ ବାନ୍ଧବ
ଚଉଦିଗେ ଖାଲି ମାୟା ମରୀଚିକା
ତୁମକୁ ନ ପାଏ ଠାବ
ଲୀଳାମୟ ହରି
ଏ ଭବେ ପହଁରି
ଆଉ ବଳ ପାଉ ନାହିଁ
ଆନ କିଛି ଲୋଡ଼ା ନାହିଁ।

ଶୁଭ ସକାଳରେ ପଖାଳି ଲୁହରେ
ତୁମରି ଛନ୍ଦା ଚରଣ
ଅହରହ ତୁମ ନାମ ସଂକୀର୍ତ୍ତନେ
ହଜି ଯାଉ ମୋର ପ୍ରାଣ
ଏ ଭବ ସାଗରେ ମୋତେ
ପାରି କରିବାରେ
ତୁମ ବିନା କେହି ନାହିଁ।

ଦିଅ ହେ ଭକତି ଦିଅ ହେ ଶକତି
ସୁଦାମା ଯା'ପାଇଥିଲେ
ଆନ ଦରବରେ ନାହିଁ ମୋର ଲୋଡ଼ା
ତୋ ବିନା ତୁଚ୍ଛ ବିଭବ
ତୁହି ମୋର ପ୍ରାଣ
ତୁହି ମୋ ଜୀବନ
ଝୁରୁଛି ଶବରୀ ମୁହିଁ,
ତୁମ ବିନା କେହି ନାହିଁ...
ଆନ କିଛି ଲୋଡ଼ା ନାହିଁ...


+ବାଲେଶ୍ୱର,ଓଡ଼ିଶା




## ଶ୍ରୀକ୍ଷେତ୍ରେ ଜଗନ୍ନାଥ...

ସ୍ନିଗ୍ଧା ସାମନ୍ତରାୟ



ମନ କୁଞ୍ଜବନେ ଭ୍ରମର ପୁଷ୍ପଟି
ବାସ୍ନାୟିତ ପ୍ରତିକ୍ଷଣେ
ଚନ୍ଦନର ବାସ ବଡ଼ ଦାଣ୍ଡ ବାସେ
କୃପା ବର୍ଷା ଆଲିଙ୍ଗନେ।

ଭକ୍ତି ରସ ପ୍ରେମ ଭକତ ସାଥିରେ
ପ୍ରଭୁ ଦୃଶ୍ୟ ରଥ ପଥେ
ମୁକତି ପସରା ବର୍ଷିବ ଶ୍ରୀକ୍ଷେତ୍ରେ
ଜୀବ ଶାନ୍ତି ମନୋରଥେ।

ଦୁର୍ଲ୍ଲଭା ତୁଳସୀ ଖସି ପଡୁଥିବ
ସ୍ମିତହାସ୍ୟ ନୀଳମଣି
ଭାବର ଲୋତକ ଝରିବ ନୟନୁ
ଚିନ୍ତା ନେବେ ଚିନ୍ତାମଣି।

ଭାବ ସମୁଦ୍ରରେ ପ୍ରେମର ତରଙ୍ଗ
ବ୍ରହ୍ମ ଉତ୍ସବ ଶ୍ରୀକ୍ଷେତ୍ରେ
କଳା ବାମନ ଲୁଚି ଲୁଚି ହସଇ
ଦୁଃଖ ଜଣାନ୍ତି ଭକତେ।

ରଥ ବି ହସୁଛି ପଥ ବି ହସୁଛି
ମୃଦଙ୍ଗର ତାଳେ ତାଳେ
ହରିବୋଲ ହୁଳହୁଳି, ଶଙ୍ଖଧ୍ୱନି
କରତାଳି ସାଧୁ ମେଳେ ।

ଭାବରେ ବନ୍ଧା ଭାବଗ୍ରାହୀ ସିଏତ
ଅଧିଷ୍ଠିତ ନନ୍ଦିଘୋଷେ
ଗତିମୁକ୍ତି ଦାତା ଜୀବ ସାଥେ ଲୀଳା
ନାମ ଶୁଣଇ ହରଷେ ।

ଦଶାବତାର ଯାତ୍ରା ବିଶ୍ୱ ପ୍ରସିଦ୍ଧ
ଶ୍ରୀକ୍ଷେତ୍ରେ ଜନ ଗହଳି
ପତିତ ଉଦ୍ଧାର କରିବା ପାଇଁକି
ନନ୍ଦିଘୋଷେ ବନମାଳି।


+ଚୁନଭାଟି, ଗୋପାଳ ଗାଁ, ବାଲେଶ୍ୱର


## କଳାଶ୍ରୀମୁଖ...

ରଞ୍ଜିତା ଦାଶ

କଳାମୁଖ କଳା ଦିଅଁ ନାମଟି ତୋହର
ରାଧାରାଣୀ ଭାବ ପୁଣି ମୀରାବାଈ ସୁର ।
ଜଣେ ତ ଜୀବନ ହେଲେ
ଜଣେ ତୋ ପରାଣ
କାହିଁକି କରିଲୁ ତାଙ୍କୁ ଏତେ ହଇରାଣ ।

ଜଣେ ପ୍ରେମ ପାଗିଳନୀ ଜଣେ ବିରହିଣୀ
କୁଞ୍ଜବନେ କିଏ ସତେ ଆତ୍ମା ସ୍ୱରୁପିଣୀ।
କେତେ କେତେ ରୁପ ତୋର
କେତେ ଯେ ମହିମା
ପାଗଳିନୀ ପ୍ରାୟ ଗୋପୀ ନ ମାନନ୍ତି ସୀମା।

କଳିରେ କରାଳ ଆଜି ତୋ ନୀରବ ମୁଖ
ଜଗତେ ବୋଲାଉ ପରା ତୁ କଳା ଶ୍ରୀମୁଖ ।
ସେଠି ସିନା ମଥୁରାକୁ ଅକ୍ରୁର ଘେନିଲେ
ଏଠି ଛତିଆ ବଟକୁ ଚାହିଁ କି ରହିଲେ ।

କେବେ ତୁ ନାଶିବୁ ପାପୀ କଳ୍କୀ ଅବତାରେ
ଯେତେ ଡେରି ସେତେ
ଭୟ ଏଇ ହୃଦୟରେ।
ଏତିକି ମିନତି ଆଜି ତୋର ପାଶେ କରେ
ସଦା ରହୁ ଚିତ୍ତ ମୋର
ତୋ ରଙ୍ଗା ପୟରେ।


+ମହାନ୍ତି ପାଟଣା, ଅହିୟାସ, ଯାଜପୁର

# ଜିଓ ଏପ୍ରିଲ୍‌ରେ ଓଡ଼ିଶାରେ ଯୋଡ଼ିଛି ସର୍ବାଧିକ ୨.୬୯ ଲକ୍ଷ ନୂଆ ଗ୍ରାହକ

## ରାଜ୍ୟରେ ଜିଓଫାଇବର୍ ଗ୍ରାହକ ସଂଖ୍ୟା ୫୦,୦୦୦ ଟପିଲା





ଭୁବନେଶ୍ୱର,୧୪/୭ (ନି.ପ୍ର): ଓଡ଼ିଶାର ସବୁଠୁ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ୨୦୨୧ ଏପ୍ରିଲ୍ ମାସରେ ରାଜ୍ୟରେ ସର୍ବାଧିକ ୨.୬୯ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି। ଏହା ସହିତ ଜିଓର ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ୍ ସେବା ଜିଓଫାଇବର୍‌ର ଗ୍ରାହକ ସଂଖ୍ୟା ଓଡ଼ିଶାରେ ୫୦,୦୦୦ ମାଇଲଖୁଂଟ ଅତିକ୍ରମ କରିବା ସହ ରାଜ୍ୟରେ ମୋଟ ଜିଓଫାଇବର ଗ୍ରାହକ ସଂଖ୍ୟା ଏପ୍ରିଲ୍ ୩୦ ସୁଦ୍ଧା ୫୪,୦୫୮ରେ ପହଂଚିଥିବା ଟ୍ରାଇ ପକ୍ଷରୁ ପ୍ରକାଶ କରାଯାଇଥିବା ଓ୍ୱାଇରଲାଇନ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ଓଡିଶାରେ ପ୍ରାୟ ୧.୪୬ କୋଟି ମୋବାଇଲ୍ ଗ୍ରାହକ ସହିତ ରାଜ୍ୟରେ ଟେଲିକମ୍ କ୍ଷେତ୍ରରେ ୪୨% ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ୨୦୨୧ ଏପ୍ରିଲ୍ ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୨,୬୯,୦୮୨ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ, ଭାରତୀ ଏୟାରଟେଲ୍ ୧୬,୫୧୩ ନୂଆ ଗ୍ରାହକ ଯୋଡିଛି। ତେବେ ଏହି ମାସରେ ବିଏସଏନଏଲ ୮୪,୬୪୦ ଗ୍ରାହକ ହରାଇଥିବା ବେଳେ ଭୋଡାଫୋନ୍ ଆଇଡିଆ ୪୯,୭୦୭ ଗ୍ରାହକ ହରାଇଥିବା ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଜିଓ ପକ୍ଷରୁ ଉଲ୍ଲେଖନୀୟ ଗ୍ରାହକ ଯୋଡ଼ାଯାଇଥିବାରୁ ଓଡ଼ିଶାରେ ମୋଟ୍ ମୋବାଇଲ୍ ଗ୍ରାହକ ସଂଖ୍ୟା ୧.୫୧ ଲକ୍ଷ ବୃଦ୍ଧି ପାଇ ପ୍ରାୟ ଏପ୍ରିଲ୍ ଶେଷ ସୁଦ୍ଧା ୩.୪୫ କୋଟିରେ ପହଂଚିଛି। ଜାତୀୟ ସ୍ତରରେ ମଧ୍ୟ ଏପ୍ରିଲ୍ ମାସରେ ରିଲାଏନ୍ସ ଜିଓ ସର୍ବାଧିକ ୪୭.୫୬ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ଏୟାରଟେଲ୍ ଏହି ମାସରେ ପ୍ରାୟ ୫ ଲକ୍ଷ ଗ୍ରାହକ ଯୋଡ଼ିଛି। ସମାନ ସମୟରେ ଉଭୟ ଭୋଡାଫୋନ୍ ଆଇଡିଆ ଓ ବିଏସ୍‌ଏନ୍‌ଏଲ୍ ଲକ୍ଷ ଲକ୍ଷ ସଂଖ୍ୟକ ଗ୍ରାହକ ହରାଇଛନ୍ତି। ଏପ୍ରିଲ୍ ମାସରେ ଭୋଡାଫୋନ୍ ଆଇଡିଆ ୧୮ ଲକ୍ଷ ଗ୍ରାହକ ହରାଇଥିବା ବେଳେ ବିଏସଏନଏଲ୍ ୧୩ ଲକ୍ଷରୁ ଅଧିକ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ସର୍ବାଧିକ ସଂଖ୍ୟକ ମୋବାଇଲ୍ ଗ୍ରାହକ ଏବଂ ରାଜ୍ୟର ଟେଲିକମ୍ କ୍ଷେତ୍ରର ମୋଟ ରାଜସ୍ୱରେ ୫୦ ପ୍ରତିଶତରୁ ଅଧିକ ବଜାର ଅଂଶ ସହ ରିଲାଏନ୍ସ ଜିଓ ହେଉଛି ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ।ଏହା ଘରୁ କାମ କରୁଥିବା (ୱାର୍କ ଫ୍ରମ୍ ହୋମ୍) ପ୍ରଫେସନାଲ୍ ଏବଂ ଅନ୍‌ଲାଇନ୍‌ରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ସହାୟକ ହୋଇଛି।

# ୨୦୨୨ରେ ହାତୀ ଗଣନା: ୨୦୧୭ ପରେ ରାଜ୍ୟରେ ହୋଇନି ହାତୀ ଗଣନା

ଭୁବନେଶ୍ୱର,୧୪/୭ (ନି.ପ୍ର): ୨୦୨୨ରେ ହାତୀ ଗଣନା। ମାର୍ଚ୍ଚରୁ ମେ' ମାସ ମଧ୍ୟରେ ସମସ୍ତ ରାଜ୍ୟରେ ହାତୀ ଗଣନା କରାଯିବ। କେଉଁ ପଦ୍ଧତିରେ ହାତୀଙ୍କ ଗଣନା କରାଯିବ ସେନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ ଚାଲିଛି। ହାତୀ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯାଇ ଅଗଷ୍ଟ ଶେଷ ସୁଦ୍ଧା ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ। ଏନେଇ ଜୁନ୍ ମାସରେ ବନ୍ୟପ୍ରାଣୀ ଏଡିଜିଙ୍କ ଅଧ୍ୟକ୍ଷତାରେ ହାତୀ ଚଳପ୍ରଚଳ କରୁଥିବା ସମସ୍ତ ରାଜ୍ୟର ପିସିସିଏଫ୍‌ଙ୍କ ସହ ମଧ୍ୟ ବିଚାରବିମର୍ଶ ହୋଇଛି। ହାତୀ ଶିକାର, ମୃତ୍ୟୁ, ସୁରକ୍ଷା ପାଇଁ ଭିତ୍ତିଭୂମି ଆଦି ଉପରେ ଆଲୋଚନା ସହ ହାତୀ କରିଡର ନେଇ ମାନସମନ୍ବନ ହୋଇଥିବା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ସୂଚନା ମିଳିଛି। ଓଡ଼ିଶା ମଧ୍ୟ ହାତୀ ଗଣନା ପଦ୍ଧତି ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ଦୀର୍ଘ ୫ ବର୍ଷ ପରେ ରାଜ୍ୟରେ ହାତୀ ଗଣନା କରିବାକୁ ସରକାର ପ୍ରସ୍ତୁତି କରୁଥିବାରୁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ହାତୀ ଗଣନା ପାଇଁ ଜାତୀୟ ସ୍ତରରେ ସଜବାଜ ଚାଲିଥିବା ବେଳେ ଓଡ଼ିଶା ଅଧିକ ଚର୍ଚ୍ଚାରେ ରହିଛି। ହାତୀଙ୍କ ସଂଖ୍ୟା ବଢ଼ିଥିବା ନେଇ ସରକାରୀ ସ୍ତରରେ ଆକଳନ କରାଯାଉଥିବା ବେଳେ ହାତୀ ସଂଖ୍ୟା କମିଥିବା ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ତଥ୍ୟ ଅନୁଯାୟୀ ୨୦୧୫ ଗଣନା ସମୟରେ ଓଡ଼ିଶାରେ ୧୯୫୪ଟି ହାତୀ ରହିଥିଲେ। ତେବେ ୨୦୧୭ ଗଣନା ସମୟରେ ହାତୀଙ୍କ ସଂଖ୍ୟା ୧୯୭୬କୁ ବୃଦ୍ଧି ପାଇଥିଲା। ଅର୍ଥାତ୍ ୨୨ଟି ହାତୀ ବଢ଼ିଥିଲେ। ରାଜ୍ୟର ୪୩ ବନ୍ୟପ୍ରାଣୀ ଡିଭିଜନରେ ଏହି ହାତୀ ଗଣନା କରାଯାଇଥିଲା। ତିନୋଟି ହାତୀ ସଂରକ୍ଷିତ ଅଞ୍ଚଳ ଯଥା ମୟୂରଭଞ୍ଜ, ମହାନଦୀ ଓ ସମ୍ବଲପୁରରେ ୧୫୩୬ ହାତୀ ରହିଥିଲେ। ୫ଟି ଅଭୟାରଣ୍ୟରେ ୭୯ ହାତୀ, ବିଭିନ୍ନ ହାତୀ ସଂରକ୍ଷିତ ଅଞ୍ଚଳ ଓ ଅଭୟାରଣ୍ୟ ବାହାରେ ୩୬୧ ହାତୀ ରହିଥିବା ଗଣନାରୁ ସୂଚନା ମିଳିଥିଲା। ୧୯୭୬ ହାତୀଙ୍କ ମଧ୍ୟରୁ ୩୪୪ଟି ଅଣ୍ଡିରା, ୧୦୯୨ ମାଈ ଓ ୫୦୨ଟି ଛୁଆ ହାତୀ ରହିଥିଲେ। ୩୮ଟି ହାତୀଙ୍କର ଲିଙ୍ଗ ନିରୂପଣ ହୋଇ ପାରି ନଥିଲା। ଶିମିଳିପାଳ ବନଖଣ୍ଡରେ ସର୍ବାଧିକ ୩୩୦ ହାତୀ ରହିଥିବା ଗଣନାରୁ ଜଣାପଡ଼ିଥିଲା। ନିୟମ ଅନୁଯାୟୀ ପ୍ରତି ଦୁଇ ବର୍ଷ ବ୍ୟବଧାନରେ ହାତୀ ଗଣନା କରାଯିବା କଥା। ଏଥିରେ ହାତୀଙ୍କ ସଂଖ୍ୟା, କେଉଁ ବନଖଣ୍ଡରେ କେତେ ହାତୀ ରହିଛନ୍ତି, କେଉଁ ବର୍ଗର କେତେ ହାତୀ ଅଛନ୍ତି ତାହାର ଟିକିନିଖି ତଥ୍ୟ ସଂଗ୍ରହ କରାଯାଇଥାଏ। ଶେଷ ଥର ପାଇଁ ୨୦୧୭ ମେ'ରୁ ଜୁଲାଇ ମାସ ମଧ୍ୟରେ ହାତୀ ଗଣନା ହୋଇଥିଲା। ତା'ପରଠାରୁ ଆଉ ଗଣନା ହୋଇ ନାହିଁ। ପ୍ରଶାସନିକ ସ୍ତରରେ ଅବହେଳା ସହ ହତୀ ମୃତ୍ୟୁ ସଂଖ୍ୟା ତଥ୍ୟ ଲୁଚାଇବା ପାଇଁ ୨୦୧୯ ଓ ୨୦୨୧ରେ ହାତୀ ଗଣନା ହୋଇ ପାରି ନ ଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୱାଇଲ୍ଡ୍‌ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ସମ୍ପାଦକ ତଥା ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତିଙ୍କ ମତରେ କରୋନା ଯୋଗୁଁ ଗତ ଦୁଇ ବର୍ଷ ହେଲା ଜଙ୍ଗଲରେ ଠିକ୍ ଭାବେ ପାଟ୍ରୋଲିଂ ହେଉ ନାହିଁ। ଯେଉଁଥିପାଇଁ ୧୫୦ରୁ ଅଧିକ ହାତୀଙ୍କ ମୃତ୍ୟୁ ହେଉଛି। ୮ ବର୍ଷ ହେଲା ହାରାହାରି ୮୦ ହାତୀଙ୍କ ମୃତ୍ୟୁ ହେଉଛି। ହାତୀ ଶିକାର ବହୁ ପରିମାଣରେ ବଢ଼ିଛି। ପ୍ରତି ଦୁଇ ବର୍ଷ ବ୍ୟବଧାନରେ ରାଜ୍ୟ ସରକାର ଗଣନା କରିବା କଥା। ତେବେ ହାତୀ ଗଣନା କରାଗଲେ ସରକାରଙ୍କ ଅପାରଗତା ପଦାରେ ପଡ଼ିବ। ତେଣୁ ହାତୀ ଗଣନା ନ କରି ବାବୁମାନେ ଚୁପ୍ ବସିଛନ୍ତି। ୨୦୨୨ ଗଣନା ବେଳକୁ ଓଡ଼ିଶାରେ ହାତୀଙ୍କ ସଂଖ୍ୟା ଦୁଇ ହଜାର ଡେଇଁବା ନେଇ ସରକାରୀ ବାବୁମାନେ ଆକଳନ କରିଛନ୍ତି। ଜଙ୍ଗଲ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ୨୦୨୧ରେ ହାତୀ ଗଣନା ଲାଗି ପ୍ରସ୍ତୁତି ଚାଲିଥିଲା। ତେବେ କରୋନାର ଦ୍ୱିତୀୟ ଲହର ପାଇଁ ଗଣନା ବାଧାପ୍ରାପ୍ତ ହୋଇଛି। ୨୦୨୨ରେ ଗଣନା କରିବା ଲାଗି ଏବେଠାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ତେଣୁ ଆମେ ଆମେ ମଧ୍ୟ ପ୍ରସ୍ତୁତ ହେଉଛୁ। କେଉଁ ପଦ୍ଧତିରେ ଗଣନା କରାଗଲେ ଭଲ ହେବ ସେନେଇ କେନ୍ଦ୍ରକୁ ପ୍ରସ୍ତାବ ଦେଇଛୁ। ଇତି ମଧ୍ୟରେ ହାତୀ ନ ଥିବା କିଛି ସଂରକ୍ଷିତ ଅଭୟାରଣ୍ୟରେ ହାତୀ ଚଳପ୍ରଚଳ କରୁଥିବା ଲକ୍ଷ୍ୟ କରାଯାଇଛି। ଦେଢ଼ ବର୍ଷ ମଧ୍ୟରେ ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ସଂଖ୍ୟା ବହୁ ପରିମାଣରେ କମିଛି। ଶିକାର ବି କମିଛି। ତେଣୁ ୨୦୧୭ ତୁଳନାରେ ହାତୀଙ୍କ ସଂଖ୍ୟା ବଢ଼ିଥିବା ଅନୁମାନ କରାଯାଉଛି।

# ରାଜ୍ୟରେ ଚିହ୍ନଟ ହେଲେ ୨,୦୭୪ ପଜିଟିଭ: ୬୫ ମୃତକଙ୍କ ସୂଚନା ଦେଲେ ସରକାର



ଭୁବନେଶ୍ୱର,୧୪/୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟାରେ ୨,୦୭୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କ୍ୱାରେଣ୍ଟାଇନ୍‌ରୁ ୧୧୯୨ପଜିଟିଭ ଚିହ୍ନଟ ହୋଇଥିବାବେଳେ ଲୋକାଲ କେସ୍ ୮୮୨ ।ସେହିପରି ଆଉ ୬୫ କରୋନା ମୃତକଙ୍କ ସଂପର୍କରେ ସୂଚନା ଦେଇଛନ୍ତି ସରକାର। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୪୭୯୫କୁ ବୃଦ୍ଧି ପାଇଛି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୪୪୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଅନୁଗୁଳରୁ ୫୯, ବାଲେଶ୍ୱରରୁ ୧୧୫, ବରଗଡ଼ରୁ ୩୮ , ଭଦ୍ରକରୁ ୧୧୦, ବଲାଙ୍ଗିରରୁ ୧୭, ବୌଦ୍ଧରୁ ୧୨ ପଜିଟିଭ ଚିହ୍ନଟ ହୋଇଛନ୍ତି।

କଟକରୁ ୨୮୩ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଦେବଗଡ଼ରୁ ୩, ଢେଙ୍କାନାଳରୁ ୬୧, ଗଜପତିରୁ ୩, ଗଞ୍ଜାମରୁ ୫, ଜଗତସିଂହପୁରରୁ ୯୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ଯାଜପୁରରୁ ୧୨୦, ଝାରସୁଗୁଡ଼ାରୁ ୫, କଳାହାଣ୍ଡିରୁ ୫ , କନ୍ଧମାଳରୁ ୧୯, କେନ୍ଦ୍ରାପଡ଼ାରୁ ୫୮, କେନ୍ଦୁଝରରୁ ୪୬ କୋରାପୁଟ୍‌ରୁ ୧୦, ମାଲକାନଗିରିରୁ ୪୭ , ମୟୂରଭଞ୍ଜରୁ ୧୧୫, ନବରଙ୍ଗପୁରରୁ ୧୦, ନୟାଗଡ଼ରୁ ୫୮ , ନୂଆପଡ଼ାରୁ ୪, ପୁରୀରୁ ୧୩୩, ରାୟଗଡ଼ାରୁ ୧୬ , ସମ୍ବଲପୁରରୁ ୩୦, ସୁବର୍ଣ୍ଣପୁରରୁ ୯, ସୁନ୍ଦରଗଡ଼ରୁ ୫୬, ଷ୍ଟେଟପୁଲରୁ ୮୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଏଥିସହିତ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୪୫ ହଜାର ୭୪୯କୁ ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟାରେ ୬୯ ହଜାର ୨୮୭ ସାମ୍ପଲ ଟେଷ୍ଟ ହୋଇଥିବା ବେଳେ ପଜିଟିଭିଟି ୨.୯୯% ।

# ଅନ୍‌ଲାଇନ୍ ଅଭିଯୋଗ ଗ୍ରହଣ କରୁନି ଯୋଗାଣ ବିଭାଗ: ମହାମାରୀ ସମୟରେ ହଇରାଣ ହେଉଛନ୍ତି ରାସନ୍ କାର୍ଡ ହିତାଧିକାରୀ

ଭୁବନେଶ୍ୱର,୧୪/୭ (ନି.ପ୍ର): ମହାମାରୀ ସମୟରେ ସବୁ କାମ ଅନ୍‌ଲାଇନ୍‌ରେ କରିବାକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାର ମଧ୍ୟ ସରକାରୀ କାର୍ଯ୍ୟାଳୟକୁ ନ ଆସି ଅନ୍‌ଲାଇନ୍ ମାଧ୍ୟମରେ ଆପତ୍ତି ଅଭିଯୋଗ ଜଣାଇବାକୁ ଲୋକଙ୍କୁ ନିବେଦନ କରୁଛନ୍ତି। କିନ୍ତୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବିପରୀତ ଦିଗରେ ଗତି କରୁଛି। ରାସନ୍ କାର୍ଡ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଅନ୍‌ଲାଇନ୍‌ରେ ଦାଖଲ କଲେ, ତାହା ଗ୍ରହଣ କରାଯାଉନି। ବାରମ୍ବାର 'ଏରର' ଦେଖାଉଛି। ତିନି ସପ୍ତାହରୁ ଅଧିକ ଦିନ ହେଲାଣି ଏହି ସମସ୍ୟା ଲାଗି ରହିଥିଲେ ବି ତାହାର ସମାଧାନ ପାଇଁ ତତ୍ପରତା ପ୍ରକାଶ ନ ପାଇବା ଆଶ୍ଚର୍ଯ୍ୟର ବିଷୟ।

ମହାମାରୀ ସମୟରେ ରାସନ୍ କାର୍ଡଧାରୀମାନଙ୍କୁ ଠିକ୍ ଭାବେ ସେବା ଯୋଗାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ବହୁ ଲୋକଙ୍କ ଜୀବିକା ବିପନ୍ନ ହୋଇଥିଲା ବେଳେ ରାସନ୍ କାର୍ଡ ହିଁ ସେମାନଙ୍କର ଏକମାତ୍ର ଭରସା। ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ହୋଇ ମଧ୍ୟ ରାସନ କାର୍ଡରୁ ବଞ୍ଚିତ, କାର୍ଡରୁ ନାମ ବାଦ, ଆଧାର କାର୍ଡ ଅମେଳ ଯୋଗୁଁ ଅଚାନକ ବାଦ ପଡ଼ିଥିଲେ, ଶାଶୂଙ୍କ ନାମରେ ଥିବା କାର୍ଡରେ ନବବଧୂଙ୍କୁ ସାମିଲ, ବିତରଣ କେନ୍ଦ୍ରରେ ସରକାରଙ୍କ ଲକ୍‌ଡାଉନ୍ ଫ୍ରି ଚାଉଳ ମିଳୁ ନ ଥିଲେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଅନ୍ତର୍ଗତ ଅଭିଯୋଗ ପୋର୍ଟାଲରେ ଦୃଷ୍ଟି ଆକର୍ଷଣ ପାଇଁ ପରାମର୍ଶ ଦିଆଯାଉଛି। କରୋନା ପାଇଁ କାର୍ଯ୍ୟାଳୟକୁ ନ ଯାଇ ଅନ୍‌ଲାଇନରେ ଅଭିଯୋଗ ଦାଖଲ କଲେ ଶୀଘ୍ର ସମାଧାନ ହେବ ବୋଲି ମନ୍ତ୍ରୀ ଓ ଅଧିକାରୀ କହୁଛନ୍ତି।

ମାତ୍ର ବାସ୍ତବତା ହେଲା, ପ୍ରଥମତଃ ଅନଲାଇନ ପୋର୍ଟାଲ ସମ୍ପର୍କରେ ବ୍ୟାପକ ପ୍ରଚାର ହେଉନାହିଁ। ଏଥି ଯୋଗୁଁ ଏହାର ବ୍ୟବହାର ବଢୁନାହିଁ, ଲୋକେ ଖର୍ଚ୍ଚାନ୍ତ ହୋଇ କାର୍ଯ୍ୟାଳୟକୁ ଦୌଡ଼ୁଛନ୍ତି। ପୋର୍ଟାଲ୍‌ରେ ଯେଉଁ ଅଭିଯୋଗ ହେଉଛି ଏହାକୁ ଗୁରୁତ୍ୱ ଦିଆଯାଉନଥିବା କୁହାଯାଉଛି। ଅନ୍‌ଲାଇନରେ ଅଭିଯୋଗ କଲେ ମଧ୍ୟ ଗ୍ରହଣ ହେଉନାହିଁ। ସମ୍ବଲପୁର ସହର ମୁଦିପଡ଼ାର ଦୋକାନ କର୍ମଚାରୀ କବିତା ନାଏକ କହନ୍ତି, ପରିବାରରେ ମା' ସହିତ ସେମାନେ ତିନି ଭଉଣୀ ଅଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ରାସନ କାର୍ଡ ପାଇବା ଦିନ ଠାରୁ ହିଁ ତାଙ୍କ ନାମକୁ ବାଦ ଦିଆଯାଇଛି। ଏହାକୁ ନେଇ ବିଭିନ୍ନ ସମୟରେ ଯୋଗାଣ କାର୍ଯ୍ୟାଳୟ, ଏସ୍‌ଏମ୍‌ସି ଅଫିସରେ ଅଭିଯୋଗ କଲେ ମଧ୍ୟ କୌଣସି ଲାଭ ହେଉନାହିଁ। ବର୍ତ୍ତମାନ ମହାମାରୀରେ ରାସନ କାର୍ଡ ଚାଉଳର ଆବଶ୍ୟକତା ବଢିଯାଇଛି। କରୋନା ଯୋଗୁଁ କାର୍ଯ୍ୟାଳୟ ଯାଇ ପାରୁ ନାହାନ୍ତି, ୧୫ ଦିନରୁ ଊର୍ଦ୍ଧ୍ୱ ସମୟରେ ଅନଲାଇନରେ ଅଭିଯୋଗ କରୁଥିଲେ ମଧ୍ୟ ପ୍ରତିଥର ଏରର ଦେଖାଉଛି। କେବଳ କବିତା ନୁହେଁ ରାଜ୍ୟର ବିଭିନ୍ନ ଜିଲ୍ଲାର ଅନେକ ହିତାଧିକାରୀ ସମାନ ଅଭିଯୋଗ କରନ୍ତି। ବାହାରେ କାର୍ଯ୍ୟ କରୁଥିଲେ, ଘରକୁ ଫେରି ନିଜ ନାମ ସାମିଲ ପାଇଁ ଚାହିଁଲେ ବି ହୋଇ ପାରୁନଥିବା କୁହାଯାଉଛି। ଗ୍ରିଭାନ୍ସ ରିଡ୍ରେସାଲ ସିଷ୍ଟମ ପକ୍ଷରୁ ଜାରି ସୂଚନା ଅନୁସାରେ, ଅନ୍‌ଲାଇନ ମାଧ୍ୟମରେ ବିଭାଗକୁ ସମୁଦାୟ ୩୭ ହଜାର ୫୫୫ ଅଭିଯୋଗ ମିଳିଛି। ଏଥିରୁ ୧୪୧୬ ନାକଚ କରାଯାଇଛି, ୨୩ ହଜାର ୫୭୩ ସମାଧାନ କରାଯାଇଛି। ୧୨ ହଜାର ୫୬୬ ସମାଧାନ କରାଯାଇନାହିଁ। ସର୍ବାଧିକ ଅଭିଯୋଗ ପକାଇ ରଖିଥିବା ଜିଲ୍ଲା ମଧ୍ୟରେ ଗଞ୍ଜାମ ଆଗୁଆ ରହିଛି। ଏଠାରେ ସର୍ବାଧିକ ୨୯୦୬ ଅଭିଯୋଗ ପଡ଼ିଛି। ବାଲେଶ୍ୱରରେ ୧୮୫୩, ଭଦ୍ରକରେ ୩୭୫, ବଲାଙ୍ଗୀରରେ ୩୭୮, ବୌଦ୍ଧରେ ୫୮, କଟକରେ ୨୧୬୪, ଗଜପତିରେ ୧୫୬, ଜଗତସିଂହପୁର ୪୩୯, ଯାଜପୁର ୬, ଝାରସୁଗୁଡ଼ା ୧୪, କଳାହାଣ୍ଡି ୫୧୬, କନ୍ଧମାଳ ୨୦, କେନ୍ଦ୍ରାପଡ଼ା ୧୯, କେନ୍ଦୁଝର ୬୦୨, ଖୋର୍ଦ୍ଧା ୧୭୦୯, ମୟୂରଭଞ୍ଜ ୩୪୨, ନୟାଗଡ଼ ୭୨୮, ନୂଆପଡ଼ା ୫, ରାୟଗଡ଼ା ୮୫, ସମ୍ବଲପୁର ୮୯, ସୁବର୍ଣ୍ଣପୁର ୧୬, ସୁନ୍ଦରଗଡ଼ ୮୫ ଅଭିଯୋଗ ଅମିମାଂସିତ ହୋଇ ପକାଇ ରଖାଯାଇଛି। କେବେ ଏହାର ସମାଧାନ ହେବ ଏହାକୁ ନେଇ ବିଭାଗ ପକ୍ଷରୁ ସ୍ୱଷ୍ଟ ସୂଚନା ମଧ୍ୟ ନାହିଁ। ସୂଚନା ଅନୁଯାୟୀ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ୩ କୋଟି ୨୫ ଲକ୍ଷ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ୧୨ ଲକ୍ଷ ହିତାଧିକାରୀ ରହିଛନ୍ତି।

# କବାଡ଼ି ଖାନାରେ 'ମୋ ସାଇକଲ'



ଭୁବନେଶ୍ୱର ,୧୪/୭ (ନି.ପ୍ର): ରାଜଧାନୀକୁ ପ୍ରଦୂଷଣ ମୁକ୍ତ କରିବା ଏବଂ ଲୋକଙ୍କ ମନରେ ସାଇକଲ ପ୍ରତି ଆଗ୍ରହ ବଢ଼ାଇବା ଲକ୍ଷ୍ୟରେ ବିଏମସି 'ମୋ ସାଇକଲ୍' ଯୋଜନା ଆରମ୍ଭ କରିଥିଲା। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ରାସ୍ତାରେ ସ୍ୱତନ୍ତ୍ର ସାଇକଲ ଟ୍ରାକ୍ ନିର୍ମାଣ କରାଗଲା ଓ ଷ୍ଟାଣ୍ଡ ବସିଲା। ହେଲେ ଏବେ ଏହି ସାଇକଲ କବାଡ଼ି ଖାନାରେ ପଡ଼ିରହିଛି। ଏଥିରୁ ଲାଗୁଛି ଯେ ବିଏମସିର ଏହି ଯୋଜନା ବାଟବଣା ହୋଇ ଯାଇଛି। ରାଜଧାନୀ ଉପକଣ୍ଠ ପାତ୍ରପଡ଼ା ନିକଟରେ ଥିବା ଏକ କବାଡ଼ି ଦୋକାନରେ ବହୁ ସଂଖ୍ୟାରେ ସାଇକଲ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସେଥିରୁ କିଛି ସାଇକଲ୍ ଗଡ଼ିବା ସ୍ଥିତିରେ ଅଛି। କିନ୍ତୁ ଏମିତି ପରିତ୍ୟକ୍ତ ଅବସ୍ଥାରେ କାହିଁକି ପଡ଼ିଛି, ତାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ। ଉକ୍ତ କବାଡ଼ି ଖାନାର ମାଲିକ କହିଛନ୍ତି ଯେ ସେ ଗୋଟାକୁ ୫ଶହ ଟଙ୍କା ହିସାବରେ ୨୫୦ଟି ସାଇକଲ ହ୍ୟାକ୍ସି ନାମକ କମ୍ପାନୀଠାରୁ କିଣିଛନ୍ତି। ସେଥିରୁ ଜିପିଏସ୍ ମେସିନ୍ ଖୋଲି କମ୍ପାନୀକୁ ଫେରାଇ ଦେବା ପରେ ବାକି ସବୁ ଅଂଶ ସ୍କ୍ରାପ୍ କରି ବିକ୍ରି କରୁଛନ୍ତି। ତେବେ ଗଦା ହୋଇଥିବା ସାଇକେଲରୁ ଅଧିକାଂଶ ଗଡ଼ିବା ସ୍ଥିତିରେ ରହିଛି। ତେଣୁ ସଚଳ ସାଇକଲ ସ୍କ୍ରାପିଂ ପାଇଁ ଦିଆଯିବା ନିଷ୍ପତ୍ତିକୁ କିନ୍ତୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ରାଜଧାନୀ ବାସିନ୍ଦା। ଏ ନେଇ ଜଣେ ରାଜଧାନୀ ବାସିନ୍ଦା କହିଛନ୍ତି, ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ରାସ୍ତାରେ ସ୍ୱତନ୍ତ୍ର ସାଇକଲ ଟ୍ରାକ୍ ନିର୍ମାଣ ହେଲା। ହେଲେ ସାଇକଲ କିନ୍ତୁ କବାଡ଼ି ଖାନାରେ ପଡ଼ିଛି। ସୂଚନାଯୋଗ୍ୟ, ୨୦୧୮ ହକି ବିଶ୍ୱକପ୍ ବେଳେ ବିଶ୍ୱ ଦରବାରରେ ସ୍ମାର୍ଟ ସିଟିର ପରିଚୟ ଦୁଇ ଗୁଣା କରିବା ଲକ୍ଷ୍ୟରେ ବିଏମସି ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ କରି ୨ହଜାର ସାଇକଲ କିଣିଥିଲା। ହ୍ୟାକ୍ସି, ୟୋନା ଏବଂ ୟୁଲୁ ନାମକ ୩ଟି ଅଲଗା ଅଲଗା କମ୍ପାନୀଙ୍କଠୁ ୫ବର୍ଷ ପାଇଁ ସାଇକେଲ ପିଛା ୨୫ ହଜାର ଟଙ୍କା ଦେଇ କିଣିଥିଲା। ହେଲେ ମାତ୍ର ୨ବର୍ଷ ଭିତରେ ନିଜ ସାଇକଲ ଗୁଡିକୁ ସ୍କ୍ରାପିଂ କରିବା ପାଇଁ କମ୍ପାନୀ ଏହାକୁ ବିକି ଦେଲା।

# କଟକ ଓ ଖୋର୍ଦ୍ଧା ସମେତ କିଛି ଜିଲ୍ଲାକୁ ସ୍ୱତନ୍ତ୍ର ଫୋକସ ଦିଆଯାଉଛି: ଡିଏମଇଟି



ଭୁବନେଶ୍ୱର,୧୪/୭ (ନି.ପ୍ର): ରାଜ୍ୟରେ ସଂକ୍ରମଣ କମୁଛି। ଗତ କିଛି ଦିନର ସଂକ୍ରମଣ ସଂଖ୍ୟାକୁ ତୁଳନା କଲେ ବର୍ତ୍ତମାନର ସଂଖ୍ୟା କମିକମି ଆସୁଛି ।କଟକ ଓ ଖୋର୍ଦ୍ଧା ସମେତ କିଛି ଜିଲ୍ଲାକୁ ସେଥିପାଇଁ ସ୍ୱତନ୍ତ୍ର ଫୋକସ ଦିଆଯାଉଛି ବୋଲି ଡିଏମଇଟି ଡାକ୍ତର ସିବିକେ ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରତ୍ୟେକ ଦିନର ସଂକ୍ରମଣ ହାର ଅନ୍ୟାନ୍ୟ ତଥ୍ୟକୁ ସମୀକ୍ଷା କରାଯାଉଛି ଓ ସେହି ଅନୁସାରେ ଅନଲକ ନେଇ ସରକାର ନିଷ୍ପତ୍ତି ନେବେ। ତେବେ ଲୋକେ ଢିଲା ହେବା ଅନୁଚିତ। କିନ୍ତୁ ସଂକ୍ରମଣ ବଢୁଥିବା ରାଜ୍ୟରୁ ଆସୁଥିବା ଲୋକମାନଙ୍କ ଉପରେ କଟକଣା ରହିବା ଦରକାର। କେନ୍ଦ୍ର ସରକାର ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ଦରକାର।


ଯେଉଁମାନେ ଆସୁଛନ୍ତି ସେମାନଙ୍କୁ କ୍ୱାରେଣ୍ଟାଇନ କରିବା ସହ ସେମାନଙ୍କ ଉପରେ ନଜର ରହିବ। ସଂକ୍ରମଣ ବଢୁଥିବା ରାଜ୍ୟରୁ ଫେରୁଥିବା ଲୋକମାନେ ପୁଣି ଥରେ ବିପଦ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ସୀମାନ୍ତ ଜିଲ୍ଲା ଓ ବିଶେଷ ପ୍ରଭାବିତ ରାଜ୍ୟରୁ ଫେରିଥିବା ଲୋକମାନେ ସଂକ୍ରମଣ ବଢାଇଥିଲେ। ତେଣୁ ଆମେ ସଚେତନ ରହିବା ଦରକାର, ନ ହେଲେ ବିପଦ ପୁଣି ବଢ଼ିବ। ଡିଏମଇଟି କହିଛନ୍ତି, ସେପ୍ଟେମ୍ବର ୧୨ ତାରିଖରୁ ନିଟ ପରୀକ୍ଷା ଆରମ୍ଭ ହେବ। କେନ୍ଦ୍ର ସରକାର ସେ ଯାହା ଗାଇଡଲାଇନ ଦେବେ ସେଇ ଅନୁଯାୟୀ ପରୀକ୍ଷା କରାଯାଇ ସାମାଜିକ ଦୂରତା, ଓ ମାସ୍କ ପିନ୍ଧି ପରୀକ୍ଷା କରାଯିବ। ସବୁ ପରୀକ୍ଷା ବନ୍ଦ କରି ହେବନି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏହି ନିଷ୍ପତ୍ତି କେନ୍ଦ୍ର ସରକାର ନିଆଯାଇଛି ।

ଏଣେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର କହିଛନ୍ତି, ରାଜ୍ୟରେ ସାମଗ୍ରିକ ଭାବେ ସଂକ୍ରମଣ କମିଛି। ବିଗତ ଦିନ ଓ ବର୍ତ୍ତମାନକୁ ତୁଳନା କଲେ କିଛି ଜିଲ୍ଲାରେ ବି ସଂକ୍ରମଣ ଧୀରେ ଧୀରେ କମୁଛି ।

# 'କୋଭାକ୍ସିନ୍' ଟିକା ମାନବ ପରୀକ୍ଷଣକୁ ବର୍ଷେ ପୂରିବ: ଟିକା ନେଇଥିବା ସ୍ୱେଚ୍ଛାସେବୀ କେତେ ସୁରକ୍ଷିତ ?

ଭୁବନେଶ୍ୱର,୧୪/୭ (ନି.ପ୍ର): ସ୍ୱଦେଶୀ ଟିକା 'କୋଭାକ୍ସିନ୍'ର ମାନବ ପରୀକ୍ଷଣରେ ଅଂଶଗ୍ରହଣ କରିଥିବା ସେଚ୍ଛାସେବୀମାନଙ୍କ କରୋନା ସଂକ୍ରମଣରୁ ସୁରକ୍ଷାକୁ ନେଇ ଏବେ ଅନିଶ୍ଚିତତା ଦେଖା ଦେଇଛି। ପରୀକ୍ଷଣରେ ଅଂଶଗ୍ରହଣ କରିବାର ୧ ବର୍ଷ ବିତିବାକୁ ଅଳ୍ପଦିନ ଥିବାବେଳେ ପରୀକ୍ଷଣ ସମୟରେ ଦିଆଯାଇଥିବା ଟିକାରେ ସେମାନେ ଏବେ ସୁରକ୍ଷିତ କି? ସେମାନଙ୍କୁ ବୁଷ୍ଟର ଡୋଜ୍‌ର ଆବଶ୍ୟକତା ରହିଛି କି? ଏ ନେଇ ଟିକା ପରୀକ୍ଷଣ କରିଥିବା ଭାରତ ବାଇଓଟେକ୍ କିମ୍ବା ଆଇସିଏମ୍‌ଆର ପକ୍ଷରୁ ଏ ପର୍ଯ୍ୟନ୍ତ କିଛି ସ୍ୱଷ୍ଟ କରାଯାଇ ନାହିଁ। ଫଳରେ ପରୀକ୍ଷଣରେ ଭାଗ ନେଇଥିବା ରାଜ୍ୟର ୨୫ ସ୍ୱେଚ୍ଛାସେବୀ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

କରୋନାକୁ ରୋକିବା ଲାଗି ବିଶ୍ୱସ୍ତରରେ ଟିକା ପ୍ରସ୍ତୁତ ଉଦ୍ୟମ ହୋଇଥିବା ବେଳେ ଭାରତରେ ଆଇସିଏମ୍‌ଆର-ଭାରତ ବାଇଓଟେକ୍ ମିଳିତ ଭାବେ କୋଭାକ୍ସିନ୍ ଟିକା ପ୍ରସ୍ତୁତ କରିଥିଲେ। ଏହାର ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷଣରେ ଓଡ଼ିଶାର ଏକମାତ୍ର ହସ୍ପିଟାଲ ଭାବେ ସମ୍ ହସ୍ପିଟାଲ ଅଂଶଗ୍ରହଣ କରିଥିଲା। ରାଜ୍ୟର ୨୫ଜଣଙ୍କୁ ମିଶାଇ ଦେଶବ୍ୟାପୀ ୩୭୫ ସ୍ୱେଚ୍ଛାସେବୀ ଏହି ପରୀକ୍ଷଣରେ ଅଂଶଗ୍ରହଣ କରିଥିଲେ। ଗତବର୍ଷ ଜୁଲାଇ ୨୭ରୁ ଅଗଷ୍ଟ ୧୫ ଭିତରେ ଏହି ପରୀକ୍ଷଣ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷଣ ସମୟରେ ୧୪ଦିନ ଭିତରେ ସେମାନଙ୍କୁ କୋଭାକ୍ସିନର ୨ଟି ଡୋଜ୍ ଦିଆଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଗୋଟିଏ ମାସ ବ୍ୟବଧାନ ଓ ତୃତୀୟ ପର୍ଯ୍ୟାୟ ଓ ଜରୁରୀକାଳୀନ ବ୍ୟବହାର ପାଇଁ ଦୁଇ ଡୋଜ୍ ଭିତରେ ୨୮ଦିନର ବ୍ୟବଧାନ ରହିଥିଲା। ଏବେ ପ୍ରଥମ ପର୍ଯ୍ୟାୟ ପରୀକ୍ଷଣକୁ ବର୍ଷେ ପୂରିବାକୁ ଯାଉଛି। ନିକଟରେ ଆମେରିକାର ଫାଇଜର କମ୍ପାନି ଟିକା ନେବାର ୧୨ମାସ ପରେ ବୁଷ୍ଟର ଡୋଜ୍‌ର ଆବଶ୍ୟକତା ରହିଥିବା ପ୍ରକାଶ କରିଛି। ଏ ଦୃଷ୍ଟିରୁ କୋଭାକ୍ସିନ୍ ପରୀକ୍ଷରେ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀମାନଙ୍କ ପାଇଁ ବୁଷ୍ଟର ଡୋଜ୍‌ର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠିଛି। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣରେ ଅଂଶଗ୍ରହଣ କରିଥବା ସ୍ୱେଚ୍ଛାସେବୀଙ୍କ କ୍ଷେତ୍ରରେ ଦ୍ୱିତୀୟ ଡୋଜ୍ ନେବାର ୫ମାସ ପରେ ବୁଷ୍ଟର ଡୋଜ୍ ଦିଆଯାଇଥିଲା। ହେଲେ ଟିକା ନେବାର ୧ବର୍ଷ ପରେ ଏହା ଜରୁରୀ କି ନୁହେଁ ତାହାର କୌଣସି ସ୍ୱଷ୍ଟ ସୂଚନା ନାହିଁ।




ବିଶେଷଜ୍ଞଙ୍କ ମତରେ ପୂର୍ବରୁ ଯେଉଁ ଔଷଧ ବା ଟିକା ଲୋକଙ୍କ ବ୍ୟବହାର ପାଇଁ ଆସିଛି ତାହାର ଅବଧି ୫-୧୦ବର୍ଷ ପର୍ଯ୍ୟନ୍ତ ରହିଥାଏ। ବିଭିନ୍ନ ଗବେଷଣା ଓ ପରୀକ୍ଷଣରୁ ଏହା ଆହୁରି ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷା ଦେଉଥିବା ମଧ୍ୟ ନଜରକୁ ଆସିଛି। ତେବେ କରୋନା ଟିକା କ୍ଷେତ୍ରରେ ଏହାକୁ ଜରୁରୀକାଳୀନ ଭିତ୍ତିରେ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ଭୂତାଣୁର ସ୍ପାଇକ୍ ପ୍ରୋଟିନ ବିରୋଧୀ ଆଣ୍ଟିବଡି ଓ ନ୍ୟୁଟ୍ରାଲାଇଜିଂ ଆଣ୍ଟିବଡି ଉପରେ ୬ମାସ କିମ୍ବା ୧ବର୍ଷ ବ୍ୟବଧାନରେ ଗବେଷଣାର ଆବଶ୍ୟକତା ରହିଛି। ଏ ଦୃଷ୍ଟିରୁ କମ୍ପାନି କର୍ତ୍ତୃପକ୍ଷ ଟିକା ବ୍ୟବହାରୀଙ୍କ ପାଇ ବୁଷ୍ଟର ଡୋଜ୍‌ର ଆବଶ୍ୟକତା ରହିଛି କି ନାହିଁ ସେ ସଂପର୍କରେ ସ୍ୱଷ୍ଟ ସୂଚନା ଦେବାର ଆବଶ୍ୟକତା ରହିଛି। କାଭାକ୍ସିନ୍‌ର ମାନବ ପରୀକ୍ଷଣ ପାଇଁ ସମ୍ ହସ୍ପିଟାଲର କମ୍ୟୁନିଟି ମେଡିସିନ୍ ବିଭାଗର ମୁଖ୍ୟ ଡା. ଇ.ଭେଙ୍କଟ ରାଓ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀଙ୍କୁ ୧୮୪ ଦିନ ପର୍ଯ୍ୟନ୍ତ ନିରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ବେଶ୍ ଫଳପ୍ରଦ ହୋଇଥିଲା। ମାତ୍ର ସେମାନଙ୍କୁ ବୁଷ୍ଟର ଡୋଜ୍‌ର ଆବଶ୍ୟକତା ରହିଛି କି ନାହିଁ ଏ ସଂପର୍କରେ କମ୍ପାନି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ଚାଲିଛି। ମାତ୍ର କୌଣସି ସ୍ୱଷ୍ଟ ସୂଚନା ଆସି ନ ଥିବା ଡା. ରାଓ କହିଛନ୍ତି। ଟିକଠାରୁ ଭିନ୍ନ। ଏହା ରିସେପ୍ଟର ବାଇଣ୍ଡିଂ-ଡୋମେନ୍ ବା ଆରବିଡି ଉପରେ ପର୍ଯ୍ୟବସିତ ବୋଲି କୁହାଯାଉଛି। ଏ ନେଇ କମ୍ପାନି କର୍ତ୍ତୃପକ୍ଷଙ୍କ ସହିତ ହସ୍ପିଟାଲର ଆଲୋଚନା ଶେଷ ହୋଇଛି। ଆସନ୍ତା ୨/୩ଦିନ ଭିତରେ ଏ ନେଇ ସ୍ୱଷ୍ଟ ସୂଚନା ଆସିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ସମ୍ ହସ୍ପିଟାଲରେ କୋଭାକ୍ସିନ୍‌ର ପ୍ରଥମ ଓ ତୃତୀୟ ପର୍ଯ୍ୟାୟ ମାନବ ପରୀକ୍ଷଣ ହୋଇଥିଲା।

# ଡିଜିଟାଲ ମିଡିଆ ନୂଆ ନୀତି ସମ୍ପର୍କୀତ ଆଲୋଚନାଚକ୍ର



ଭୁବନେଶ୍ୱର,୧୪/୦୭ (ନି.ପ୍ର): ବର୍ତ୍ତମାନ ସମୟରେ ଦିନକୁ ଦିନ ଡିଜିଟାଲ ମିଡିଆ ପ୍ଲାଟଫର୍ମଗୁଡିକର ସଂଖ୍ୟା ବଢିଚାଲିଛି ଏବଂ ଏଗୁଡିକ କେବେ କେବେ ବିଭ୍ରାନ୍ତିକର ତଥ୍ୟ ପରିବେଷଣ କରୁଥିବାରୁ, ଏ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ସଚେତନ ହେବା ଆବଶ୍ୟକ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିକ୍ରମ ସହାୟ କହିଛନ୍ତି । ଓଡିଶା, ପଶ୍ଚିମବଙ୍ଗ ଏବଂ ଉତରପୂର୍ବାଂଚଳ ରାଜ୍ୟଗୁଡିକର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଡିଜିଟାଲ ମିଡିଆ ନୀତି ସମ୍ପର୍କୀତ କେନ୍ଦ୍ର ସରକାରଙ୍କ ନୂଆ ନିର୍ଦ୍ଦେଶାବଳୀ ଉପରେ ଆଜି ଆୟୋଜିତ ଏକ ୱେବିନାର ଆଲୋଚନାରେ ଶ୍ରୀ ସହାୟ କହିଛନ୍ତି ଯେ ବର୍ତମାନ ପ୍ରାୟ ୪୦ଟି ଡିଜିଟାଲ ମିଡିଆ ଏବଂ ଓଟିଟି ପ୍ଲାଟଫର୍ମରେ ସମ୍ବାଦ ଓ ସୂଚନା ପରିବେଷଣ କରାଯାଉଛି । ଏଥିମଧ୍ୟରୁ ଅନେକଗୁଡିଏ ସମ୍ବାଦ ସହିତ ବିଭ୍ରାନ୍ତିକର ତଥ୍ୟ ପରିବେଷଣ କରୁଥିବା, ଆପତିଜନକ ଶବ୍ଦ ବ୍ୟବହାର କରୁଥିବା, ଆପତିଜନକ ତଥ୍ୟ, ମିଛଖବର, ରାଷ୍ଟ୍ର ବିରୋଧୀ ଖବର ଆଦିକୁ ପରିବେଷଣ କରି ସମାଜରେ ଅସ୍ଥିରତା ସୃଷ୍ଟି କରୁଥିବାର ବହୁ ଅଭିଯୋଗ ଆସୁଛି । ଏଭଳି କାର୍ଯ୍ୟରେ ଲିପ୍ତ ଥିବା କିଛି ବ୍ୟକ୍ତି ନକଲି ପରିଚୟରେ ସାମାଜିକ ଗଣମାଧ୍ୟମରେ ଆତ୍ମପ୍ରକାଶ କରୁଛନ୍ତି । ବର୍ତମାନ ୩୫ବର୍ଷ ବୟସ ମଧ୍ୟରେ ସର୍ବାଧିକ ବ୍ୟକ୍ତି ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସମ୍ବାଦ ପାଉଛନ୍ତି । ତେଣୁ, ଏଭଳି କାର୍ଯ୍ୟ ଓ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ ପଦକ୍ଷେପ ନେବା ପାଇଁ ଗତ ଦୁଇବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ନିକଟକୁ ବହୁ ଅଭିଯୋଗ ଆସିଛି । ତେଣୁ ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ କାର୍ଯ୍ୟ କରୁଥିବା ବ୍ୟକ୍ତି ତଥା ଗଣମାଧ୍ୟମ ପ୍ରତିନିଧିମାନେ ଡିଜିଟାଲ ମିଡିଆ ନୂଆନୀତି ସମ୍ପର୍କରେ ଅବଗତ ହେବା ଆବଶ୍ୟକ । ଏହିପରି ଅନେକ ଅଭିଯୋଗ ବିଭିନ୍ନ ଅଦାଲତରେ ବିଚାରଧୀନ ରହିଛି । ସରକାର ଗଣମାଧ୍ୟମକୁ ସକରାତ୍ମକ ଦିଗରେ ପରିଚାଳିତ କରିବା, ବାକ୍ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା, ଆପତିଜନକ ବିବରଣୀ ଗୁଡିକୁ ବ୍ଲକ କରିବା, ଦେଶର ସାର୍ବଭୌମତାକୁ ରକ୍ଷା କରିବା, ହିଂସା ଏବଂ ଆତଙ୍କବାଦ ବିରୁଦ୍ଧରେ ଦୃଢ ପଦକ୍ଷେପ ନେବା ପାଇଁ ଏକ ତ୍ରିସ୍ତରୀୟ ନୀତି ପ୍ରଣୟନ କରିଛନ୍ତି । ଏଥିରେ ବିଭିନ୍ନ ସମ୍ବାଦ ପ୍ରକାଶ କରୁଥିବା ସଂସ୍ଥାଗୁଡିକୁ ସୁରକ୍ଷା ଦେବା, ସ୍ଥାନୀୟ ଭାବରେ କିଛି ପ୍ରକାଶକ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ସଂଗଠନ ଗଢି, ଗଣମାଧ୍ୟମର ଅପବ୍ୟବହାର ରୋକିବା ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୱେବିନାର, ୱେବସାଇଟ୍ ବିଜ୍ଞାପନ ଆଦି ଦ୍ୱାରା ନିର୍ଭୁଲ ସୂଚନା ଲୋକମାନଙ୍କ ନିକଟରେ ପହଂଚାଇବା ବ୍ୟବସ୍ଥା ହୋଇଥିବା ଶ୍ରୀ ସହାୟ କହିଛନ୍ତି । ସମ୍ବାଦ ପରିବେଷଣ ପ୍ଲାଟଫର୍ମଗୁଡିକର ଅପବ୍ୟବହାର ରୋକିବା ନିମନ୍ତେ ବିଭିନ୍ନ ରାଜ୍ୟର ଗୃହବିଭାଗ ସଚିବ ମାନଙ୍କୁ ମଧ୍ୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଏଭଳି ସମସ୍ୟା ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ରରେ ବର୍ତମାନ ଦେଖିବାକୁ ମିଳୁଛି । ତେଣୁ ସମ୍ବାଦ ପରିବେଷଣ କରୁଥିବା ସଂସ୍ଥାଗୁଡିକ ବୃତ୍ତିଗତ ନୈତିକତା ରକ୍ଷା କରିବା ଉଚିତ ବୋଲି ଶ୍ରୀ ସହାୟ କହିଛନ୍ତି । ଏହି ଆଲୋଚନାର ଶେଷ ଭାଗରେ ବିଭିନ୍ନ ରାଜ୍ୟର ଗଣମାଧ୍ୟମ ପ୍ରତିନିଧି, ୱେବଚ୍ୟାନେଲ ପ୍ରତିନିଧି ତଥା ସମ୍ବାଦ ସଂସ୍ଥା ସହିତ ଜଡିତ ବ୍ୟକ୍ତି, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପତ୍ରସୂଚନା କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଆଲୋଚନା ଆରମ୍ଭରୁ ଗୌହାଟିସ୍ଥିତ ପ୍ରତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେନ୍ଦ୍ର ପ୍ରଧାନ ଡିଜିଟାଲ ମିଡିଆର ଅପବ୍ୟବହାର କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଏବଂ ଏହାକୁ ରୋକିବା ପାଇଁ ନୂଆ ନୀତିର ଆବଶ୍ୟକତା ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଭୁବନେଶ୍ୱର ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଧନ୍ୟବାଦ ଦେବା ଅବସରରେ ସମ୍ବାଦ ଏବଂ ବିଭିନ୍ନ ସଦ୍ୟତମ ପ୍ରସଙ୍ଗ ପରିବେଷଣ କରୁଥିବା ସଂସ୍ଥାର ପ୍ରତିନିଧିମାନେ ନୂଆ ଆଇନ ସମ୍ପର୍କରେ ଅବଗତ ହେବା ଆବଶ୍ୟକ ବୋଲି କହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୨୦୩୦ ସୁଦ୍ଧା ଓଡିଶାକୁ ଦେଶର.....

କହିଥିଲେ ଯେ ୨୦୦୦ ମସିହାରେ ସେ ଶାସନ ଦାୟିତ୍ୱ ନେବାବେଳେ ରାଜ୍ୟରେ ମାତ୍ର ୨ ମିଲିଅନ ଟନ୍ ଇସ୍ପାତ ଉତ୍ପାଦିତ ହୋଇଥିବା ବେଳେ ବର୍ତମାନ ଏହା ୩୦ ମିଲିଅନ ଟନ୍‌ରେ ପହଂଚିପାରିଛି । ଇସ୍ପାତ କାରଖାନା ଯୋଗୁ ହିଁ ଆମେ ଆଜି ଦେଶର ୧୭ଟି ରାଜ୍ୟକୁ କୋଭିଡର ଦ୍ୱିତୀୟ ଲହର ସମୟରେ ଅକ୍‌ସିଜେନ ଯୋଗାଇ ବହୁ ଜୀବନ ରକ୍ଷା କରିପାରିଛୁ । ତେଣୁ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଯେପରି ଠିକ୍ ସମୟରେ ଶେଷ ହେବ, ସେଥିପାଇଁ ଲୋକପ୍ରତିନିଧି ମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନସାଧାରଣ ସମସ୍ତଙ୍କ ସହଯୋଗ ରହିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଢେଙ୍କାନାଳ ଜିଲ୍ଲାରେ ବର୍ତମାନ ଚାଲିଥିବା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଂଚିଛି ଏବଂ ଏହାଦ୍ୱାରା ଜିଲ୍ଲାର ୮ଟି ବ୍ଲକ ଓ ସବୁ ସହରାଂଚଳରେ ଘରେ ଘରେ ପାଇପ ପାଣି ସୁବିଧାରେ ମିଳିପାରିବ । ଜିଲ୍ଲାରେ ଲୋକମାନଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ କରାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୩୦୦ ଶଯ୍ୟା ବିଶିଷ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି । ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

## ପଞ୍ଚାୟତ ନିର୍ବାଚନ ପାଇଁ ....

ଦଳ ଉପରେ ଅନେକ ପ୍ରଶ୍ନବାଚୀ ତିଆରି ହୋଇଛି । ପୌରସଂସ୍ଥାରେ ପ୍ରଶାସକଙ୍କ ଦ୍ୱାରା ବ୍ୟବସ୍ଥାକୁ ଚଲାଇବାକୁ ଅନେକ ନାପସନ୍ଦ କରିଛନ୍ତି । ଏପରିକି ଏହା ସୁସ୍ଥ ଗଣତନ୍ତ୍ରର ପ୍ରକ୍ରିୟା ନୁହେଁ ବୋଲି ଲୋକ ଖୋଲାଖୋଲି ମତ ରଖୁଛନ୍ତି । ଏଭଳି ସ୍ଥଳେ ପଞ୍ଚାୟତ ନିର୍ବାଚନ ପାଇଁ ଯଦି ପଦକ୍ଷେପ ନିଆନଯାଏ, ତେବେ ଏହା ବୁମେରାଂ ହୋଇପାରେ । ଉଭୟ ପଞ୍ଚାୟତ ଓ ସହର ନିର୍ବାଚନରେ ୬୪ ପ୍ରତିଶତ ଆସନ ସଂରକ୍ଷଣ ରହିବା ନେଇ ହିଁ ମୂଳ ବିବାଦ ରହିଛି । ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ୫୦ ପ୍ରତିଶତ ଭିତରେ ସଂରକ୍ଷଣ ରହିବ । ତେଣୁ ପଞ୍ଚାୟତିରାଜ ବିଭାଗ ଖୁବଶୀଘ୍ର ୩ଟି ଆଇନର ସଂଶୋଧନ କରି ପଞ୍ଚାୟତ ନିର୍ବାଚନ ପାଇଁ ବାଟ କଢେଇପାରନ୍ତି ବୋଲି ଅନୁମାନ କରାଯାଉଛି ।

## ମୁକ୍ତ ହେଲା କୁନିଝିଅକ....

ଆଦରି ଗତ ମାସେ ଧରି ପଡି ରହିଥିଲା ନଅ ବର୍ଷର ଝିଅ ମଞ୍ଜୁଳା । ଏହି ଖବର ପ୍ରସାରଣ ପରେ ଛୋଟ ଝିଅଟିକୁ ରାଇଘର ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଚାରି ଜଣିଆ ଡାକ୍ତରୀ ଦଳ ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କଟକ ଏସସିବି ମେଡିକାଲକୁ ପଠାଇଥିଲେ । ଝିଅଟି କଟକ ଏସସିବି ମେଡକାଲରେ ପହଂଚିଥିବାବେଳେ ତାର ଚିକିତ୍ସା ଆରମ୍ଭ ହୋଇଛି । ଝିଅଟିର ଚିକିତ୍ସା ପାଇଁ ପ୍ରଥମେ ରେଡକ୍ରସରୁ ଜିଲ୍ଲାପାଳ ୧୦ ହଜାର ଟଙ୍କାର ଆର୍ଥିକ ସହାତୟା ପ୍ରଦାନ କରିଥିଲେ । ପରେ ହସ୍ପିଟାଲରେ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ।

## ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ଅନୁଷ୍ଠିତ ....

ବ୍ୟାପକ କରିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକୁ ଜନଜାଗରଣରେ ପରିଣତ କରିବା ପାଇଁ ପରାମର୍ଶ ଦେଲି । ସେବା, ସଂଗଠନ, ସମ୍ପର୍କ ଓ ସଂଘର୍ଷ ଆଧାରରେ କାର୍ଯ୍ୟକର୍ତାମାନେ ପରିଶ୍ରମ କରି ଲୋକମାନଙ୍କ ସହ ଯୋଡ଼ିହୋଇ ସମ୍ପର୍କ ସ୍ଥାପନ କରିବା ଉଚିତ୍ । କେବଳ ବିଧାୟକ ଏବଂ ସାଂସଦ ହେବା ପାଇଁ ନୁହେଁ ବରଂ ପ୍ରତିଟି ନାଗରିକଙ୍କ ମୌଳିକ ଓ ଅନ୍ୟାନ୍ୟ ସମସ୍ୟାକୁ ପ୍ରଭାବଶାଳୀ ଢ଼ଙ୍ଗରେ ସରକାରଙ୍କ ପାଖରେ ଉପସ୍ଥାପନ କରିବା ହିଁ ଆମର ଲକ୍ଷ୍ୟ ହେବା ଦରକାର । ବର୍ତମାନ ଟେକ୍ନୋଲୋଜି ଲୋକଙ୍କ ସହ ଯୋଡ଼ିହେବାର ନୂଆ ମାଧ୍ୟମ ହୋଇଛି । ସମସ୍ତ କାର୍ଯ୍ୟକର୍ତାଙ୍କୁ ଅନୁରୋଧ, ସାମାଜିକ ଗଣମାଧ୍ୟମ ଜରିଆରେ ଯୋଡ଼ିହୋଇ ଲୋକଙ୍କ ସେବା କରିବା ତଥା ମୋଦି ସରକାରଙ୍କ ସବକା ସାଥ୍,ସବକା ବିକାଶ, ଏବଂ ସବକା ବିଶ୍ୱାସ ମନ୍ତ୍ରରେ ହେଉଥିବା ସମସ୍ତ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ କାମ କରିବା ବୋଲି ସେ କହିଛନ୍ତି ।

## ବ୍ରାଉନସୁଗାର ଜାଲରେ ଛନ୍ଦ....

କରାଯାଇଛି । ତେବେ ବଡ ପ୍ରଶ୍ନ ହେଲା, କେଉଁଠୁ ଆସୁଥିଲା ଏହି ବ୍ରାଉନସୁଗାର ? ଏହା ପଛରେ କାମ କରୁଛି କି ଏକ ବଡ ର୍ୟାକେଟ ? ଏହାର ମୁଖ୍ୟ କିଙ୍ଗପିନ କିଏ ? ପୁଳା ପୁଳା ଟଙ୍କା ଓ ଅଧ କେଜି ବ୍ରାଉନ ସୁଗାର କାରବାର ପଛରେ ବଡ ଷଡଯନ୍ତ୍ର ଥିଲା କି ? ତେବେ କେଶୁରାରୁ ପ୍ରାୟ ୩୫ ଲକ୍ଷ ଟଙ୍କା ଜବତ ହୋଇଥିବାରୁ ଘଟଣାକୁ ଗୁରୁତର ସହ ନେଇଛି କମିଶନରେଟ ପୁଲିସ । କେବଳ ଏତିକି ନୁହେଁ, କମିଶନରେଟ ପୁଲିସର ଚଢାଉ ବେଳେ ଜଣେ ନିଶାବେପାରୀ ଟଏଲେଟରେ ୩ରୁ ୪ କେଜି ବ୍ରାଉନସୁଗାର ନଷ୍ଟ ବି କରିଦେଇଛନ୍ତି । ଗତ ୪ ମାସ ମଧ୍ୟରେ କଟକ ଓ ଭୁବନେଶ୍ୱରରେ ୫ କେଜି ଶହେ ଗ୍ରାମରୁ ଅଧିକ ବ୍ରାଉନସୁଗାର ଜବତ ହୋଇସାରିଛି । ମୁଖ୍ୟତଃ ବେକାର ଯୁବକ, ଶ୍ରମିକ ଶ୍ରେଣୀ ଓ ସ୍ଥାନୀୟ ଲୋକଙ୍କୁ ଟାର୍ଗେଟ କରି ଧଳାଜହରର ଏହିଜାଲ ବିଛାଯାଇଛି । ଯେଉଁଥିରେ ଚାଲିଛି କୋଟି କୋଟି ଟଙ୍କାର କାରବାର ।

# ଆମେରିକାର ହ୍ୟୁଷ୍ଟନଠାରେ ରଥଯାତ୍ରା ଉତ୍ସବ ଆୟୋଜନ



ହ୍ୟୁଷ୍ଟନ,୧୪/୦୭ (ନି.ପ୍ର): ଯୁକ୍ତରାଷ୍ଟ୍ର ଆମେରିକାର ଚତୁର୍ଥ ବୃହତ୍ତମ ମହାନଗରୀ ହ୍ୟୁଷ୍ଟନ ଠାରେ ପବିତ୍ର ଚତୁର୍ଦ୍ଦଶ ବାର୍ଷିକ ରଥଯାତ୍ରା ପର୍ବ ମହାସମାରୋହନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବଡ଼ି ଭୋରରୁ ୩୧୦୧, ଫିଙ୍କ୍ରେ ମାର୍ଗସ୍ଥିତ ଓରିଶା କଲ୍ଚର ସେଣ୍ଟର (ଓ.ସି.ସି) ମଧ୍ୟରେ ସ୍ଥାପିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମ୍ମୁଖରେ ନୃସିଂହ ହଭନ, ରଥ ବାସ୍ତୁ ପୂଜା, ନାମଯଜ୍ଞ, ମଙ୍ଗଳ ଆଳତୀ, ପ୍ରତାପ ଉପଚାର, ଜଗନ୍ନାଥ ପରିବାର ବନ୍ଦାପନା ଆଦି ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏହାପରେ ଜଗନ୍ନାଥ ଅଷ୍ଟକମ୍, ଗୀତ ଗୋବିନ୍ଦ ଓ ଦଶାବତାର ଗାୟନ ତଥା ଭଗବତ ଗୀତା ପାଠ କରାଯାଇଥିଲା। ମଧ୍ୟାହ୍ନରେ କେନ୍ଦ୍ରର ଆନନ୍ଦବଜାର ଭାବରେ ନାମିତ ପାକଶାଳାରେ ପ୍ରସ୍ତୁତ ୫୬ଭୋଗ ଠାକୁରଙ୍କୁ ଅର୍ପଣ କରାଯାଇ ବିଶ୍ରାମ ଦିଆଯାଇଥିଲା। ଅପରାହ୍ନ ଅଢ଼େଇଟାରେ ଦୀଅଁମାନଙ୍କର ପରଦା ଉନ୍ମୁକ୍ତ ହେବା ପରେ ସୂର ?ୟ ପୂଜା, ଦ୍ୱାରପାଳ ପୂଜା, ଉପଚାର ପୂଜା ଏବଂ ରଥ ପାଇଁ ଆଜ୍ଞାମାଳ ଗ୍ରହଣ ପ୍ରଭୃତି ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ଉପସ୍ଥିତ ପ୍ରାୟ ୫୦୦ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ପରିଲ୍ଲକ୍ଷିତ ହୋଇଥିଲା। ଭକ୍ତମାନଙ୍କର ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀ ତଥା ଶଙ୍ଖ, ଘଣ୍ଟ, କର୍ତ୍ତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗର ଘୋର ଘର୍ଗର ନାଦ ଦ୍ୱାରା ଗଗନ ପବନର ପ୍ରକମ୍ପନ ଭିତରେ ଚାରି ଠାକୁରଙ୍କୁ ପହଣ୍ଡି ରୋଷଣୀ କରାଯାଇ ରଥ ଉପରକୁ ଅଣାଯାଇଥିଲା। ସୁନ୍ଦର, ସୁଶୋଭିତ ଏବଂ ନାନା ରଙ୍ଗବେରଙ୍ଗ କପଡ଼ାରେ ଓ ସୁସଜ୍ଜିତ ରଥ ଉପରେ ଜଗତର ନାଥ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ଶ୍ରୀସୁଦର୍ଶନଙ୍କର ବିରାଜମାନର ଦୃଶ୍ୟ ବେଶ୍ ମର୍ମସ୍ପର୍ଶୀ ଥିଲା। ସନ୍ଧ୍ୟା ସାଢ଼େ ୭ଟା ବେଳେ ଭୁବନେଶ୍ୱରରୁ ଆସିଥିବା ବଂଶୀଧର ଲେଙ୍କା ରଥ ଉପରେ ପାରମ୍ପରିକ ଛେରା ପହଁରା କାର ?ୟ ସମାପନ କରିବା ପରେ ରଥ ଟଣା ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ରଥାରୁଢ଼ ଠାକୁରମାନେ ଭଜନ, ଜଣାଣ, ସଂକୀର୍ତ୍ତନର ସୁମଧୁର ଝଙ୍କାର ଦ୍ୱାରା ସୃଷ୍ଟ ଭକ୍ତିପୂତ ପରିବେଶ, ଆଧ୍ୟାତ୍ମିକ ଉଲ୍ଲାସ ଏବଂ ଐଶ୍ୱରିକ ଭାବାବେଗର ଅପୂର୍ବ ଉନ୍ମାଦନା ମଧ୍ୟରେ ଗୁଣ୍ଡିଚା ଗୃହରେ ପହଞ୍ଚିଥିଲେ। ଏହି ଅବସରରେ ହ୍ୟୁଷ୍ଟନ ଠାରେ ଅବସ୍ଥାପିତ ଭାରତର କନ୍‌ସୁଲେଟ୍ ଜେନେରାଲ ଅସୀମ ମହାଜନ ଏବଂ ସୀତାରାମ ପ୍ରତିଷ୍ଠାନର ଅଧ୍ୟକ୍ଷ ଅରୁଣ ବର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ରଥଯାତ୍ରାର ବିଶେଷ ଆକର୍ଷଣ ଭାବରେ ସ୍ଥାନୀୟ ଚିକିତ୍ସକମାନଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିଲା। ଶେଷରେ ପ୍ରତିଷ୍ଠିତ ଓ ଉଦୀୟମାନ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, କଥକ୍ ଓ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରାଯାଇଥିଲା।

## ଓଡିଶା ବନ୍ଦରେ ବାମ ଦଳକୁ ସମର୍ଥନ କରିବ କଂଗ୍ରେସ

ଜଳେଶ୍ୱର ୧୪/୭(ନି.ପ୍ର) : ବିଭିନ୍ନ ଦାବି ନେଇ ସିପିଏମ୍ ଓ କୃଷକ ସଙ୍ଘର୍ଷ ସମିତି ପକ୍ଷରୁ ଓଡିଶା ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ କରିବ ବୋଲି ପ୍ରେସ ବାର୍ତ୍ତାରେ ପ୍ରକାଶ କରାଯାଇଛି । ପେଟ୍ରୋଲ, ଡିଜେଲ ଦର ବୃଦ୍ଧି, ଖାଇବା ତେଲ ସହିତ ଅତ୍ୟାବଶ୍ୟକ ଦ୍ରବ୍ୟର ମାତ୍ରାଧିକ ଦରବୃଦ୍ଧି, କରୋନା ମହାମାରୀବେଳେ ଜନଜୀବନକୁ ବିପର୍ଯ୍ୟସ୍ତ କରିଛି । ଏହା ସହିତ ଜାତୀୟ କୃଷି ନିତୀ, ଅଭାବୀ ଧାନ ବିକ୍ରୀ, ଆୟକର ଦେଉନଥିବା ଲୋକଙ୍କୁ ୭୫୦୦ ଟଙ୍କାର ରାସନ ଯୋଗାଇବା ଉତ୍ୟାଦି ଦାବି ନେଇ ବାମ ଦଳ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏପରି ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଜଣାଇବ ବୋଲି ସିଦ୍ଧାନ୍ତ ନେଇଛି । ଏହା ସହିତ ଆସନ୍ତା ୧୫ ତାରିଖରେ ପେଟ୍ରୋଲ, ଡିଜେଲ ନ କିଣିବାକୁ କଂଗ୍ରେସର ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସିଦ୍ଧାନ୍ତକୁ ଜଳେଶ୍ୱର କଂଗ୍ରେସ ସମର୍ଥନ କରିବ ବୋଲି ପ୍ରେସ୍‌ବାର୍ତ୍ତାରେ ଜଣାଇଛନ୍ତି ।

# ପରୀକ୍ଷା ହେଉନଥିବାରୁ ତାଲିମ ପ୍ରାପ୍ତ ଛାତ୍ର ଛାତ୍ରୀ ଅସନ୍ତୁଷ୍ଟ

ବାଲିଆପାଳ,୧୪/୦୭ (ନି.ପ୍ର): ମାହାମାରୀ କରୋନାକୁ ଆଳ ଦେଖାଇ ଶିକ୍ଷା ବିଭାଗ ତାଲିମ ନେଇଥିବା ସମସ୍ତ ଡି ଆଇ ଇଟି,ବି ଆଇ ଇଟି ,ଇଟି ଇଆ ଛାତ୍ର ଛାତ୍ରୀଙ୍କର ପରୀକ୍ଷା କରୁନଥିବାରୁ ଏବେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ +୨ ପରୀକ୍ଷା ଓ ଉଚ୍ଚ ଶିକ୍ଷା ବିଭାଗ ଯୁଜି ଓ ପିଜି ପରୀକ୍ଷା ଅନାଲାଇନରେ କରିବା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି । ମାତ୍ର ସେମାନଙ୍କ ପ୍ରତି ଶିକ୍ଷା ବିଭାଗ ବୈମାତୃକ ମନଭାବ ପୋଷଣ କରୁଛି ବୋଲି ତାମିଲ ନେଇଥିବା ଛାତ୍ରଛାତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି । ଇତି ମଧ୍ୟମରେ ରାଜ୍ୟ ସରକାର ଆଗାମୀ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ପରୀକ୍ଷା ହେଉ ନଥିବାରୁ ମେଧାବୀ ଛାତ୍ରଛାତ୍ରୀ ଘୋର ମନସ୍ତାପରେ ରହିଛନ୍ତି । ସରକାର ଉଚ୍ଚ ଶିକ୍ଷା ବିଭାଗ ମାଧ୍ୟମରେ ଅନଲାଇନ କିମ୍ବା ଅଫଲାଇନରେ ପରୀକ୍ଷା କରାଇବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି । ଅନ୍ୟୁନ ୬ ହଜାର ତାମିଲ ନେଇଥିବା ଛାତ୍ରଛାତ୍ରୀ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୋଭିଡ-୧୯କଟକଣାକୁ ଯୋଗୁଁ ସେମାନଙ୍କର ପରୀକ୍ଷା ଦେବା ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି ବୋଲି ସେମାନେ କହିଛନ୍ତି । ସରକାର ସେମାନଙ୍କ ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି । ଅନ୍ୟଥା ସେମାନେ ପରୀକ୍ଷା ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

# ପାରିବାରିକ କଳହରୁ ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା



ବାଲିଆପାଳ,୧୪/୦୭ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମରେ ଆଜି ପାରିବାରିକ କଳହ କାରଣରୁ ଜୈନିକ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ଜଣଙ୍କ ହେଲେ ପ୍ରତାପପୁର ଗ୍ରାମର ନରେନ୍ଦ୍ର ନାଥ ସାହୁଙ୍କ ପୁଅ ଦିଗବିଜୟ ସାହୁ(୨୬)। ଦିଗବିଜୟଙ୍କର କିଛି ଦିନ ପରେ ବିବାହ ହେବା ନେଇ ସମସ୍ତ ପ୍ରସ୍ତୁତି ସରିଥିଲା । ଆଜି ସକାଳେ ଘର ଭିତରେ ଏକ ଫ୍ୟାନ ହୁକରେ ବେକରେ ରସି ଲଗାଇ ଦିଗବିଜୟ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଏନେଇ ପରିବାର ଲୋକେ ବାଲିଆପାଳ ଥାନାକୁ ଜଣାଇବା ପରେ ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବଦ କରି ବ୍ୟବଚ୍ଛେଦ କରିଛି । ପ୍ରାଥମିକ ତଦନ୍ତରୁ ଏହା ପାରିବାରିକ କଳହର କାରଣରୁ ଦିଗବିଜୟ ଆତ୍ମହତ୍ୟା କରିଥିବା ଜଣାଯାଇଛି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ପାଳିତ




ବାରିପଦା,୧୪/୦୭ (ନି.ପ୍ର): ଭଞ୍ଜମାଟିର ଐତିହ ଓ ସଂସ୍କୃତିକୁ ବହନ କରି ବାରିପଦାରେ ପ୍ରତିଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରରେ କୋଭିଡ ନିୟମ ମୁତାବକ ପୂର୍ବକ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ସମ୍ମେଳନ କକ୍ଷରେ ଆୟୋଜିତ ଏକ ଆଭାଷୀ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର କିଶୋର କୁମାର ବସା ଅଧକ୍ଷତା କରି ନିଜର ବକ୍ତବ୍ୟରେ ବର୍ତ୍ତମାନର ଯୁବପୀଢିଙ୍କ ଆଶା ଓ ଆକାଂକ୍ଷା ତଥା ଜନଜାତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟକୁ କର୍ମତତ୍ପର ହେବାକୁ ଆହ୍ୱାନ ଦେଇଥିଲେ ଏବଂ ବିଶ୍ୱବିଦ୍ୟାଳୟକୁ ଉତ୍ତରୋତ୍ତର ଉନ୍ନତି ଦିଗରେ ସମସ୍ତ କର୍ମଚାରୀଙ୍କର ଭୂମିକା ରହିଛି ବୋଲି ମତପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପୂରନ୍ ଚାନ୍ଦ ଯୋଶୀ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦର ଉପାଧକ୍ଷ ପ୍ରଫେସର ଅଶୋକ ଅଶୋକ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଫେସର ଅଶୋକ କୁମାର ଦାସ ନିଜର ବକ୍ତବ୍ୟରେ ବିଶ୍ୱବିଦ୍ୟାଳୟର କେବଳ ଭିତ୍ତିଭୂମି ସୁଦୃଢ଼ କଲେ ହେବ ନାହିଁ ବରଂ ମୟୂରଭଞ୍ଜର ସାଂସ୍କୃତିକ ପଟ୍ଟଭୂମି, ଶିମିଳିପାଳ ଜୈବମଣ୍ଡଳ ଏବଂ ଛାତ୍ରଛାତ୍ରୀଙ୍କର ଜୀବିକାର୍ଜ୍ଜନ ପନ୍ଥାର ମହତ୍ ଉଦ୍ଦେଶ୍ୟକୁ ପାଥେୟ କରି ବିଶ୍ୱବିଦ୍ୟାଳୟ ନିଜର ଆଭିମୁଖ୍ୟ ଓ ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିବାକୁ ହେବ ବୋଲି ଦୃଢ଼ୋକ୍ତି କରିଥିଲେ । ସେହିପରି ନିଜର ବକ୍ତବ୍ୟରେ ମୁଖ୍ୟ ଅତିଥି ପ୍ରଫେସର ଯୋଶୀ ନୂତନ ଜାତୀୟ ଶିକ୍ଷାନୀତିର ଆଦର୍ଶରେ ବିଶ୍ୱବିଦ୍ୟାଳୟକୁ ଗଢିବା ନିମନ୍ତେ ବଦ୍ଧପରିକର ହେବାକୁ ପ୍ରେରଣା ଦେଇଥିଲେ । ପ୍ରତିଷ୍ଠା ଦିବସ ଅବସରରେ ମୟୂରଭଞ୍ଜ ମାଟିର ବରପୁତ୍ର ଭାବା ଆଣବିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଅଜିତ୍ କୁମାର ମହାନ୍ତି ଏବଂ କେଉଁଝର ଜିଲ୍ଲାର ସୁଯୋଗ୍ୟ ସନ୍ତାନ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପଢୌକନ ସହ 'ଭୂମିପୁତ୍ର' ପୁରସ୍କାର ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟରୁ ଅବସର ନେଇଥିବା ବଲାଙ୍ଗୀର ସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ନିଜର କର୍ତ୍ତବ୍ୟନିଷ୍ଠା ପାଇଁ ଶ୍ରୀଯୁକ୍ତ ତପନ ପାତ୍ର ଓ ଶ୍ରୀମତି ଆରତି ଜେନାଙ୍କୁ 'ଶ୍ରେଷ୍ଠ ଅଣଶିକ୍ଷକ କର୍ମଚାରୀ' ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ପ୍ରାଣୀ ବିଜ୍ଞାନରେ ସ୍ନାତକୋତ୍ତରରେ ପ୍ରଥମସ୍ଥାନ ପାଇଁ ସୁଶ୍ରୀ ଶୁଭସ୍ମିତା ଦାସ ଓ ସୁଶ୍ରୀ ଦିବ୍ୟଜ୍ୟୋତି ନାୟକଙ୍କୁ 'କୁମୁଦିନୀ ମେମୋରିଆଲ୍ ପୁରସ୍କାର' ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ନାତକୋତ୍ତର ପରିଷଦର ପ୍ରଫେସର ଅନୀଲ୍ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, କୁଳସଚିବ ଶ୍ରୀଯୁକ୍ତ ସହଦେବ ସମାଧିଆ ବାର୍ଷିକ ବିବରଣୀ ପାଠ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ତଥ୍ୟ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ନ୍ୟୁଜ୍ ଲେଟର ଓ ବାର୍ଷିକ ରିପୋର୍ଟ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା । ବିତ୍ତ ନିୟନ୍ତ୍ରକ ଶ୍ରୀଯୁକ୍ତ ଶୁକଦେବ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରାଧାପିକା ଡ. ପୁଷ୍ପାଞ୍ଜଳି ପରିଡ଼ା, ଅଧାପକ ଡ. କମଳ ଲୋଚନ ବାରିକ, ଅଧାପକ ସ୍ୱରୁପାନନ୍ଦ ବିଷୟୀ, ଅଧାପିକା ଡ. କୁକୁ ମହାପାତ୍ର, ଅଧାପିକା ଡ. ବିଷ୍ଣୁପ୍ରିୟା ହାଁସଦା, ଅଧାପକ ଡ. ଶାନ୍ତିସ୍ୱରୁପ ବସା, ହିରଣ୍ୟ ଅଶୋକ କୁମାର ମହନ୍ତ ଓ ନଳିନୀ ରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଗୁଞ୍ଜର କୋରନା ସଂକ୍ରମିତ ପରିବାରକୁ ସହାୟତା



ନୀଳଗିରି,୧୪/୦୭ (ନି.ପ୍ର): ଜାତୀୟସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଞ୍ଜ ର ସହାୟତାରେ ସ୍ଥାନୀୟ ଅଗ୍ରଣୀ ଅନୁଷ୍ଠାନ ବଣ ଧୂଳିର ଫୁଲ ଦ୍ୱାରା ନୀଳଗିରିର ଆଦିବାସୀ ଅଧୁସିତ ଅଞ୍ଚଳ ମହିଷାପଟା ଗ୍ରାମପଞ୍ଚାୟତର ସମସ୍ତ କୋରନା ସଂକ୍ରମିତ ପରିବାରକୁ ଅନ୍ୟୁନ୍ୟ ୧୫୦୦/- ଟଙ୍କା ମୂଲ୍ୟର ରେଶନ ସାମଗ୍ରୀ ଯଥା ଚାଉଳ, ଅଟା, ଡାଲି, ବୁଟ, ଶୋରିଷ ତେଲ ସମେତ ମେଡିକାଲ କିଟ ୭୭ ପରିବାରକୁ ପ୍ରଦାନ ଯାଇଥିଲା । ଏହା ବ୍ୟତୀତ କୋରନା ଯୋଦ୍ଧା ୭ ଜଣ ଆଶାକର୍ମୀ ଓ ୯ ଜଣ ବଣ ଧୂଳିର ଫୁଲର ସ୍ୱେଚ୍ଛାସେବୀଙ୍କୁ ମିଶାଇ ୯୩ ଜଣଙ୍କୁ ଏହି ପ୍ରକାରର ଏହିପରି ରେଶନ କିଟ ଦିଆଯାଇ ସମ୍ମାନିତ କରାଯାଇଛି । ଗୁଞ୍ଜର ଆଞ୍ଚଳିକ ସଂଯୋଜକ ସୁରେଶ କୁମାର, ସ୍ଥାନୀୟ କର୍ମକର୍ତ୍ତା ଶଙ୍କର୍ଷଣ ପୁହାଣଙ୍କ ସୁପାରିଶ ଓ ବଣ ଧୂଳିର ଫୁଲର ଉଭୟ ପ୍ରତିଷ୍ଠାତା ବାସନ୍ତୀ ସିଂ ଓ ବିଜୟ କୁମାର ଆଚାର୍ଯ୍ୟଙ୍କ ଉଦ୍ୟମ କ୍ରମେ ଏହି କାର୍ଯ୍ୟକ୍ରମ ସଫଳ ହୋଇ ପାରିଛି । ମହିଷାପଟା ପଞ୍ଚାୟତର ବଣିଆଗାଁ, ପାଟଣା, ଜାମମୂଳୀ, ଗୁଜୁଡିହା, ମହିଷାପଟା, ଶାଳବଣୀ ଓ ସଠିଲବଲବଲିଆର କୋରନା ସଂକ୍ରମିତ ପରିବାରକୁ ପ୍ରଦାନ କରାଯାଇଛି । ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ରହି ଗୁଞ୍ଜର ସୌରଭ କୁମାର ଓ ରଘୁନାଥ ଦଳାଇ ଥିବାବେଳେ ବଣଧୂଳିର ଫୁଲ ତରଫରୁ ଶିକ୍ଷୀ କେଶୁଦାସ, ପ୍ରଣବ ସିଂ, ପରମେଶ୍ୱର ସିଂ, ଦୁଖା ସିଂ, ମହେଶ୍ୱର ସିଂ ପ୍ରମୁଖ ରାହାତ୍ ବିତରଣରେ ସହଯୋଗ କରିଥିଲେ । ପ୍ରକାଶ ଥାଉ କି ସ୍ଥାନୀୟ ଅଧିବାସୀ ଓ ବୁଦ୍ଧିଜୀବୀମାନେ ଏହି ପ୍ରକାର ବଦାନ୍ୟ କାର୍ଯ୍ୟକ୍ରମ ନିମନ୍ତେ ରମଣ ମେଗାସେସେ ଓ ଅଶୋକା ଫେଲୋସିପ ପୁରଷ୍କାର ପ୍ରାପ୍ତ ଗୁଞ୍ଜର ପ୍ରତିଷ୍ଠିତା ଅଂଶୁ ଗୁପ୍ତାଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି



## 'ବାଲେଶ୍ୱର କେମିକାଲ୍ସ'କୁ ଜାତୀୟ ସ୍ତରର ପୁରସ୍କାର

ବାଲେଶ୍ୱର,୧୪/୦୭ (ନି.ପ୍ର): ଗବେଷଣା ମୂଳକ ଉତ୍ପାଦ ପ୍ରସ୍ତୁତିରେ ଶ୍ରେଷ୍ଠ ପ୍ରତିଷ୍ଠାନ ଭାବେ ବିବେଚିତ ସହ ଜାତୀୟ ସ୍ତରର ପୁରସ୍କାର ପାଇ ଜିଲାକୁ ଗୌରବ ଆଣଥିବା 'ବାଲେଶ୍ୱର କେମିକାଲ୍ସ'କୁ ଏବେ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଉଛି। ପେଟ୍ରୋକେମିକାଲ୍ସ ଓ ତତସଂଲଗ୍ନ ମୌଳିକ ସ୍ତରୀୟ ଶିକ୍ଷାନୁଷ୍ଠାନ ପାଇଁ ନୂତନ ବୈଷୟିକ ଆବିଷ୍କାର ନିମନ୍ତେ ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ ଦଶମ ଜାତୀୟ ପୁରସ୍କାର ବିତରଣ ଉତ୍ସବରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସଦାନନ୍ଦ ଗୌଡା ଓ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ମନସୁଖ ମଣ୍ଡାଭିଆ ବାଲେଶ୍ୱର କେମିକାଲ୍ସକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୁରସ୍କାର ଗ୍ରହଣ ଅବସରରେ 'ବାଲେଶ୍ୱର କେମିକାଲ୍ସ' ରସାୟନ ଶିଳ୍ପ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତ ଦେଇଥିଲେ। ବିଗତ ତିନିବର୍ଷ ଧରି ଗବେଷଣା ପରେ ନିର୍ମିତ ପ୍ଲାଷ୍ଟିକ ଏଡେଟିଭ ପାଇଁ ଏହି ପୁରସ୍କାର ମିଳିଥିବା ବାଲେଶ୍ୱର କେମିକାଲ୍ସର ମହାପ୍ରବନ୍ଧକ ବିବେକ ରାଜ ବାଜପେୟୀ ସୂଚନା ଦେଇଛନ୍ତି । ବାଲେଶ୍ୱର କେମିକାଲ୍ସର ଦୁଇ ନୂଆ ଉତ୍ପାଦ ପୂର୍ବ ଭାରତର ପ୍ରଥମ ହୋଇଥିବାରୁ ଏହାର ମୌଳିକ ଆବିଷ୍କାର (ପେଟେଣ୍ଟ) ନିମନ୍ତେ ମଧ୍ୟ ଆବେଦନ କରାଯାଇଥବା ସେ କହିଛନ୍ତି । ନିଜର ଅନ୍ୟ ଏକ ଶିକ୍ଷାନୁଷ୍ଠାନ ଆରକେବି ପ୍ରଡକ୍ଟ ଡେଭେଲୋପମେ ଦ୍ୱାରା ନିର୍ମିତ ଜୈବିକ ସାରର ମଧ୍ୟ ମୌଳିକ ସ୍ୱତ୍ୱ ହାସଲ ପାଇଁ ଆବେଦନ କରାଯାଇଥିବା ସେ ସୂଚନା ଦେଇଛନ୍ତି । ବିଦେଶ ଉତ୍ପାଦ ଉପରେ ନିର୍ଭରଶୀଳ ନ ହେବା ତଥା କେନ୍ଦ୍ର ସରକାରଙ୍କ 'ମେକ ଇନ ଇଣ୍ଡିଆ' କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ମିଳୁଥିବା ବେଳେ ଉଦ୍ୟୋଗୀମାନେ ଏଥି ପ୍ରତି ଆଗ୍ରହୀ ହେବାକୁ ଶ୍ରୀ ବାଜପେୟୀ ଆହ୍ୱାନ ଜଣାଇଛନ୍ତି। ତେବେ ଭାରତ ସରକାରଙ୍କଠାରୁ ଏହି ପୁରସ୍କାର ପାଇ ପ୍ରତିଷ୍ଠାନ ନିଜକୁ ଧନ୍ୟ ମନେ କରୁଛି ବୋଲି ସେ କହିଛନ୍ତି । ଏହା ଦ୍ୱାରା ବାଲେଶ୍ୱରରେ ମଧ ବହୁ ଉଦ୍ୟଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ହେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ଆମ ରଥ ଆମ ଜଗନ୍ନାଥ ଶୀର୍ଷକ ଆଲୋଚନା ଓ କବିତାପାଠ





ବାଲେଶ୍ୱର,୧୪/୦୭ (ନି.ପ୍ର): ରଥ କେବଳ ଓଡ଼ିଆମାନଙ୍କର ଏକ ପର୍ବ ହୋଇ ରହିନାହିଁ କିମ୍ବା ଜଗନ୍ନାଥ ଆଜି କେବଳ ଓଡ଼ିଆ ଜାତିର ନମସ୍ୟ ହୋଇ ରହିନାହାନ୍ତି। ସମଗ୍ର ପୃଥିବୀକୁ ରଥ ଏବଂ ଜଗନ୍ନାଥ ଉଭୟ ଆବୋରି ବସିଛନ୍ତି। ଆଜି ଆମ ଜାତି, ଆମ ରାଜ୍ୟ, ଆମ ସାହିତ୍ୟ ଓ ସର୍ବୋପରି ଆମ ଭାଷା ଜଗନ୍ନାଥଙ୍କୁ କେନ୍ଦ୍ର କରି ବିସ୍ତୃତି ଲାଭ କରିଛି। ତେଣୁ ପବିତ୍ର ରଥଯାତ୍ରା ସପ୍ତାହରେ ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ସମର୍ପଣ କରି ବୁଧବାର ସନ୍ଧ୍ୟାରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ 'ଆମ ରଥ ଆମ ଜଗନ୍ନାଥ' ଶୀର୍ଷକରେ ଏକ ଆଲୋଚନା ଓ କବିତାପାଠ ଆଭାସି ମାଧ୍ୟମରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡା.ଚୌଧୁରୀ ସତ୍ୟବ୍ରତ ନନ୍ଦ ଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା କରି ତାଙ୍କୁ ଚିରନୂତନ ଓ କାଳ ମଧ୍ୟରେ ସୀମାବଦ୍ଧ ନୁହନ୍ତି ବୋଲି ସୂଚାଇଥିଲେ। ରାମ ଜନ୍ମ ଓ କୃଷ୍ଣ ଜନ୍ମର ପୂର୍ବଦିନ ଜଗନ୍ନାଥଙ୍କ ନିକଟରେ ଜେଉଟ ଭୋଗ ଲାଗୁଥିବାରୁ ତଥା ଜେଉଟ ଗର୍ଭବତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ମହାପ୍ରଭୁଙ୍କୁ ମାତୃରୂପିଣୀ ବୋଲି ସେ ଚିତ୍ରିତ କରିଥିଲେ। ବକ୍ତବ୍ୟରେ ସେ ଜଗନ୍ନାଥ ଚେତନାକୁ ବିଶ୍ୱଚେତନା ସହିତ ତଲ୍ଲୀନ କରିଦେଇଥିଲେ। ଅନୁଷ୍ଠାନର ଯୁଗ୍ମ ସଂପାଦକ ଦୀପକ ବୋଷ ଅତିଥିମାନଙ୍କ ସମ୍ପର୍କରେ ସୂଚନା ଓ ସାଧାରଣ ସଂପାଦକ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ତପନ ରାୟ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ ଓ ଯୁଗ୍ମ ସଂପାଦିକା ସୁବ୍ରତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ସ୍ୱାତୀ ମୁଖାର୍ଜୀ, ଶରତ କୁମାର ମହାପାତ୍ର, ଅରୁଣା ରାୟ,କଲ୍ୟାଣୀ ନନ୍ଦ, ନିରଞ୍ଜନ ରାଉତ, ଆଦି ସାହିତ୍ୟିକଗଣ ଜଗନ୍ନାଥଙ୍କୁ ବିଷୟବସ୍ତୁ କରି କବିତାପାଠ କରିଥିଲେ।

### ଦେବକୁମାରରେ ରକ୍ତଦାନ ଶିବିର : ୪୬ ୟୁନିଟ୍ ସଂଗୃହୀତ

ଜଳେଶ୍ୱର ୧୪/୭(ନି.ପ୍ର) : ଦେବକୁମାରସ୍ଥିତ ବଜରଙ୍ଗବାଲି କ୍ଲବ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ସାହିର ମୁଖ୍ୟ ଜଗବଂଧୁ ଜେନା ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ପ୍ରଶାନ୍ତ କୁମାର ଦାସ, କ୍ଲବର ପ୍ରତିଷ୍ଠାତା ଅଭୟ କୁମାର ପ୍ରମାଣିକ, ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ସୁକୁ ମାର ମିଶ୍ର, ମନୋରଂଜନ ଦାସ, ଆଶିଷ ଗିରି, ବାପୁଜୀ ଦାସ, ଯଦୁମଣି ନାୟକ, କୁନିଲ ମହାଳିକ, ଆସିତ୍ ପ୍ରମାଣିକ, ସୁଶୀଲ ମହାଳିକ, ବ୍ରଜକିଶୋର ଗିରି, ରାଜେଶ ପରିଡା, ବିନିରାଣୀ ଜେନା, କାନନ ବାଳା ଜେନା, ରାଜଶ୍ରୀ ଜେନା, ସୁଚିସ୍ମିତା ପ୍ରଧାନ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ ।

## ଇମାମି ପେପର ମିଲ୍ସ ଅଧିକାରୀଙ୍କୁ ବହିଷ୍କୃତ ଶ୍ରମିକଙ୍କ ଆକ୍ରମଣ

ବାଲେଶ୍ୱର,୧୪/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଅନ୍ୟତମ ପ୍ରମୁଖ ଶିଳ୍ପାନୁଷ୍ଠାନ ରେମୁଣା ବାଲଗୋପାଳପୁରର ଇମାମି ପେପର ମିଲ୍ସରେ ଜନୈକ ବହିଷ୍କୃତ ଶ୍ରମିକଙ୍କ ଲଙ୍କାକାଣ୍ଡକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଯାଇଛି। ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ୨୦୧୯ ମସିହାରୁ ଶିଳ୍ପାନୁଷ୍ଠାନରୁ ବହିଷ୍କୃତ ଶ୍ରମିକ ସୁରେନ୍ଦ୍ର କୁମାର ଜେନା ଆଜି ଅପରାହ୍ନରେ କାରଖାନା ମଧ୍ୟକୁ ପ୍ରବେଶ ସହ ଖଣ୍ଡାରେ ନିର୍ଦ୍ଦେଶକ ସୁଶୀଲ୍ କୁମାର ଖୈତାନ ଆକ୍ରମଣ କରିଥିଲେ। ତାଙ୍କୁ ରୋକିବାକୁ ଯାଇ ଶ୍ରୀ ଖୈତାନଙ୍କ ସମେତ ମୁଖ୍ୟ ସଞ୍ଚାଳକ ଏମ୍.ବି.ଏସ୍. ନାୟାର ଓ ପିଅନ ବେଣୁଧର ରାଉଳଙ୍କ ସମେତ ସିକ୍ୟୁରିଟି ଗାର୍ଡ଼ମାନେ ଆହତ ହୋଇଥିଲେ। ଶେଷରେ ସମସ୍ତ ଅଧିକାରୀ, ଶ୍ରମିକ ଓ କର୍ମଚାରୀମାନେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ତେବେ ଏହି ଆକ୍ରମଣରେ ଗୁରୁତର ଅଧିକାରୀ ଶ୍ରୀ ଖଇଥାନ ଓ ପିଅନ ଶ୍ରୀ ରାଉଳଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଶ୍ରୀ ଜେନାଙ୍କୁ ରେମୁଣା ଥାନାକୁ ନେଇଯାଇଛି। ଘଟଣାରୁ ପ୍ରକାଶ ଯେ ୪ ବର୍ଷ ପୂର୍ବରୁ ଇମାମି ପେପର ମିଲ୍ସରେ ମେସିନ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ ସୁରେନ୍ଦ୍ର କୁମାର ଜେନା। କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରିବା, ସହକର୍ମୀ ଶ୍ରମିକ ଓ ଅଧିକାରୀଙ୍କୁ ଗାଳିଗୁଲଜ କରିବା, ବାରମ୍ବାର କାରଖାନା ନିୟମ ଭଙ୍ଗ କରିବା ଆଦି ଘଟଣାରେ ତାଙ୍କୁ ପ୍ରଥମେ ନିଲମ୍ବନ ଓ ପରେ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିଲା। ସେ ତ'ର ସମସ୍ତ ପ୍ରାପ୍ୟ ମଧ୍ୟ ନେଇ ସାରିଛି।



## ପିଆରଏମ ମେଡିକାଲ କଲେଜ ଓ ହସପିଟାଲ ପରିସରରେ ୱାନଷ୍ଟପ ସେଂଟରର ନୂତନ ଗୃହ ଉଦଘାଟିତ



ବାରିପଦା,୧୪/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ୱାନଷ୍ଟପ ସେଂଟର ର ନୂତନ ଗୃହ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ଭାପ୍ରସେଙ୍କ ଦ୍ୱାରା ତା ୧୩/୭/୨୧ ରିଖ ପୂର୍ବାହ୍ନରେ ଉଦଘାଟିତ ହୋଇ ଯାଇଅଛି । ସମାଜରେ ମହିଳାଙ୍କ ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ସମସ୍ତ ଆଇନ୍ ଓ ତତ୍ ସଂପର୍କୀତ ଯୋଜନା କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ବିଶେଷ ଧ୍ୟାନ ଦିଆଯାଇଛି । ଏହାର ସଠିକ୍ ମାର୍ଗ ଦର୍ଶନ ତଥା ଉପଯୋଗ ଦ୍ୱାରା ଯେକୌଣସି ଅସହାୟ ନିର୍ଯ୍ୟାତିତ ଏବଂ ବିପଦସଂକୁଳ ପରିସ୍ଥିତିରେ ସମ୍ମୁଖୀନ ପିଡୀତା ମହିଳାଙ୍କୁ ତ୍ୱରିତ ଆବଶ୍ୟକୀୟ ସୁରକ୍ଷା ଓ ସହାୟତା ଯଥା ଆଇନ ସହାୟତା, ଜରୁରୀ କାଳିନ ଚିକିତ୍ସା ସହାୟତା ଏବଂ ଆଶ୍ରୟ ଥଇଥାନ ଆଦି ସେବା ସହାୟତା ଯୋଗାଇ ଦେବା ମୁଖ୍ୟ ଉଦ୍ଦେଶ୍ୟ ନେଇ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ସଂପୃକ୍ତ ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା, ଜିଲ୍ଲା ଜିଲ୍ଲା ଶିଶୁ ସୁରକ୍ଷା ପ୍ରକଳ୍ପ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜିଲ୍ଲା ଆରକ୍ଷୀ ବିଭାଗ ଏବଂ ୱାନ ଷ୍ଟପ ସେଂଟରରର ଅନୁବନ୍ଧିତ ସଂପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ ଆରଡିଏସିର ମିଳିତ ସହ ଯୋଗରେ ଜିଲ୍ଲାରେ ଗତ ୧୧/୬/୨୦୧୯ ରିଖ ଠାରୁ କାର୍ଯ୍ୟକାରୀ ହୋଇ ଆସୁଥିବା ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସପିଟାଲ ଠାରେ ୱାନଷ୍ଟପ ସେଂଟରର ଏକ ଦ୍ୱିତଳ ପ୍ରସାଦ ଗୃହକୁ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଭାପ୍ରସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦଘାଟିତ କରିବା ସହିତ କାର୍ଯ୍ୟାଳୟ କୋଠରୀ ଓ ଆନୁସଙ୍ଗିକ ବିଧି ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଏହି ନୂତନ ଗୃହଟି କେନ୍ଦ୍ରୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅନୁଦାନରେ ମୋଟ ୩୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ମହିଳା ମାନଙ୍କ ସୁରକ୍ଷା ଦିଗରେ ଉଦ୍ଦିଷ୍ଟଥିବା ଆଇନ ବ୍ୟବସ୍ଥା ଅନୁଯାଇ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ଦିଗରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ସଂପୃକ୍ତ ଅଧିକାରୀ ଓ କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସମ ମାଳା ମିଶ୍ର, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟକ୍ରମ ଅଧିକାରୀ ମୀନତୀ ପୃଷ୍ଟି, ଡା. ଜ୍ଞାନ ରଞ୍ଜନ ମହାନ୍ତି, ହସପିଟାଲ ମେନେଜର ସମୀର ରଞ୍ଜନ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖଙ୍କ ସମେତ ସଂପୃକ୍ତ ସେଚ୍ଛାସେବୀ ସଂଗଠନ ଆରଡିଏସିର ସଂପାଦକ ବିଜୟ କୁମାର ବେହେରା ଏବଂ ସଂପୃକ୍ତ ବିଭାଗ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

### ୬୦ ନଂ ଜାତୀୟ ରାଜପଥରୁ ବିପୁଳ ଧଳା ଜହର ଓ ୩ ଅଭିଯୁକ୍ତଙ୍କୁ ଉଠାଇଲା ଏସ୍‌ଟିଏଫ

ଜଳେଶ୍ୱର ୧୪/୭(ନି.ପ୍ର) : ଜଳେଶ୍ୱର ଓ ଏହାର ଆଖାପାଖ ସହରରେ ବ୍ୟାପକ ବ୍ରାଉନ୍‌ସୁଗର କାରବାର ଚାଲିଥିବା ବେଳେ ଆଜି ଏସ୍‌ଟିଏଫ ବିପୁଳ ଧଳା ଜହର, ୨ଟି ଟେମ୍ପୋ ୩ ଅଭିଯୁକ୍ତଙ୍କୁ ୬୦ନଂ ଜାତୀୟ ରାଜପଥରୁ ଉଠାଇ ନେଇଥିବା ଜଣାଯାଇଛି । ଏକ ଗୁପ୍ତ ତଥ୍ୟକୁ ଆଧାର କରି ଏସ୍‌ଟିଏଫ ଗତ ମଂଗଳବାର ଜଳେଶ୍ୱର ଅଂଚଳରେ ଡେରା ପକାଇଥିଲା । ସକାଳେ ୬୦ନଂ ଜାତୀୟ ରାଜପଥର ଚାଲନ୍ତି ଠାରୁ ଜଣେ ଯୁବକ ଠାରୁ ବିପୁଳ ଧଳା ଜହର ଜବତ୍ କରିବା ସହିତ ନଗଦ ଟଙ୍କା ଓ ମୋବାଇଲ୍ ଫୋନ ପାଇବାରେ ସକ୍ଷମ ହୋଇଥିଲା । ତା ଠାରୁ ଖବର ପାଇ ୬୦ନଂ ଜାତୀୟ ରାଜପଥର ଗୁଡିଖାଳ ଠାରେ ୨ଟି ଟେମ୍ପୋରେ ୨ଜଣ ଧଳ ଜହର ବେପାରୀ ଅପେକ୍ଷା କରିଥିବା ଜାଣି ସେମାନଙ୍କୁ ମଧ୍ୟ ଏହି ଟିମ୍ ଗିରଫ କରିବାରେ ସକ୍ଷମ ହୋଇଛି । ଜବତ୍ ହୋଇଥିବା ଟେମ୍ପୋ ୨ଟି ଅମର୍ଦ୍ଦାରୋଡସ୍ଥିତ ପୁଲିସ୍ ଫାଣ୍ଡିରେ ରଖାଯାଇଥିବା ବେଳେ ବ୍ରାଉନ୍‌ସୁଗର ପ୍ୟାକେଟ, ମୋବାଇଲ, ନଗଦ ଟଙ୍କା ଓ ୩ ଅଭିଯୁକ୍ତଙ୍କୁ ଧରି କଟକ ଏସ୍‌ଟିଏଫ ଟିମ୍ ଫେରିଥିବା ଜଣାଯାଇଛି । ପ୍ରକାଶଯୋଗ୍ୟ ଗତ ସଂଧ୍ୟାରେ ଜଳେଶ୍ୱରରୁ ୫୦ ଗ୍ରାମ ଓ ବାଲେଶ୍ୱରରୁ ୧୦୦ ଗ୍ରାମ ସହିତ ୩ ଯୁବକଙ୍କୁ ପୁଲିସ୍ ଗିରଫ କରିବା ୨୦ ଘଣ୍ଟା ନ ପୁରୁଣୁ ଏସ୍‌ଟିଏଫ ଟିମ୍‌କୁ ଏହି ସଫଳତା ମିଳିଥିବା କୁହାଯାଉଛି । ଗାଁ ଠାରୁ ସହରଯାଏ ଧଳଜହର ପୁଡିଆ ବିକ୍ରି ହେଉଥିବା ବେଳେ ଏହାକୁ ଦୃଢ ହସ୍ତରେ ଦମନ ନ କଲେ ପରିସ୍ଥିତି ଅଣାୟତଭର ହେବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି ।

## ଅତିରିକ୍ତ ଜିଲ୍ଲାପାଳ ଭାବେ ଭବେଶ ନାୟକଙ୍କ ଦାୟିତ୍ୱ ଗ୍ରହଣ



ବାଲେଶ୍ୱର,୧୪/୦୭ (ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଭବେଶ କୁମାର ନାୟକ, ଓଏଏସ(ଏସ) ବାଲେଶ୍ୱର ଜିଲାର ଅତିରିକ୍ତ ଜିଲାପାଳ ଭାବେ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଯୋଗଦାନ ପରେ ସେ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗକୁ ବୁଲିବା ସହିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଆବଶ୍ୟକ ପ୍ରସଙ୍ଗ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲା ପ୍ରଶାସନ ତରଫରୁ ତାଙ୍କୁ ଯେଉଁ ଦାୟିତ୍ୱ ବା କାର୍ଯ୍ୟଭାର ପ୍ରଦାନ କରାଯିବ ତାକୁ ସେ ଦକ୍ଷତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ଦାୟିତ୍ୱ ଆଧାରରେ ଥିବା ସରକାରୀ ଯୋଜନା ଓ ସମସ୍ତ ସୁବିଧା ସୁଯୋଗ ଯେପରି ଜନସାଧାରଣଙ୍କ ନିକଟରେ ପହଞ୍ଚିବ ସେନେଇ ଯତ୍ନବାନ ହେବେ ବୋଲି ସେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ସେ ମୟୂରଭଞ୍ଜ ଜିଲା ଗ୍ରାମ୍ୟ ଉନ୍ନୟନ-ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସୂଚନା ଯୋଗ୍ୟ କି ବାଲେଶ୍ୱରର ଅତିରିକ୍ତ ଜିଲାପାଳ ଭାବେ ନୀଲୁ ମହାପାତ୍ର ସମ୍ପ୍ରତି କାର୍ଯ୍ୟରତ ଥିବାବେଳ ଏଣିକି ଏହି ଜିଲା ପାଇଁ ଦୁଇଜଣ ଅତିରିକ୍ତ ଜିଲାପାଳ ରହିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଦିନକରେ ଚିହ୍ନଟ ନୂଆ ୧୧୫ କରୋନା ସଂକ୍ରମିତ

ବାଲେଶ୍ୱର,୧୪/୦୭ (ନି.ପ୍ର): ସରକାରଙ୍କ ପକ୍ଷରୁ ଜାରି ତାଲାବନ୍ଦ ଓ କୋଭିଡ କଟକଣା ଅବଧି ଶେଷ ହୋଇ ଆସୁଥିବା ବେଳେ ବାଲେଶ୍ୱର ଜିଲାର ସଂକ୍ରମଣ ହାର ବି ହ୍ରାସ ପାଇବାରେ ଲାଗିଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୧୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରେ ୨୩ଜଣ ସଂକ୍ରମିତ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୪ଜଣ, ବାଲିଆପାଳରୁ ୧୧, ବସ୍ତାରୁ ୧୦, ଭୋଗରାଇରୁ ୧୨, ଜଳେଶ୍ୱରରୁ ୧୩, ନୀଳଗିରିରୁ ୧୫, ଔପଦାରୁ ଜଣେ, ରେମୁଣାରୁ ୩, ସଦରରୁ ୧୫ ଓ ସୋର ବ୍ଲକରୁ ୭ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଇଛି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୬,୦୯୩ରେ ପହଞ୍ଚିଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ୩୪,୧୨୩ ଛୁଇଁଛି। ଏବେ ସକ୍ରିୟ ଥିବା ୧,୮୨୫ଜଣ କରୋନା ଆକ୍ରାନ୍ତ ଗୃହ ସଙ୍ଗରୋଧ, କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧରେ କରୋନା ଆକ୍ରାନ୍ତ ୬୩ ବର୍ଷର ଜଣେ ପୁରୁଷ ଓ ୬୫ବର୍ଷର ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୪୦ରେ ପହଞ୍ଚିଥିବା ସରକାରଙ୍କ ୱେବସାଇଟରେ ପ୍ରକାଶ ପାଇଛି।

### ବାଲେଶ୍ୱରରେ ୧୬ରୁ ପୁଣି ଟିକାକରଣ


**GOVERNRMENT OF ODISHA**
**DEPARTMENT OF WATER RESOURCES**
**Office of the Executive Engineer**
**Minor Irrigation Division, Balasore**
**AUCTION SALE NOTICE**
**No.01/2021-22, dated: 01.07.2021**

Phone No. - 06782-262146, PIN No.-756001/ email ID :-mibalasore@yahoo.co.in

The Executive Engineer Minor Irrigation Division, Balasore invites sealed Quotations from the interesterd Persons/ Parties / Agencies of Indian Nationality for auction sale of scarp materials in a lot on **"As is wherer is basis".**

All detail Bid Documents will be available in the office of the Executive Engineer Minor Irrigation Division, Balasore

1) Upset Price : Rs. 3.41 lakhs
2) EMD Cost : Rs. 3410.00
3) Cost of Bid Document : Rs. 2000.00
(All the transaction will be made in the shape of Demand Draft in favorr of Executive Engineer, Minor Irrigation Division Balasore)
4) Date & Time of sale/receipt of bid documents : From 11.00 A.M. of 19.07.2021 up to 4.00 P.M. of 28.07.2021 in the office of the E.E,M.I.D, Balasorer
5) Date & Time of Opening Bid Documents : 19.07.2021 at 11.00 A.M in the office of the E.E,M.I.D, Balasorer

Note : The authority reserves the right to reject any or all the quotations without assigning any reason thererof.

OIPR : 32014/11/0002/2122

**Executive Engineerr**
**Minor Irrigation Division,**
**Balasorer.**



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo